ବୁଝିଲ ହେଲେ ଯେ ଏ ବର୍ଷର ଉଦ୍ବର୍ତ୍ତ ଟଙ୍କା ସର୍ବାପେକ୍ଷା ଅଧିକ ହେବାରୁ ଇଂଲଣ୍ଡ ଭାରତର ରକ୍ତ ଶୋଷଣ କରିବାର ଅପ୍ରମାଣ ହେଲା ତାହା ଜେହୁ ଅନୁମୋଦନ କରନ୍ତେ ନାହିଁ । ପ୍ରକୃତରେ ଜଳ ଭାଗ ଅତ୍ୟନ୍ତ ଅଧିକ ହେବାରୁ ଏତେ ବ୍ୟୟ ବାହୁଲ୍ୟରେ ଉଦ୍ବୃତ୍ତ ହେଉଅଛି । ମାତ୍ର ଉଦ୍ବର୍ତ୍ତ ହେଲାରୁ ଶାସନ କାର୍ଯ୍ୟର ଉନ୍ନତି ଏବଂ ଲୋକଙ୍କର ସୁଖ ସ୍ବଚ୍ଛନ୍ଦତା ବୃଦ୍ଧି ପାଇ ପ୍ରୟୋଜନାନୁସାରେ ଅର୍ଥ ବ୍ୟୟ ହେଉଅଛି କି ? ଅନେକ ପ୍ରକାର ଉନ୍ନତିର କଥା ପଡିଲେ ଅର୍ଥ ନାହିଁ ଥିବାର ସର୍ବଦା ଶୁଣାଯାଏ ଏବଂ କଷ୍ଟାଂକର କର ଉଠାଇବାର ପ୍ରସ୍ତାବ ହେଲେ ଗ୍ରାହ୍ୟ ହୁଅଇ ନାହିଁ ।

---

# ସାପ୍ତାହିକ ସମାଚାର

## କଲିକତା-ଗେଜେଟ ।

ଡେଃ ମାଜେଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଜାନକୀମୋହନ ଦାସ ଓଡ଼ିଶା କଲୋନିଷ୍ଟ କାର୍ଯ୍ୟରୁ ଅବ୍ୟାହତି ପାଇ ଏକମାସ ଛୋଟି ଛୁଟି ପ୍ରାପ୍ତ ହେଲେ ।

ମିଃ ଏଫ୍, ଏ, ସ୍ମାଲ ଓ ଖାଁ ବାହାଦୂର ମୌଲବୀ ଦଗଦର ହୋସେନ ଇହଟିପ ଜ୍ଞେଃ ମ୍ୟାଃ ବାହାଦୂରଙ୍କର ବ୍ୟଂବ, ଶ୍ରାପତ୍ ଘରର ଷତ୍ତା ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ଦୁର୍ଗାଦାସ ମୁଖର୍ଜି ୧ମ ଶ୍ରେଣୀର ସବ ଡେପୁଟୀ କଲେକ୍ଟରୀରେ ବାହାଲ ହେଲେ ।

ବାବୁ ରାମଚରଣ ସାହୁ ୨ୟ ଶ୍ରେଣୀର ସବ ଡେପୁଟୀ କଲେକ୍ଟରୀରେ ବାହାଲ ହେଲେ ।

ଲୁହାର୍ଡାଗ ସବ୍ ଡେପୁଟୀ କଲେକ୍ଟର ମୌଲବୀ ମହମ୍ମଦ ଉସ୍ମାନ ଜଲପାଇଗୁଡ଼ିର ସଦର ମହକୁମାକୁ ସ୍ଥାନାନ୍ତରିତ ହୋଇଅଛନ୍ତି ।

କେନ୍ଦ୍ରାପଡ଼ାର ସବ ଡେଃ କଲେକ୍ଟର ବାବୁ ଗୌରଶ୍ୟାମ ମହାନ୍ତି ୧୮୯୯ ସାଲର ଅଂଶୁଲିକାନ୍ନାରେ ରଜଣା ସମ୍ପର୍କୀୟ ମୋକଦ୍ଦମା ବିଚାର କରିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ପୁରୀ ଜିଲା ସ୍କୁଲର ଡେପୁଟୀ ଇନସ୍ପେକ୍ଟର ବାବୁ ଚନ୍ଦ୍ରମୋହନ ମହାରଣା ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ପୁରୀ ଜିଲା ସ୍କୁଲର ୨ୟ ଶିକ୍ଷକ ବାବୁ ଜଗନ୍ନାଥ ମିଶ୍ର ୬ଷ୍ଠ ଶ୍ରେଣୀରେ ବାହାଲ ହେଲେ ।

ବାଲି ଜିଲା ସବ୍ ଇନସ୍ପେକ୍ଟର ବାବୁ ଜଗନ୍ନାଥ ଦାସ ୭ମ ଶ୍ରେଣୀକୁ ଉନ୍ନତ ଲାଭ କରିଅଛନ୍ତି ।

---

ଏ ସପ୍ତାହରେ କେବଳ ଗତ ରବିବାର ଏ ନଗରରେ ବୃଷ୍ଟି ହୋଇଥିଲା । ବହୁଁ ଲୋକଙ୍କୁ ଦନ୍ତପାତ ହୋଇ ନାହିଁ ଏବଂ ଗରମ୍ଭୀ ଗ୍ରୀଷ୍ମରେ ଲୋକେ ଛଟପଟ ହେଉଅଛନ୍ତି । ଗତ କାଲଠାରୁ ମେଘ ବାହାରିବାର ଜଣା ଯାଉଅଛି ।

ଓଲାଉଠା ଏବେ ଏ ନଗରରେ ଶୁଣା ଯାଏ ନାହିଁ । ନଗର [illegible] ପ୍ରାୟ ବନ୍ଦ ହୋଇଅଛି । କେବଳ ଜ୍ବରର ପ୍ରକୋପ [illegible] । [illegible] ମାସ ଶେଷ ହୋଇଗଲା ମାତ୍ର ମହାନଦୀ ବଢ଼ିଲା [illegible] ବୁ ଏ ପର୍ଯ୍ୟନ୍ତ ବଢ଼ିବାର ଯାଇ ନାହିଁ ।

ଅସନ୍ତା ସୋମବାର ବାଲେଶ୍ବରର ଦୋଳ ମଣ୍ଡଳ ଅରମ୍ଭ ହେବ ।

ଏଠାର ଗତ ବର୍ଷରେ ଯେତେ ପ୍ଲେଗ ଘାସିଥିଲା ପାଇଥିଲେ ହାଇକୋର୍ଟଙ୍କ ଦସ୍ତଖତରେ କେତେକ ଖଲାସ ଓ କେତେକ ଦ୍ବୀପାନ୍ତରିତ ହେଲେ । କେବଳ ଗୋଲପୁରର ଦଣ୍ଡ ଶିକ୍ଷା ଲଭିଲ ଏବ ଗତ ବୁଧବାର ପ୍ରାତଃକାଳରେ ଫାଶି ପାଇଲା ।

ଗତ ବୁଧବାରଠାରୁ ଏ ନଗରର ପ୍ରସିଦ୍ଧ ଦେବାଳୟମାନଙ୍କରେ ଝୁଲଣ ଯାତ୍ରା ହେଉଅଛି ।

ମେଦିନୀପୁରର ମେଦିନୀବାନ୍ଧବ ସମ୍ବାଦପତ୍ର । ଏହିଜଣ ପୋଷ୍ଟମାଷ୍ଟର ସେହି ସମ୍ବାଦପତ୍ର ନାମରେ ମାନହାନିର ନାଲିଶ କରିଅଛନ୍ତି ।

କାଶୀମ ବଜାରର ମହାରାଣୀ ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ ଗବର୍ଣ୍ଣମେଣ୍ଟଙ୍କର ଅବେଶାକ୍ରମେ ତେଜାଗଣବାଲରେ ଉପସ୍ଥିତ ହେବା ଦାୟରୁ ଅବ୍ୟାହତି ପାଇଅଛନ୍ତି ।

ଜର୍ମନ ସାମ୍ରାଜ୍ୟାନ୍ତର୍ଗତ ହେସି ରାଜ୍ୟର ପାରଲିମେଣ୍ଟ ଅଧିକାଂଶ ସଭ୍ୟଙ୍କ ମତରେ ସ୍ଥିର ହୋଇଅଛି ଯେ ଅବିବାହିତ ପୁରୁଷମାନେ ବିବାହିତ ପୁରୁଷାପେକ୍ଷା ଶତକଡ଼ା ଟ ୨୫ ଟଙ୍କା ଲେଖାଏଁ ଅଧିକ ଟିକସ ଦେବେ । ସେ ରାଜ୍ୟର ରମଣୀମାନେ ଏଥିରେ ବଡ଼ ଆନନ୍ଦ ହୋଇଅଛନ୍ତି । ଟିକସ ଦାୟରେ ଅନେକ ପୁରୁଷ ବିବାହ କରିବାକୁ ବାଧ୍ୟ ହେବେ ।

ଅମେରିକାର ଯୁକ୍ତରାଜ୍ୟର ଡାକ୍ତରମାନଙ୍କରେ ଏନ୍ଟିକୋଇନ ନାମରେ ଏକ ଔଷଧ ବାହାର ହେଉଅଛି ଯେ ତଦ୍ଦ୍ବାରା ଅସ୍ତ୍ରଚିକିତ୍ସା ହେଲେ ରୋଗୀ କୌଣସି ଯନ୍ତ୍ରଣା ବୋଧ କରନ୍ତି ନାହିଁ । ଅନ୍ୟାନ୍ୟ ଶାସ୍ତ୍ରରେ ଭିନ୍ନ ଔଷଧ ଦ୍ବାରା ରୋଗୀକୁ ଅଚେତନ କରି ଅସ୍ତ୍ର ପ୍ରୟୋଗ କରିବାର ପ୍ରଥା ଅଛି ।

କଲିକତା ଠାରେ ଜଣେ ସାହେବ ବାଇସାଇକଲ ଚଢ଼ି ବୁଲୁଥିବା ସମୟରେ ଗୋଟିଏ ଠିକା ଗାଡ଼ିର ଚକରେ ତାହା ଲାଗି ଯିବାରୁ ସାହେବ କେତେକ ଦୂର ଓଟାଳି ହୋଇ ଗଲେ ଓ ବାଇସାଇକଲଟି ଚୂର୍ଣ୍ଣୀଭୂତ ହୋଇଗଲା । ସେହି ଠିକା ଗାଡ଼ିର ଜଣେ ଓଡ଼ିଆ ଚଳାଉଥିଲା ଏବଂ ସେ ଦେଢ଼ ମାସ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା ।

କାଶ୍ମୀର ରାଜ୍ୟରେ ଏତଦ୍ଦେଶୀୟ ଉପ୍ତଳମାନଙ୍କଠାରୁ କ୍ଷେତ୍ରର କେତେକାଂଶ ଫସଲର ଭାଗ ଆଦାୟ ହେଉଥିଲା । ବର୍ତ୍ତମାନ ସେ ପ୍ରଥା ଉଠିଯିବାରୁ ସେଠା ଦରବାର ସମୁଦାୟ ଖଜଣା ନଗଦ ଟଙ୍କାରେ ଆଦାୟ କରିବାର ନିୟମ ଚଳାଇଅଛନ୍ତି । ସାଧାରଣ ପ୍ରଥାର ଅଧିକମାନେ ଏଥିରେ ସନ୍ତୁଷ୍ଟ ନୁହଁନ୍ତି ବୋଲି ଜଣାଯାଉଅଛି । କାଶ୍ମୀର ଦରବାର ତାହା ରହିତ କଲେ ଜଣା ନ ଯିବାରୁ ମନରେ ସନ୍ଦେହ ରହିଲା,

ଉତ୍ତରଠାରୁ ଗୋ ୧୫ ଘଣ୍ଟା ଭିତରେ ଅତ୍ୟନ୍ତ ଶୀତ ଜଳିଥିବାର ସମ୍ବାଦ ମିଳିଲା ।

ଲାହୋରର ଏକ ସମ୍ବାଦରୁ ପ୍ରକାଶ ଯେ ଜଣେ ସିପାହି ଅପଣା ସେନାପତିଙ୍କ ଶ୍ୟାଳିକାକୁ ସୁନ୍ଦରୀ ମାନି ପକାଇଅଛି । ସିପାହିର ଦୋଷ ହେତୁ ତାହାକୁ ସ୍ବୀକାର ମେଜର ଶୀଘ୍ର ଦଣ୍ଡ ଦେଉଥିଲେ । ସିପାହି ରାଜ୍ୟ ଏକ ସୁନ୍ଦର ଦମ୍ଭ ଅନ୍ତର ମାରିବାରୁ ସିପାହିମାନେ ସୁନ୍ଦରୀକୁ ତାହାକୁ ମାରି ପକାଇଅଛନ୍ତି ।

ପୁନାଠାରୁ ସମ୍ବାଦ ମିଳିଲା ଯେ ଗତ ସପ୍ତାହ ଜଗଲପୁରରେ ସେଠାରେ ଯେଉଁ ୫ ୨ ଜଣ ସାହେବ ହତ ହୋଇଥିଲେ ସେମାନଙ୍କର ହତ୍ୟାକାରୀଙ୍କୁ ଗ୍ରହଣ କରି ଅଛିବାରେ ଯେଉଁ ବର୍ଣ୍ଣିବମାନେ ଦରଖାସ୍ତ କରିଥିଲେ ସେମାନଙ୍କୁ ଚଳିତ ମାସ ତା ୪ ରିଖରେ ସରକାରଙ୍କ ପକ୍ଷରୁ ସୁନା ଓ ରୂପାର ପଦକ ସମ୍ମାନାର୍ଥେ ଦିଆଯାଇଅଛି ।

ସ୍ବରୂପ ପ୍ରଦତ୍ତ ହେଲା । କମିଶ୍ନର ଗ୍ରେ ସାହେବ ସ୍ବହସ୍ତରେ ପୁରସ୍କାର ବାଣ୍ଟିଥିଲେ ।

ଅହମଦାବାଦଠାରେ ଦୁର୍ଭିକ୍ଷ ସମୁପସ୍ଥିତ ହୋଇଥିବାରୁ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କର ସାହାଯ୍ୟାର୍ଥ ଚାନ୍ଦା ସଂଗ୍ରହ କରିବା କାରଣ ଏକ ସଭା ହୋଇଥିଲା । ଉକ୍ତ ଟଙ୍କା ଚାନ୍ଦା ଉଠାଇବାର ପ୍ରସ୍ତାବ ହୋଇ ସଭା ସ୍ଥଳରେ ଟ ୭୦୦୦ ଟଙ୍କା ସ୍ବାକ୍ଷରିତ ହୋଇଅଛି ।

ଟ୍ରାନ୍ସଭାଲର ଭାଗ୍ୟ ଅଧ୍ୟକ୍ଷର ନାମରେ ବିରକ୍ତ ହୋଇ ଇଂଲଣ୍ଡର ସମ୍ରାଟ ଅପଣାର ଗାଦି ସାମ୍ରାଜ୍ୟ ତେଇ ସିଂହାସନ ପରିତ୍ୟାଗ କରିବାର ପ୍ରସ୍ତାବ କରିଥିବାର ସମ୍ବାଦ ମିଳିଲା । ଫ୍ରାନ୍ସ ଏଥିରେ ଭୀତ ହୋଇ ସମ୍ରାଟଙ୍କୁ ସେଥିରୁ ବିରତ ହେବା ସକାଶେ ଅନୁରୋଧ କରୁଅଛନ୍ତି । ଯାହାସ ବର୍ତ୍ତମାନ ରୁଷିଆ ବଳରେ ବଳବାନ ଏବଂ ସମ୍ରାଟ ସିଂହାସନ ତ୍ୟାଗ କଲେ ଫ୍ରାନ୍ସରୁ ମଧ୍ୟ ପଳାଇବେ ପଡ଼ିବ ।

ଦଗତ ପାରେ ଲୌହଶଳାକା ସାମରିକ କୌଶଳ ପ୍ରଦର୍ଶନ କାର୍ଯ୍ୟ ଚଳିତ ମାସ ତା ୪ ରିଖରେ ଶେଷ ହୋଇଅଛି । ଏ ପ୍ରଦର୍ଶନୀରେ ବିନା ତାରରେ ତାଡ଼ିତ ବାର୍ତ୍ତା ପ୍ରୟୋଗ କରିବାର ପ୍ରକ୍ରିୟା ମଧ୍ୟ ପ୍ରଦର୍ଶିତ ହୋଇ ସମୁଦ୍ରରେ ୬୦ ଠାରୁ ୭୫ ମାଇଲ ଦୂର ପର୍ଯ୍ୟନ୍ତ ବାର୍ତ୍ତା ପ୍ରେରିତ ହୋଇଥିଲା ବୃଷ୍ଟିର ସମସ୍ତ ଅବସ୍ଥାରେ ବାର୍ତ୍ତା ପ୍ରେରିତ ହୋଇଅଛି ।

କଲିକତା ଶିଆଲଦହ ପୁରଠାରେ ଜଣେ କୁଲି ରେଲଵାଇ ଲାଇନରେ ଶୋଇଥିବା ସମୟରେ ତାହା ଗୋଡ଼ ଉପରେ ରେଲଗାଡ଼ି ଚାଲିଯିବା ହେତୁ ଏମନ୍ତ ଭଗ୍ନଭାବରେ ତାହାର ଗୋଡ଼ ଭାଙ୍ଗିଗଲା ଯେ ହାସପାତାଳକୁ ନେଇ ଯିବା ବାଟରେ ତାହାର ପ୍ରାଣ ବାହାରିଗଲା ।

ଭାଗଲପୁର ଠାରେ ଦୁର୍ଭିକ୍ଷର ଆଶଙ୍କା ହୋଇଥିବାରୁ ସେଠାର ରଜା ଲୋକଙ୍କର ରକ୍ଷା ତେଣି ସାହାଯ୍ୟ କାର୍ଯ୍ୟର ବନ୍ଦୋବସ୍ତ କରିବା କାରଣ ସ୍ବୟଂ ଆପଣା ରାଜ୍ୟରେ ଭ୍ରମଣ କରିବା ହେତୁ ବାହାରିଅଛନ୍ତି । —ଏ ଉପ୍ରଗତି ସମୁଚିତ ଅଟେ ।

ପାରିସଠାରେ ଗୋ ୬-ଷ୍ଟ ରେଲଗାଡ଼ି ଧକ୍କା ଖାଇବାରୁ ତଦ୍ବାରା ୦୧୬ ଜଣ ହତ ଏବଂ ୨୭ ଜଣ ଆଘାତପ୍ରାପ୍ତ ହୋଇଥିବାର ସମ୍ବାଦ ମିଳିଲା ।

ଅଲିପୁର ପୌଜ ଅଦାଲତରେ ଜ ୬ ଜଣ ମୁସଲମାନ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିଥିବା ଅପରାଧରେ ୫ ବର୍ଷ ଲେଖାଏ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା । ଏମାନଙ୍କର ଅନ୍ତର୍ଗ ସଙ୍ଗୀ ଅଛନ୍ତି । ମାତ୍ର ସେମାନେ ଧରା ପଡ଼ି ନାହାନ୍ତି ।

ଅସ୍ମାନଙ୍କର ବଡ଼ଲାଟ ବାହାଦୁର ସିମଲାଠାରୁ ଅସାମୀ ଅକ୍ଟୋବର ମାସ ତା ୨୭ ରିଖରେ ବାହାର ନଭେମ୍ବର ମାସ ତା ୧୭ ରିଖରେ କଲିକତାଠାରେ ପହଞ୍ଚିବା ସ୍ଥିର ହୋଇଅଛି ।

କଲିକତା ଭବାନୀପୁର ଡାକଘରର ଜଣେ ହରକରା ଚିଠି ବାଣ୍ଟିବା କାରଣ ନେଇ ତାହାକୁ ନ ବାଣ୍ଟି ପୋଡ଼ି ଦେଉଥିବା ଅପରାଧରେ ୧ ବର୍ଷ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା । ଅସଦ୍ଧର୍ମ ସ୍ବୀକାର କରୁ ନ ଥିଲେ ହରକରାକୁ ଅଡ଼ୁରି କଠିନ ଦଣ୍ଡ ଦିଆ ଯାଇଥାନ୍ତା ।

ମାନ୍ଦ୍ରାଜର ଅଡଭୋକେଟ ଜେନେରଲ ମୁଲିଷ୍ଟ ଭାଇଟ ସାହେବ ସେଠା ହାଇକୋର୍ଟର ପ୍ରଧାନ ବିଚାରପତି ପଦରେ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳିଲା ।

Split by PDF Splitter



ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମହା ମାନନୀୟ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭ ଗ୍ରାମରେ ଶ୍ରୀ ଅଖଣ୍ଡଳେଶ୍ୱର ମହାଦେବଙ୍କର ମନ୍ଦିର ପୂର୍ବରୁ ଭଙ୍ଗା ସଜା ତିଆରି ହୋଇଥିଲେ ମାତ୍ର ଚତୁଃପାର୍ଶ୍ୱ ବେଢ଼ା ଅଦ୍ୟପର୍ଯ୍ୟନ୍ତ ହୋଇ ନ ଥିଲା ଉକ୍ତ ବେଢା ନ ଥିବାରୁ ଉକ୍ତ ପ୍ରଭୁଙ୍କ ଠାରେ ଅନୁଷ୍ଠାନୀୟମାନେ ବହୁତ କଷ୍ଟରେ ସେଠାରେ ରହି କାଳ ଯାପନ କରୁଥିଲେ ବର୍ତ୍ତମାନ ଶ୍ରୀଯୁକ୍ତ ବାବାଜୀ ନୃସିଂହ ଚରଣ ଦାସ ଅଙ୍କକ୍ ପ୍ରାୟ ବ ୬ ର୍ଷ ହେଲା ଆସି ପ୍ରଭୁଙ୍କ ଦର୍ଶନ କରି ଉକ୍ତ ପାର୍ଶ୍ୱ ବେଢ଼ାକୁ ଭିକ୍ଷା ଗ୍ରହଣ ଦ୍ୱାରା ଓ ପ୍ରଭୁଙ୍କ ସିଂହଦ୍ୱାରରେ ଏକ ବାହସ ସ୍ଥାପନା କରି ସେବକମାନଙ୍କଠାରୁ ୧୨ ସୋମବାରରେ ଓ ୮୭ ସୋମବାରରେ ଏକ ୨ ପଇସା ନେଇ ପ୍ରାୟ ଶେଷ କରାଇଲେଣି କେବଳ ଚୂନ କାର୍ଯ୍ୟ ଅଛି ଅଳ୍ପଦିନ ମଧ୍ୟରେ ଶେଷ କରାଇ ପ୍ରତିଷ୍ଠା କରାଇବେ ଉକ୍ତ ବାବାଜୀ ମହାଶୟ ଅଶେଷ ପ୍ରଶଂସାର ପାତ୍ର ଓ ତ୍ର ଏହିପରି ସାଧୁମାନଙ୍କଦ୍ୱାରା ସଂସାରର ଉପକାର ହେଉଅଛି । ଇତ୍ୟଲଂ ।

ବଶମ୍ବଦ

ତା ୧୩।୮।୯୯ } ଶ୍ରୀ ସଚ୍ଚିଦାନନ୍ଦ
। ମୁ । ଖଣ୍ଡଗିରି } ମହାପାତ୍ର

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମଣି ସେଖ ମହମ୍ମଦ | କଟକ | ଟ ୧୩ |
| ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ କଟକ | | ଟ ୩ |
| ଭଗବାନ ପଣ୍ଡା | କଣ୍ଟାଇକସ୍ଥା | ଟ ୩ |
| ମୁନ୍ସି ଏଲାହି ବକ୍ସ | କଟକ | ଟ ୧ |
| ସମ୍ବାଦ ଦାତା | ପଲାଶପୁର | ଟ ୩ |
| ବୈଷ୍ଣବଚରଣ ମହାନ୍ତି | | ଟ ୧ |


ବିଜ୍ଞାପନ ।

ମାଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

ବନାରସି

ବିଶେଷ-ସୁବିଧା ।

ସାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଯାହାଙ୍କର ଯେମନ୍ତ ପସନ୍ଦ ସେ ସେମନ୍ତ ଜିନିଷ ପାଇବେ ଏବଂ ଲାଭ ପ୍ରକାର ବସ୍ତ୍ର ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ କରିଅଛୁ । ଅଳ୍ପ କିମ୍ବା ଅଧିକ ମୂଲ୍ୟର ଜିନିସ


ଯୋଗାଇବାକୁ ସମ୍ପୂର୍ଣ୍ଣରୂପ ମନୋଯୋଗୀ । ଫରମାସ ସଙ୍ଗେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିସ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାଲପତ୍ରରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିସ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ କୌଦ, ଉଦୟଗିରି, ଅଠମଲ୍ଲିକ, ସମ୍ବଲପୁର ଏବଂ ମାନ୍ଦ୍ରାଜାନ୍ତର୍ଗତ ଭିଜାନଗର, ମଞ୍ଜୁଷା ଇତ୍ୟାଦି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶା ସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଉଚିତ ହେବ ଲଫାପା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରିତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲା ଦ୍ୱିବେଣୀ ବନାରସ ସିଟି

ବିଜ୍ଞାପନ ।

ଏ ବର୍ଷର ବନ୍ୟାଜାତ ହରିଡ଼ା, ବାହାଡା, ଅଁଳା, କୋଇଲା, ଲଙ୍କା, କଇଁଚୋଳ ମହୁଲ ତେଲ, ବିସ୍ତୁନ, ଓ ପଳାଣ୍ଡୁ ଅମଦାନି କରିବା ନିମନ୍ତେ ସନ ୧୩୦୭ ସାଲ ବାଦ୍ୟଶ୍ରେ ଭାଦ୍ର ମାସ ତା ୨୨ ଇଣ ଦିବା ଘ ୧୨ ଶା ସମୟରେ ଉକ୍ତ ଉକ୍ତ ରାଜକଚେରୀରେ ପ୍ରକାଶ୍ୟ ନିଲାମ କରାଯିବ ଇଚ୍ଛୁକ ଗ୍ରାହକ ମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ । ଇତି ।

ଅଠଗଡ଼ ରାଜଅଫିସ } Gunanidhi Das
ତା ୨।୮।୯୯ } State officer.


S. BASACK & Co.

No. 200 Harrison road Bara Bazar
CALCUTTA

THE UNIVERSAL AGENY "

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତ ପ୍ରକାର ପ୍ରୟୋଜନୀୟ ଦ୍ରବ୍ୟ-ଅତର, ଗୋଲାପ, ଏସେନ୍ସ କାମିଜାମାନଙ୍କର ବହୁପ୍ରିୟ କେଶବର୍ଦ୍ଧନକାରୀ ଖୁସ୍‌ବୁସ୍ଥିରସ୍ମି ତେଲ, କେଶ ସଂସ୍କାରକ ତେଲ ଓ ସାବୁନ, ସୁବାସିତ ବାଲର କଳ୍ପ, ପୁକସଣ୍ଡା, ପକେଟଘଡ଼ି, ଟାଇମପିସ, ବହୁବିଧ ପ୍ରକାର ଜଞ୍ଜିର, ଫଣ୍ଟ ଅଙ୍ଗୁଷ୍ଠି, ସିଲମୋହର, ରବରଷ୍ଟାମ୍ପ ମାଝିକ ପକେଟ ଲେମ୍ପ, ବଇଫ ଜମାଇବାର କଳ, ଦେଶୀ ସୋଡ଼ା ଓ ଲେମନେଡ଼୍ କଳ ବାଲିଷ୍ଟାରର କଳ ଦାଢି ଛଇ କରିବାର କଳ, ପକେଟ ଛଡ଼ି, ଖୋଲପଞ୍ଜର ଛୁରୀ (ଅର୍ଥାତ୍ ଛୁରୀ କଞ୍ଚି, ଉଖା, କଣ୍ଟା ଇତ୍ୟାଦି ) ନାନାପ୍ରକାରର ପସନ୍ଦଯୋଗ୍ୟ ଦେଶୀ ଓ ବିଲାତି ଧୋତି; ଶାଢ଼ୀ, ମଲମଲ ଚଦର, ମୋଜା, କଞ୍ଜିଫରକ, ଅଙ୍ଗରଖା କୋଟ, ରେସମୀବମ୍ମେଇ ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଟଲଗା ରେସମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସଲିତା—ମେଳ, ରୌଷ୍ୟ, ଆଲମାରି—ସ୍ପେନ୍ଲ ରଙ୍ଗ, ଦୁଧ-ପଞ୍ଚସାଗର, ଦୁଃସ୍ୱାସ୍ଥ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଅମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏହିକଥାରେ ଯେଉଁ ଜିନିଷର ଫରମାସ ହେବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେଉଁ ।

ଅମ୍ଭେମାନେ ସହର ଓ ମୋଫସଲ ବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଅମ୍ଭମାନଙ୍କ ଦ୍ୱାରା କାରବାର କରିବାକୁ ଅନୁରୋଧ କରୁଁ ପ୍ରାୟ ସମସ୍ତ ଜିନିସ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆମେରିକା ପ୍ରଭୃତି ରାଜ୍ୟରୁ ଆଣି ସୁବିଧାଦରରେ ବିକ୍ରୟ କରିପାରୁଁ ବ୍ୟବସାୟ ନିମନ୍ତେ ଏକଥରକେ ଅଧିକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇ ନେବାକୁ ସ୍ୱୀକୃତ ଅଛୁଁ ।

ଏସ, ବସାକ କୋମ୍ପାନୀ

ଯେନ୍ୟୁଇନ ମରଚେଣ୍ଟ ଓ କମିଶନ
ନ ୨୦୦ ନମ୍ବର ହରିସନ ରୋଡ଼ ବ[illegible]
କଲି[illegible]


Digitized by srujanika@gmail.com

## NOTICE

### Cuttack District Board.

Tenders are hereby invited for the execution of the undermentioned works on the 36th mile Chandbali District Road.

Intending Tenderers can obtain all information from the District Engineer's Office or from the Sub-Divisional Office, Gorapur, Kendrapara.

Tenders will be on form No, 2 which will be supplied free of charge.

Tenders to be submitted to the District Engineer before 1st September 1899 in sealed covers superscribed "Tender for Bridge 36th mile Chandbali Road"

Rs 50 in currency notes must accompany a tender for less than Rs 2000, as earnest money, if the tender exceed this amount it must be accompanied by Rs, 100, in currency notes as earnest money.

The general specification of works, Orissa Circle, will be in force

The Chairman District Board does not bind himself to accept the lowest or any tender.

| Approximate quantities. | Description of work. | Date for Commencement of work. | Rate estimated. | Date for Completion. |
|---|---|---|---|---|
| 2650 C. F. | Large Rubble stone for pitching. | 12 Septr. 99 | 8/ 0/0 | End of Oct, 99. |
| 2245 ,, | Stone ballast broken small for concrete. | Do. | 7/8 0/0 | Do. |
| 7000 ,, | Earthwork in founds. | Dec. 99 | 2/8 0/00 | December 99. |
| 2245 ,, | Concrete ( Stone ballast ) | Do. | 12/8 0/0 | Do. |
| 4900 ,, | First class Brick masonry | Do. | 22/ 0/0 | End April 1900. |
| 3000 S. F. | Sand and lime Plaster | Feby. 1900 | 2/ 0/0 | Do. |
| 2650 C, F. | Pitching Rubble stone. | Augt. 1900 | 1/ 0/0 | August 1900. |
| 700 ,, | Sal timber fitted | March 1900 | 2/ c. f. | March 1900. |
| 2400 S. F. | Coaltaring 2 Coats. | Do. | /14 0/0 | Do. |
| 158 Maunds | Iron work Carting from kendrapara lock to site. | Novr. 99 | /1/ maund. | November |
| 200000 C. F. | Earthwork including dressing raising road. | Do. | 2/4 0/00 | March 1900. |
| 66000 S. F. | Turfing and final dressing | July 1900 | 1/ 0/00 | August 1900. |

CUTTACK }
The 11th August 1899 }

Sd. Louis E. Desgratoulet
District Engineer
Cuttack.

## NOTICE.

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

## NOTICE.

### CUTTACK DISTRICT BOARD.

Wanted the following subordinates duly qualified according to Bengal Government notification No. 2306 L. S, G. dated 12 April 1897.

An OVERSEER with practical perience of works. The pay sanctioned is Rs, 60 to 100 per mensem with Rs. 30 travelling allowance.

The appointment will be probationary for six months during which the pay will be Rs. 60 with Rs. 30 travelling allowance. On the expiry of the probationary service the rate pay will be decided according to the Overseer's abilities and deligence. The selected candidate will have to produce a health certificate signed by the Civil Surgeon.

Two SURVEYOR SUB-OVERSEERS on Rs. 20 to Rs. 30 pay per mensem with Rs, 15 travelling allowance per mensem, while in the field.

These appointments are temporary but good men would probably find employment for several years with the prospect of being put on the permanent works Establishment, should they give satisfaction, on any vacancy occurring.

These appointments are unsuitable for Europeans or Eurasians. Other things being equal, preference will be given to Uriyas and to those domiciled in Orissa.

Applications with copies of Testimonials and certificates to be submitted before the 15th September to

The District Engineer,
District Board's office,
Collectorate
Cuttack.

( ସର୍ବକାଳର ପରୀକ୍ଷିତ । )

## ଯାଦୁରି ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ଦୁଇ ଡବା ଟ ୦ ।୵ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ଥିବେ ଏହି ଔଷଧ ନେଇ ସେହି ଦଦ୍ରୁରେ ବ୍ୟବହାର କରନ୍ତୁ । କୁଣ୍ଡା, ଯନ୍ତ୍ରଣା ସ୍ଥଳ ଏମନ୍ତ ମହୋପକାରୀ ଗୁଣ ନିର୍ଦ୍ଦୋଷ ଔଷଧ ଏ ଯାଏ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶହ ଶହ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ ।

ଔଷଧ ଗ୍ରହଣାର୍ଥୀ ମାନଙ୍କେ ଆପଣା ନାମ, ଧାମ, ଡାକଘର, ଜିଲ୍ଲା ଏବଂ ତାହାର କେତେ ଡବା ଆବଶ୍ୟକ ସେହି ସ୍ପଷ୍ଟ କରି ନିମ୍ନ ଠିକଣାରୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀରାମତାରକ ସେନ
ଦେବଉତ୍କଳପ୍ରେସ୍; ବାଲେଶ୍ୱର ।

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନକୁ ଯାଏ,

Split by PDF Splitter
Digitized by srujanika@gmail.com

ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ସୁଯୁଗଡ଼, ସରେଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଯୋଡ଼ି, ଓଢ଼ଣା, ଡଂଗାପ, କାମ୍ପା ସଙ୍ଗୀ ଦୋପଟ୍ଟା ଝିଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରହିଥିବା ଖଚିତ ଅଙ୍ଗୁସ୍ତ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବସ୍ତୁର ଅନୁସାରେ ତିଆରି କରିଦେଉଁ । ବସ୍ତୁ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାକୁ ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ଶୀଘ୍ର ପତ୍ରରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ
ଲୁଣ୍ଡଗଲ ଫାଟକ ବନାରସ ସିଟି

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୭ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକାରୁ ଔଷଧ ଆମଦାନୀ ହୁଏ ଏଣେ ଉର୍ଦ୍ଦ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ଔଷଧ ବାକ୍ସ ପୁସ୍ତକ କ୍ୟାମ୍ପର ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୷, ୫ ୨୦, ୨୨ ୧୪ ଶିଶି ୨, ୩, ୩, ୩ ୬୩ ୭, ୧୧୷

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନେରିଆ) ଖଡଜଳ ତୁଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ଯୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦/୦, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ ।

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଅସ୍ମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ଉତ୍କୃଷ୍ଟ ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, କୃପଦଂଶଜନିତ କ୍ଷତ, ଚର୍ମ୍ମ ଅନ୍ୟବିଧ ଦୂଷିତ କ୍ଷତ ଗଳଗଣ୍ଡ, ଆମବାତ, ବିସ୍ଫୋଟକ, ଗଣ୍ଡମାଳା, ଦାଦ୍ରୁ, ଭୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମ୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ୫ ୧୨, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ ୷ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶ୍ୱଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୷, ଭି, ପି, ଟ ୦/୦ ପ୍ୟାକିଂ ଟ ୦ ୵ ଡାକମାସୁଲ ଟ ୦ ୷ ।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରର ତରଲ୍ୟ ଖଡଜଳବତ୍ ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମାଦି ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ ଜଣାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଅମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କଦରଗଞ୍ଜ, ବାଲୁବଜାର କଟକ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

| | |
|---|---|
| ପ୍ରଥମଥର ସକାଶେ | |
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ନ୍ୟୁନ ହେଲେ ହେଁ ତହିଁର ସର୍ତ୍ତୀ ଟ ୦ ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତତ୍ପରଥର ସକାଶେ ଏହା ପ୍ରଥମ ଥରର ତିନି ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହିତ କଟକ ଚଉଧୁରୀ ବଜାର ପ୍ରିଣ୍ଟିଂ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81

285

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭା ୩୪ ଗ | ସ ୩୪ ଖ୍ୟା

ତା ୨୨ ରଖ ମାହେ ଅଗଷ୍ଟ ସନ ୧୮୯୧ ମସିହା । ମୁ । ତ ୧୨ ଝ ଭାଦ୍ର ସନ ୧୩୦୭ ସାଲ ଶନିବାର ।

ଅଗ୍ରୀମ ଟ ୩୧ | ପଶ୍ଚାତେ ଟ ୬୧

ବିଶ୍ୱବିଦ୍ୟାଳୟର ଗତ ଏଫ୍, ଏ, ପରୀକ୍ଷାରେ ଏଠା ରେଭେନ୍ସା କଲେଜର ଛାତ୍ର ରାଧାକୃଷ୍ଣ ଦାସ ସଂସ୍କୃତ ଭାଷାରେ ସର୍ବୋଚ୍ଚ ସ୍ଥାନ ପାଇଅଛନ୍ତି ଓ ସେଥି ନିମନ୍ତେ ସେ ପୁରସ୍କାର ପାଇବାର ଯୋଗ୍ୟ ହୋଇଅଛନ୍ତି । ପ୍ରବେଶିକା ପରୀକ୍ଷାରେ ମଧ୍ୟ ସେ ସଂସ୍କୃତଭାଷାରେ ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ ହୋଇ ପୁରସ୍କାର ପାଇଥିଲେ । ଓଡ଼ିଶା ପ୍ରତି ଏହା ଶୁଭ ସମ୍ବାଦ ଅଟେ ।

---

କିଛୁଦିନ ପୂର୍ବେ ଧୀରାନନ୍ଦସ୍ୱାମୀ ନାମଧାରୀ ଯେଉଁ ବ୍ୟକ୍ତି ଏ ନଗରବାସୀ କେତେ ଲୋକଙ୍କ ଠାରୁ ଗୋରକ୍ଷଣୀ ସଭା ନିମନ୍ତେ ଚେନ୍ଦା ଠକି ନେଇ ଅନ୍ତର୍ଦ୍ଧାନ ହୋଇଥିବା ଅଭିଯୋଗରେ ତାହାଙ୍କ ନାମରେ ପୋଲିସ ନାଲିସ କରିଥିବାର ଲେଖିଥିଲୁଁ । ସେ ଅନେକ ଅନୁସନ୍ଧାନରେ ବଙ୍ଗଳାରେ ଧୃତ ହୋଇ ଯାମିନରେ ଖଲାସ ହୋଇ ଅଛନ୍ତି । ସେ ନିକଟରେ ଏଠାକୁ ଆସିଲେ ତାହାଙ୍କ ନାମରେ ମୋକଦ୍ଦମା ଚଳିବ ଏବଂ ତହିଁରେ ଅନେକ ରହସ୍ୟ ପ୍ରକାଶ ପାଇବାର ଆଶା ହୁଅଇ ।

---

ଗତ ଶନିବାର ଏ ଜିଲ୍ଲାର ଫୌଜଦାରୀ ଅଧିବେଶନ ଶେଷ ହେଲା । ମହେଶଚନ୍ଦ୍ର ସମାଦାର ନାମକ ଜଣେ ଯୁବକ ଏଥି ପୂର୍ବେ ତାହାର ପିତାମାତାଙ୍କୁ ପୋଡି ପକାଇବା ଉଦ୍ଦେଶ୍ୟରେ ସେମାନେ ଯେଉଁ ଘରେ ଶୋଇଥିଲେ, ସେହି ଘରେ ନିଆଁ ଲଗାଇ ଦେଇଥିଲା । ଘର ପୋଡି ଯାଇଥିଲା କିନ୍ତୁ ପିତା ମାତା ରକ୍ଷା ପାଇଥିଲେ । ଜଜ୍ ସାହେବ ତାହାକୁ ତିନି ମାସ କଏଦଦଣ୍ଡ ଦେଇଥିଲେ । ଗତ ଚନ୍ଦନଯାତ୍ରା ସମୟରେ ସେ ତାହାର ପତ୍ନୀକୁ ପୋଡି ପକାଇବା ଉଦ୍ଦେଶ୍ୟରେ ତାହାର ଶ୍ୱଶୁର ଘରେ ନିଆଁ ଲଗାଇ ଦେବାରୁ ଶ୍ୱଶୁର ବଂଶର ଘର ପୋଡିଗଲା । ଏଥର ତାହାର ଯାବଜ୍ଜୀବନ ଦ୍ୱୀପାନ୍ତରଦଣ୍ଡ ହୋଇଅଛି ।

---

ତ୍ରିବାଙ୍କୁଡର ମହାରାଜା ସ୍ୱରାଜ୍ୟର ଦୁଇଜଣ ଛାତ୍ରଙ୍କୁ ବୃତ୍ତି ଦେଇ ଡେରାଡୁନର ସରକାରୀ ଫରେଷ୍ଟ ସ୍କୁଲରେ ପଢ଼ାଇବାର ପ୍ରସ୍ତାବ କରିଅଛନ୍ତି । ସେମାନେ ଉକ୍ତ ବୃତ୍ତି ନିମନ୍ତେ ଏକ-ଖରନାମା ଲେଖି ଦେବେ ଯେ ପାସ କଲା ଉତ୍ତାରୁ ୧୦ ବର୍ଷ ପର୍ଯ୍ୟନ୍ତ ତ୍ରିବାଙ୍କୁଡ଼ ସରକାରଙ୍କ ଅଧୀନରେ ଜଙ୍ଗଲ ମହକୁମା କାର୍ଯ୍ୟ କରିବେ ଏବଂ ଯେଉଁ ବେତନ ସେ ମହକୁମାରେ ଧାର୍ଯ୍ୟ ଅଛି ତାହା ପାଇବେ । ପାସ କରି ଆସି କାର୍ଯ୍ୟ ପାଇବାକୁ ଯେତେ ବିଳମ୍ବ ହେବ ସେହି ୧୦ ବର୍ଷ ମଧ୍ୟରେ ତାହା ଧରା ଯିବ । ଅନ୍ୟାନ୍ୟ ରାଜାଙ୍କର ଏ ଦୃଷ୍ଟାନ୍ତର ଅନୁଗାମୀ ହେବା ବାଞ୍ଛନୀୟ ।

---

ପୁରୀ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଡାକ୍ତର ଦେଣ୍ଟଲ ସାହେବ ଏକ ଲିଖିତ ହୁକୁମରେ ସେଠା କମିଶନରମାନଙ୍କ ପ୍ରତି ଅଯଥା କଟୂ ଶବ୍ଦ ପ୍ରୟୋଗ କରିଥିବାରୁ ସେମାନେ ଉକ୍ତ ଶବ୍ଦମାନଙ୍କୁ ପ୍ରତ୍ୟାହାର କରି କ୍ଷମା ପ୍ରାର୍ଥନା ନିମନ୍ତେ ତାହାଙ୍କୁ ଲେଖିଥିଲେ । ସାହେବ ମହୋଦୟ ତହିଁରେ ଅସନ୍ତୁଷ୍ଟ ହୋଇ ଇସ୍ତଫା ଦାଖଲ କଲେ ମାତ୍ର କମିଶନରମାନେ ଇସ୍ତଫା ଗ୍ରହଣ ନ କରି ବିଶେଷ ଅଧିବେଶନରେ ତାହାଙ୍କୁ ବରଖାସ୍ତ କରିଅଛନ୍ତି ଏବଂ ସମସ୍ତ ବିଷୟ ଜଇଣ୍ଟ ମାଜିଷ୍ଟ୍ରେଟ ସାହେବଙ୍କୁ ଜଣାଇଅଛନ୍ତି । ଆଶା ହୁଏତ ସମସ୍ତ ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ ହେବ ଏବଂ ସେଠାରୁ ତହିଁର ସୁବିଚାର ହେବ ।

---

ବଙ୍ଗ ପ୍ରଦେଶର ସରକାରୀ ମୋକଦ୍ଦମା ସମ୍ବନ୍ଧୀୟ ଗତ ବାର୍ଷିକ ରିପୋର୍ଟ ପାଠ କରି ମାନ୍ୟବର ବଙ୍ଗେଶ୍ୱର ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହୁଅଛନ୍ତି କି ସରକାରୀ ମୋକଦ୍ଦମା ପରିଚାଳନ କାର୍ଯ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ଅବନତି ଘଟିଅଛି । ବର୍ତ୍ତିତ ବର୍ଷର ମୋକଦ୍ଦମାର ସଂଖ୍ୟା ଗତ ବର୍ଷଠାରୁ ଅଧିକ ହୋଇଥିଲା ଅଥଚ ଗତ ଦୁଇବର୍ଷର ଫଳ ତୁଳନାରେ ଏ ବର୍ଷର ଫଳ ମନ୍ଦ ହୋଇଥିଲା । ଉକ୍ତୀକାଶ

Digitized by srujanika@gmail.com

ହ୍ୱାସ ବ ସରକାର ବ ନାବାଲଗି ମହାଲ ଏହାବା କୌଣସି ସ୍ଥଳେ ବିଶେଷ ଟଙ୍କା ଅଦାୟ ହୋଇ ପାରୁ ନ ଥିଲା ।

---

ଏଠା ହରମଲସ୍କୁଲ ସ୍ୱାଦର୍ଶ ସମ୍ପତ୍ତିର ତତ୍ତ୍ୱାବଧାନ ନିମନ୍ତେ ନିଯୁକ୍ତ ହୋଇଥିବା ନୂତନ କମିଟିର ପ୍ରଥମ ଅଧିବେଶନ ଗତମାସ ତା ୨୦ ରିଖରେ ହୋଇଥିଲା । ସେହି ଅଧିବେଶନର କାର୍ଯ୍ୟ ବିବରଣର ଏକଖଣ୍ଡ ପ୍ରତିଲିପି ଅମ୍ଭେମାନେ ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ତାହା ଅସମୟରେ ହସ୍ତଗତ ହେବାରୁ ଆଗାମୀ ସପ୍ତାହକୁ ରଖିଦେବାକୁ ବାଧ ହେଲୁଁ ।

ହରମ ଭସ୍ମଙ୍କର ସେବା ଉଦ୍ୟାନରେ ଶାନ୍ତ ବିଶୃଙ୍ଖଳା ଘଟିବାର ଅନେକ ଲୋକ ପ୍ରକାଶ କଲେ ଏବଂ ହରମ ଭସ୍ମଙ୍କର ଦାରୋଗା ଜଜ ସାହେବଙ୍କର କମିଟି ନିଯୋଗ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରିବା କାରଣ କଲିକତାକୁ ଯାଇଥିବାର ଜଣାଗଲା ।

---

ଗତତ ମାସ ତା ୧୮ ରିଖର ସରକାରୀ ସମ୍ବାଦରୁ ପ୍ରକାଶ ଯେ ସବପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ଲୋକଙ୍କ ସଂଖ୍ୟା ୨୪,୨୬୧ ପର୍ଯ୍ୟନ୍ତ ଅର୍ଥାତ୍ ଗତମାସର ସଂଖ୍ୟାଠାରୁ ପ୍ରାୟ ୩ ଗୁଣ ବୃଦ୍ଧି ହୋଇଅଛି ଏବଂ ମଧ୍ୟପ୍ରଦେଶରେ ୧୨୮୩ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଅଛନ୍ତି । ମଧ୍ୟପ୍ରଦେଶର ସରକାରୀ ଜଙ୍ଗଲମାନ ଗୋମେଷାଦି ଚରାଇବା ନିମନ୍ତେ ଖୋଲା ହୋଇଅଛି । ସୁରତ, ଖାନ୍ଦେଶ ଏବଂ ଅନ୍ୟ କେତେକ ଜିଲ୍ଲାରେ ବୃଷ୍ଟି ଅଭାବରେ ଫସଲ ମରିଯାଉଅଛି । ବମ୍ବାଇ ପ୍ରଦେଶର କେତେକ ସ୍ଥାନରେ ସାମାନ୍ୟ ବୃଷ୍ଟିଦ୍ୱାରା ଫସଲର ଅଳ୍ପ ଉପକାର ହୋଇଅଛି ମାତ୍ର ଅଧିକାଂଶ ସ୍ଥାନର ଅବସ୍ଥା ଶୋଚନୀୟ ଅଟେ ।

---

ଏଠା କଲେକ୍ଟରୀ ମହଲୁମରେ ଗୋଟିଏ କିରାଣୀ ପଦ ଖାଲି ହେବାରୁ କଲେକ୍ଟର ସାହେବ ମହାଫିଜଖାନାର ଜଣେ ମୋହରରଙ୍କୁ ନିଯୁକ୍ତ କରି ତାଙ୍କ ସ୍ଥାନରେ ବନ୍ଦୋବସ୍ତ ମହଲୁମର ଜଣେ ଅମଲଙ୍କୁ ନିଯୁକ୍ତ କରିଅଛନ୍ତି । ସାହେବ ମହୋଦୟ ଅତି ଅଳ୍ପ ଦିବସ ମଧ୍ୟରେ ଅନେକ ଗୁଡ଼ିଏ ବନ୍ଦୋବସ୍ତ ଲୋକଙ୍କୁ ନିଯୁକ୍ତ କଲେଣି । ଏପରି ଷ୍ଟେସନରେ କଲେକ୍ଟରୀ ମହଲୁମର ଜାଏଜନବିସ ଓ ଇନ୍ଦ୍ରଭେତନର ଅମଲମାନଙ୍କ

ଦାବୀ ଉପେକ୍ଷିତ ହୋଇଅଛି । ଏହି କାରଣରୁ ସେମାନେ ଭବିଷ୍ୟତର ଆଶା ପରିତ୍ୟାଗ କରି ହତାଶ ହୋଇ ଦୁଃଖିତ ଚିତ୍ତରେ ଦରଖାସ୍ତ କରିଗଲେଣି । ଭରସା କରୁଁ ସାହେବ ମହୋଦୟ ସେମାନଙ୍କ ଦାବିର ସୁବିଚାର କରିବେ ।

---

ମଧ୍ୟପ୍ରଦେଶର ପ୍ରଧାନ କମିଶନର ମାନ୍ୟବର ଶ୍ରୀଯୁକ୍ତ ଇବେଟସନ୍ ସାହେବ ସେ ପ୍ରଦେଶରେ ଅତ୍ୟନ୍ତ ଜଳାଭାବ ହେତୁ ଫସଲର ଶୋଚନୀୟ ଅବସ୍ଥା ଘଟିବାର ଆଶଙ୍କା କରି ତହିଁରୁ ରକ୍ଷା ପାଇବାର ଉପାୟ ସ୍ଥିର କରିବା କାରଣ ପ୍ରବୃତ୍ତ ହୋଇଅଛନ୍ତି । ସେଥି ମଧ୍ୟରେ ନାଗପୁର ବିଭାଗର କମିଶନର ଏବଂ ତାହାଙ୍କ ଅଧୀନସ୍ଥ ଜିଲ୍ଲା ଡେପୁଟି କମିଶନରମାନଙ୍କୁ ଡକାଇ ଏକ ବୈଠକ କରି ଫସଲର ଅବସ୍ଥା ସେମାନଙ୍କଠାରୁ ଅବଗତ ହୋଇ ଅବ୍ୟବସ୍ଥା ଉପସ୍ଥିତ ହେଲେ ଯାହା କରିବାକୁ ହେବ ବୁଝାଇ ଦେଇ ମୋଫସଲ କସ୍ତିରେ ବାହାରି ସ୍ୱଏସ୍ୱର ଜବଲପୁର ଏବଂ ନରବଦାରେ ସେହିପରି ବୈଠକମାନ କରିଅଛନ୍ତି । ଗତ ଅକାଳକଷ୍ଟରେ ମଧ୍ୟପ୍ରଦେଶର କର୍ମଗୁରୁଙ୍କର ଅନେକ କ୍ଷତି ହୋଇଥିଲା । ଭରସା ହୁଅଇ ଏଥର ନିତାନ୍ତ ଦୈବ ପ୍ରତିକୂଳ ହେଲେ ସେପରି କ୍ଷତି ହେବ ନାହିଁ ।

---

ରଙ୍ଗୁନରେ ଟଙ୍କା ଋଣ ଦେବାର ବ୍ୟବସାୟ କରୁଥିବା ଦକ୍ଷିଣୀ ଚେଟମାନଙ୍କ ମନରେ ଧାରଣା ହୋଇଅଛି ଯେ ଆସନ୍ତା ଡିସେମ୍ବର ମାସରେ ପୃଥିବୀ ପ୍ରଳୟ ହୋଇଯିବ । ଏହି କୁସଂସ୍କାର ହେତୁ ସେମାନେ ଏକପ୍ରକାର ମହାଜନୀ ବନ୍ଦ କରିଗଲେଣି ଏବଂ ବକାୟା ପାଉଣା ଉସୁଲ କରିବାକୁ ଅତ୍ୟନ୍ତ ତତ୍ପର ହୋଇଅଛନ୍ତି । ଏଥିରେ ମଧ୍ୟବର୍ତ୍ତୀ ଓ ସାମାନ୍ୟ ବ୍ୟବସାୟୀଙ୍କର ବଡ଼ କଷ୍ଟ ହୋଇଅଛି କାରଣ ଋଣ ବିନା ସେମାନଙ୍କର କାରବାର ଚଳିବା ଅସମ୍ଭବ । ସମ୍ଭବତଃ ଅଧିକ ସୁଧର ଆଶାରେ ମହାଜନମାନେ ଏ କଥା ରଟାଇଅଛନ୍ତି । ନତୁବା ସେମାନେ କି ଜାଣନ୍ତି ନାହିଁ ଯେବେ ପୃଥିବୀ ନଷ୍ଟ ହୋଇଯିବ ତେବେ ସେମାନେ ଆପଣା ସଞ୍ଚିତ ଅର୍ଥ ଅବଶ୍ୟ ଛାଡ଼ିଦେଇ ଯିବେ । ତେବେ ବକାୟା ପାଉଣା ଅଦାୟ ନିମନ୍ତେ ବ୍ୟସ୍ତ ହୋଇ ଲୋକଙ୍କୁ କଷ୍ଟ ଦେବାର ପ୍ରୟୋଜନ କି ?

---

ସମସ୍ତ ଭାରତରେ ଆୟ ଯୋଗ୍ୟ କେନାଲ ଅର୍ଥାତ୍ ନାଲ ଶ୍ରେଣୀ ୩୪ ଟା ଅଛି । ସନ ୧୮୯୬।୯୭ ସାଲରେ ସେ ସମସ୍ତରୁ ଯେତେ ଆୟ ହୋଇଥିଲା ତାହା ମୂଳଧନ ଉପରେ ଶତକରା ଟ ୬।୵ ପଡ଼ିଥିଲା ମାତ୍ର ସନ ୧୮୯୬।୯୮ ର ଶତକରା ତହିଁରୁ ବଢ଼ିଯାଇ ଟ ୭୯ ପଡ଼ିଥିଲା ଯେ ସବୁ ନାଲ ମଧ୍ୟରେ ଗୋ ୨୮ ଟା ଶ୍ରେଷ୍ଠ ଅଟେ ଏବଂ ତହିଁର ଲାଭ ଶତକରା ଟ ୧୦ ୮ ହାରୁ ଉର୍ଦ୍ଧ୍ୱ ହୋଇଥିଲା । ନାଲମାନଙ୍କର ଆୟ ମଧ୍ୟ ସେ ସମସ୍ତର କାର୍ଯ୍ୟ ନିର୍ବାହ ସମସ୍ତ ବ୍ୟୟ ଏବଂ ମୂଳଧନର ସୁଧ କଟିଯାଇ ସରକାରଙ୍କର ନିଟ ମୁନାଫା ସନ ୧୮୯୬।୯୭ ସାଲରେ ଟ ୪୮,୪୭,୨୬୧ ଏବଂ ସନ ୧୮୯୭।୯୮ ସାଲରେ ଟ ୬୦,୧୪,୪୬୧ ୮ ହୋଇ ଥିଲା । ଏହା ଅତ୍ୟନ୍ତ ସନ୍ତୋଷଜନକ ଅଟେ । ଏଥି ପୂର୍ବେ ନାଲଦ୍ୱାରା ସରକାରଙ୍କର ଏତେ ଲାଭ ହେବେ ହୋଇ ନ ଥିଲା ।

---

ଏହି ପତ୍ରିକାର ଅଧିକାରୀ କଟକ ପ୍ରିଣ୍ଟିଙ୍ଗକମ୍ପାନୀ ସନ ୧୮୬୪ ସାଲରେ ଯେତେବେଳେ ପ୍ରଥମେ ସ୍ଥାପିତ ହେଲା ତେତେବେଳେ ସେ ସମୟର ପ୍ରଚଳିତ ଆଇନାନୁସାରେ ଏହାକୁ ରେଜେଷ୍ଟରୀ କରାଇବାର ସଙ୍କଳ୍ପ ନ ଥିଲା । ମାତ୍ର ନାନା କାରଣରୁ ଏପର୍ଯ୍ୟନ୍ତ ରେଜେଷ୍ଟରୀ ସ୍ଥଗିତ ଥିଲା । ଏଣିକି କମ୍ପାନୀର କାର୍ଯ୍ୟ ବିସ୍ତାର ହେବା ହେତୁ ଦେଣା ପାଉଣା ଅଦାୟର ଅଥବା ସୁବିଧା କରିବା ଆବଶ୍ୟକ ହେବାରୁ ଗତ ଜୁନମାସରେ କମ୍ପାନୀର ଅଂଶୀମାନେ ଏକ ସାଧାରଣ ସଭାରେ କମ୍ପାନୀ ରେଜେଷ୍ଟରୀ କରାଇବାର ସମ୍ମତି ପ୍ରଦାନ କଲେ ଏବଂ ତଦନୁସାରେ ଆବେଦନ ପତ୍ର ପଠାଯିବାରେ ବଙ୍ଗପ୍ରଦେଶର କମ୍ପାନୀ ସମୂହର ରେଜେଷ୍ଟ୍ରାର ସନ ୧୮୮୨ ସାଲର ୬ ଆଇନର ୭ ଅଧ୍ୟାୟ ଅନୁସାରେ ଗତତ ମାସ ତାରିଖରେ କଟକ ପ୍ରିଣ୍ଟିଂକମ୍ପାନୀକୁ ନିୟମରେ ରେଜେଷ୍ଟରୀ କରି ସନନ୍ଦ ପଠାଇ ଦେଇଅଛନ୍ତି । ସେହି ତାରିଖଠାରୁ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ନାମରେ "ଲିମିଟେଡ" ଶବ୍ଦ ଯୋଗ ହେଲା । ଏହି କମ୍ପାନୀ ଓଡ଼ିଶାର ପ୍ରଥମ କମ୍ପାନୀ ଥିଲା । ବର୍ତ୍ତମାନ ପ୍ରଥମ ରେଜେଷ୍ଟରୀ ଭୁକ୍ତ କମ୍ପାନୀ ହେଲା । ଅମ୍ଭେମାନେ ଏହାର ଦୀର୍ଘଜୀବନ ଏବଂ ସୌଭାଗ୍ୟ କାମନା କରୁଁ ।

---

Digitized by srujanika@gmail.com

Split by PDF Splitter



ଯାଜପୁର ସବଡିଭିଜନରେ ଏକ ବୃହତ ଚୋରି ହୋଇଅଛି। ବାଉଁଶୀ ପ୍ରଗନା ମଦାଂ ଖାଲପଡ଼ା ଗ୍ରାମର ଲୁତ୍ପନ ନାୟକ ଘରୁ ଗତ ଜୁଲାଇମାସ ତା ୧୭ ରାତ୍ର ଶେଷରେ ନଗଦ ଟ ୧୨୦୦୦ ଙ୍କା ଓ ଅଲଙ୍କାର ଟ ୨୦୦୦ ଙ୍କା ଯାଏ ୧୪୦୦୦ ଙ୍କା ଚୋରି ଯାଇଅଛି। ସମ୍ବାଦ ପାଇ ପ୍ରଥମେ ପୁଲିସ ହେଡ଼କନଷ୍ଟେବଲ ଲୁତ୍ପନ ନାୟକର ଘର ସଂଲଗ୍ନ ସାଧୁଚରଣର ଘର-ଯାଏର କାନ୍ଥ ଭଙ୍ଗାହୋଇ ପଡ଼ିଥିବାର ଦେଖି ସାଧୁଚରଣ ଓ ତାହାର ପୁତ୍ରକୁ ଚାଲେ-ଇଜେନାକୁ ସନ୍ଦେହ କରି ଧରିବାରେ ସେମା-ନଙ୍କଠାରୁ ପ୍ରକାଶ ପାଇଲା ଯେ ତେନ୍ତାପଡ଼ା ଅଞ୍ଚଳର ଜମିଦାର ଶଙ୍କରନାଥ ପ୍ରଭୃତି ଗୃହ-ଜଣ ଜାତି ଚୋରଙ୍କୁ ଗ୍ରାମବାସୀ ଜ ୨୦।୨୫ ଜଣ ଆଣାଇଁ ଅବାରିତ ସାଥିବା ନିମନ୍ତେ ଚୋରି କରାଇଅଛନ୍ତି। ସାଧୁଚରଣ ଓ ଚାଲେଇ ସେମାନଙ୍କର ଭାଗ ନେଇଅଛନ୍ତି। ଲୁଗବାକରୁ ନଗଦ ଟଙ୍କା ଓ ମାଲ କେତେକ ସେମାନଙ୍କଠାରୁ ବାହାରିଅଛି। ପରେ ଯାଜପୁରର ପୁଲିସ ଇନ୍‌ସ୍ପେକଟର ଓ ସବ୍ ଇନ୍‌ସ୍ପେକ୍ଟରର ତଦାରଖ କଲେ ଏବଂ ସେମାନଙ୍କ ତଦାରଖରେ ମୂଢେଇ ସନ୍ତୁଷ୍ଟ ନ ହୋଇ ପୁଲିସ ସୁପ୍ରିଣ୍ଟେଣ୍ଡ ଜଣାଇବାରେ ସେ କଟକର ଇନସ୍ପେକ୍ଟର ବାବୁ ଅନଙ୍ଗ ମୋହନ ଚକ୍ରବର୍ତ୍ତିଙ୍କୁ ପଠାଇଲେ। ସେ ତଦାରଖ କରି ରିପୋର୍ଟ ଦେଇଅଛନ୍ତି ଏବଂ ସବ୍‌ଡିଭିଜନ ମାଜିଷ୍ଟ୍ରେଟ ଅଦ୍ୟାପି ଜ ୭ ଜଣ ଆସାମି ଉପରେ ଉଆରେଣ୍ଟ ଜାରି କରିଅଛନ୍ତି। ମୋ[ଦ୍ଦ]ମାର ବିଚାର ହେଉଅଛି।

---

ଗତ ପୂର୍ବ ବୁଧବାର ସୂର୍ଯ୍ୟୋଦୟ ପୂର୍ବେ କଲିକତାର ବଣ୍ଡଲ ପ୍ରସ୍ଥ ଜାନାଇଲାଲ ଦେ ବାହାଦୂର ଏ ସଂସାରରୁ ବିଦାୟ ହୋଇଗଲେ। ତାହାଙ୍କ ମୃତ୍ୟୁ ଏହା କଲିକତା ନାହିଁ କି ସମସ୍ତ ଭାରତ ଓ ବଙ୍ଗଳାର ସାଧାରଣ ଦୁଃଖର ବିଷୟ ଅ[ଟେ] ଟେ କାରଣ ସେ ଅସାଧାରଣ ଗୁଣ ଅର୍ଜନ ଦ୍ବା[ରା] ସ୍ବ ସଂପ୍ରେ ସପ୍ରତିଷ୍ଠା ଲାଭ କରିଥିଲେ। ସେ ସନ ୧୮୩୧ ସାଲରେ ଜନ୍ମଗ୍ରହଣ କରି ସନ ୧୮୫୪ ସାଲରେ କଲିକତା ମେଡିକେଲ କଲେଜର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ-ଥିଲେ ଏବଂ ସେହି ସମୟରୁ ସରକାରୀ କାର୍ଯ୍ୟରେ ଭର୍ତ୍ତି ହୋଇ ସନ ୧୮୮୪ ସାଲରେ ପେନ-ସନ ଗ୍ରହଣ କରିଥିଲେ। ରସାୟନ ବିଦ୍ୟାରେ ତାହାଙ୍କର ବିଶେଷ ଯୋଗ୍ୟତା ଥିଲା ଏବଂ ଅଧିକାଂଶ କାଳ ସେହି ବିଦ୍ୟାର ଅଧ୍ୟାପକସ୍ବରୂପ କାର୍ଯ୍ୟ କରିଥିଲେ। ସେ ରସାୟନ ଶିକ୍ଷା ବିଷ-ୟରେ ଦେଶୀୟ ଔଷଧରେ ବ୍ୟବହାର ହେଉ-ଥିବା ଉଭିଦର ଗୁଣାଗୁଣ ଏବଂ ଏ ଦେଶଜାତ ଅନ୍ୟାନ୍ୟ ଦ୍ରବ୍ୟ ବିଷୟରେ କେତେଖଣ୍ଡ ପୁସ୍ତକ ପ୍ରକାଶ କରି ସାଧାରଣ ଉପକାର କରି ଯାଇ-ଅଛନ୍ତି ଏବଂ ତାହାଙ୍କର ବିଦ୍ୟା ଓ ବହୁଦର୍ଶିତା ନିମନ୍ତେ ଗବର୍ଣ୍ଣମେଣ୍ଟ ସର୍ବଦା ନାନା ବିଷୟରେ ତାହାଙ୍କର ପରାମର୍ଶ ନେଉଥିଲେ। ସେ ଲଣ୍ଡନ ନଗରର ରସାୟନିକ ସମାଜର ଏବଂ କଲିକତା ବିଶ୍ବ ବିଦ୍ୟାଳୟର ଜଣେ ସଭ୍ୟ ଥିଲେ ଏବଂ ରାୟ ବାହାଦୂର ଉପରେ ସି, ଆଇ, ଇ, ପଦ ବୀରେ ଭୂଷିତ ହୋଇଥିଲେ। ସେ ଯେମନ୍ତ ଗାଢ଼ ପରିଶ୍ରମୀ ତେମନ୍ତ ଅଭିମାନଶୂନ୍ୟ ସଦାଳାପୀ ଏବଂ ବିନୟୀ ଥିଲେ ଏବଂ ତହିଁ ପାଇଁ ସେ ସର୍ବ-ଜନ ପ୍ରିୟ ହୋଇଥିଲେ। ସେ ଏକମାତ୍ର ସୁଯୋଗ୍ୟ ସନ୍ତାନ ରଖି ଯାଇଅଛନ୍ତି। ପରମେଶ୍ବର ତାହା-ଙ୍କର ଆତ୍ମାର ଶାନ୍ତି ଏବଂ ତାପିତ ପରିବାରଙ୍କର ସାନ୍ତ୍ବନା ବିଧାନ କରନ୍ତୁ।

---

ଝୁଲଣଯାତ୍ରା ଗତ ସୋମବାର ଶେଷ ହେଲା। ସେଦିନ ଏ ନଗରରେ ଅତେୌ ବୃଷ୍ଟି ହୋଇ ନ ଥିବା ଏବଂ ସ୍ୱଚ୍ଛରେ ଆକାଶ ପରିଷ୍କାର ଏବଂ ନିର୍ମଳ ଜ୍ୟୋତ୍ସ୍ନା ହୋଇଥିବାରୁ ଯାତ୍ରିମାନଙ୍କର ବଡ଼ ସୁଖ ହୋଇଥିଲା। ସବୁ ଦେବାଳୟରେ ଅନେକ ଲୋକ ହୋଇଥିଲେହେଁ ଗୋପାଳଜି ମଠରେ ଏମନ୍ତ ଭିଡ଼ ହୋଇଥିଲା ଯେ ଯିବା ଆସିବାର ବାଟ ମିଳୁ ନ ଥିଲା ଏବଂ ବାଟ ମନ୍ଦି-ରରେ ବସିବା ଲୋକେ ଗ୍ରୀଷ୍ମରେ ଅସ୍ଥିର ହୋଇ ଯାଉଥିଲେ। ଶ୍ରୀ ଗୋପାଳଜିଉ ଏ ନଗରର ହିନ୍ଦୁମାନଙ୍କର ପ୍ରଧାନ ଆରାଧ୍ୟ ଦେବତା ଅଟନ୍ତି। ଶ୍ରୀ ବିନୋଦବିହାରୀ ଠାକୁରଙ୍କ ନିକଟରେ ପଲ୍ଲୀସ୍ଥ ନଗରବାସୀ ଭଦ୍ରଲୋକମାନେ ସାର୍ଦ୍ଧ ଦ ୫ ନ ଗୀତବାଦ୍ୟର ଚର୍ଚ୍ଚା କରିଥିଲେ। ମାତ୍ର ଗାୟକ ଏବଂ ବାଦକଙ୍କର ସଂଖ୍ୟା କ୍ରମେ କେ-ତେକ ବର୍ଷରୁ ଊଣା ହୋଇ ଆସି ଏବର୍ଷ ନିତାନ୍ତ ଊଣା ହେବାର ଦେଖି ଅତ୍ୟନ୍ତ ଦୁଃଖିତ ହେଲୁ। ଅବସ୍ଥା ଦେଖି ଭୟ ହେଉଅଛି ଯେ ଏ ନଗରର ଭଦ୍ରସମାଜରୁ ସଙ୍ଗୀତ ଚର୍ଚ୍ଚା ଅଳ୍ପଦିନରେ ଉଠି-ଯିବ। କେହି୨ କହନ୍ତି କି କେତେକ ଭଦ୍ରଲୋକ ଘରେ ବସି ଗାଉଥିବା ହାର୍ମୋନିୟମ ଇତ୍ୟାଦି ବଜାଉଥିବା ସ୍ଥଳେ ସଙ୍ଗୀତବିଦ୍ୟା ଉଠିଯିବାର ଭୟ ନାହିଁ। କିନ୍ତୁ ସେମାନଙ୍କର ମନେ କରିବା ଉଚିତ ଯେ ବିଦ୍ୟା ଘରେ ଲୁଗାଇ ରଖିବାର ପଦାର୍ଥ ନୁହେ। ଏବଂ ତଦ୍ଦ୍ବାରା ସାଧାରଣ ହିତ ହୁଅଇ ନାହିଁ। ପାଞ୍ଚଜଣ ମଧ୍ୟରେ ଗୁଣର ଚର୍ଚ୍ଚା ନ କଲେ ନିଜର ଓ ଅନ୍ୟମାନଙ୍କର ଉନ୍ନତି ବା ଆନନ୍ଦ ହେବା ସମ୍ଭବ ନୁହେ।

---

ଗତ ସପ୍ତାହରେ ଏଠା ମୁସଲମାନ ସଭାର ଗୋଟିଏ ଅଧିବେଶନର ବିବରଣ ପ୍ରକାଶ କରି-ଥିଲୁ। ରେଭେନସା କଲେଜିଏଟ ସ୍କୁଲର ୨ ୟ ଶିକ୍ଷକ ମୌଲବି ଉଆଜିସଅଲି ବଦଳି ହେବାରୁ ତାହାଙ୍କ ସ୍ଥାନରେ ଜଣେ ମୁସଲମାନ ଶିକ୍ଷକ ନିଯୁକ୍ତ କରିବା ପ୍ରାର୍ଥନା ସମ୍ବନ୍ଧରେ ସଭା ଯେଉଁ ନିର୍ଦ୍ଧାରଣ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ନିକ-ଟକୁ ପଠାଇଥିଲେ ଓ ତହିଁର ଯେଉଁ ଉତ୍ତର ଆସିଅଛି ସଭାର ସମ୍ପାଦକ ଅନୁଗ୍ରହ ପୂର୍ବକ ତହିଁର ପ୍ରତିଲିପିମାନ ଆମ୍ଭମାନଙ୍କ ନିକଟକୁ ପଠାଇବାରୁ କୃତଜ୍ଞ ହୋଇ ତହିଁର ମର୍ମ ପ୍ରକାଶ କରୁଅଛୁଁ। ମୁସଲମାନ ଶିକ୍ଷକର ଅବଶ୍ୟକ ଥିବାର ଏହି ହେତୁ ସଭା ଦର୍ଶାଇଅଛନ୍ତି କି କଲେଜ ଏବଂ କଲେଜିଏଟ ସ୍କୁଲର ପିଲାମାନଙ୍କୁ ଇଂରାଜୀରୁ ପାରସ୍ୟ ଅଥବା ଉର୍ଦ୍ଦୁରେ ଅଥବା ପାରସ୍ୟରୁ ଇଂରାଜୀ ଭାଷାରେ ଶୁଦ୍ଧ ଅନୁବାଦ କରି ଦେବାର ଲୋକ କେହି ନ ଥିବାରୁ କେତେ ସନ୍ଦେହ ଭଞ୍ଜନ ହୋଇ ପାରେ ନାହିଁ ଏବଂ କଲେଜର ପାରସ୍ୟ ଶିକ୍ଷକ ଇଂରାଜୀ ଜାଣି ନ ଥିବାରୁ ଇଂରାଜୀରୁ ପାରସ୍ୟ ଅଥବା ପାରସ୍ୟରୁ ଇଂରାଜୀ ଅନୁବାଦ ବିଷୟକ ଛାତ୍ରମାନଙ୍କର ଉତ୍ତର କାଗଜମାନ ସ୍ବୟଂ ପରୀକ୍ଷା କରିବାକୁ ଅକ୍ଷମ ହୋଇ ବାହାର ଲୋକର ସାହାଯ୍ୟ ଉପରେ ନିର୍ଭର କରନ୍ତି। ସଭାର ପ୍ରାର୍ଥନାର ଉତ୍ତରରେ ଶିକ୍ଷା ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ପେଡଲର ସାହେବ ଜଣାଇ ଅଛନ୍ତି ଯେ ସଭାର ପ୍ରାର୍ଥନା ପ୍ରାପ୍ତି ପୂର୍ବରୁ ଜଣେ ହିନ୍ଦୁ ଗ୍ରାଜୁଏଟ ସେହି ପଦରେ ନିଯୁକ୍ତ ହୋଇଅଛନ୍ତି। ଭବି-ଷ୍ୟତରେ କୌଣସି ପଦ ଶୂନ୍ୟ ହେଲେ ସେ ବିଷୟର ବିହିତ ବିଚାର ହେବ। ଏଥିରୁ ପାଠକ ମାନେ ବୁଝିବେ ଯେ ଡାଇରେକ୍ଟର ମହୋଦୟ ସଭାକୁ ହତାଶ କରି ନାହାନ୍ତି। ମାତ୍ର ସଭାର ଆଶା ପୂର୍ଣ୍ଣ ହେବା ଅନିଶ୍ଚିତ କାଳ ଉପରେ ନିର୍ଭର ରହିଲା। ସଭାର ପ୍ରକାଶିତ ଅସୁବିଧାର ପ୍ରକୃତ ପ୍ରତିକାର ଆମ୍ଭମାନଙ୍କ ବିବେଚନାରେ ଏହି ହେଉଅଛି କି ଯେ ବ୍ୟକ୍ତି ଇଂରାଜୀ ଓ ପାରସ୍ୟ

Digitized by srujanika@gmail.com

ଇତ୍ୟ ଗଣ୍ଡା କାଣେ କଲେଜର ପାରସ୍ୟ ଶିକ୍ଷକ ପଦରେ ଜେମନ୍ତ ବାଙ୍ଗାଳୀ ନିଯୁକ୍ତ ନହେବା ବିଷୟରେ ସଭା ଚେଷ୍ଟା କଲେ । ଅନୁବାଦ ଭାଷା ଶିକ୍ଷା ଓ ପରୀକ୍ଷାର ଗୋଟିଏ ପ୍ରଧାନ ଅଙ୍ଗ ଅଟେ । ଯାହାର ସେ ଅଧିକାର ନାହିଁ ତାହାଦ୍ୱାରା ଶିକ୍ଷାର ପ୍ରକୃତ ସାହାଯ୍ୟ ହେବା ସମ୍ଭବ ନୁହେ ।

---

ବିଦେଶୀୟ ତାରସମ୍ବାଦ ସନ୍ଧି ।

ବିଦେଶୀୟ ସମ୍ବାଦମାନ ତାର ଦ୍ୱାରା ଯୋଗେ ଯାହା ଭାରତର ଦୈନିକ ସମ୍ବାଦପତ୍ରମାନଙ୍କରେ ପ୍ରତିଦିନ ପ୍ରକାଶିତ ହୁଅଇ ସେ ସମସ୍ତ ଗୋଟିଏ କମ୍ପାନିଦ୍ୱାରା ପ୍ରେରିତ ହୁଏ । ସେ କମ୍ପାନିର ନାମ ରଏଟର କମ୍ପାନି । ଯେଉଁ ସମ୍ବାଦପତ୍ର ମାନେ ମାସକୁ ଟ ୫୦୦୦ ଙ୍କା ଲେଖାଏଁ ଦେଇଥାନ୍ତି କେବଳ ସେହିମାନଙ୍କୁ କମ୍ପାନି ସେସବୁ ସମ୍ବାଦ ଯୋଗାନ୍ତି । ସେସବୁ ସମ୍ବାଦ ପତ୍ରରେ ସେହି ସମ୍ବାଦମାନ ପ୍ରକାଶ ହେଲା ପରେ ଅନ୍ୟ ସମ୍ବାଦପତ୍ରମାନେ ଏବେ ତାହା ପ୍ରକାଶ କରନ୍ତି ଯେ ହେତୁ ଦେଇ କିଣିବା ଲୋକଙ୍କର ସମୁଚିତରୂପେ ସ୍ୱତ୍ୱ ରକ୍ଷା ହୋଇ ପାରେ ନାହିଁ । ସେମାନଙ୍କର ସ୍ୱତ୍ୱରକ୍ଷା ନିମନ୍ତେ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ ହୋଇଅଛି । ତାହାର ମର୍ମ ଏହି କି ବିଦେଶୀୟ ସାଧାରଣ ତାର ସମ୍ବାଦ ଯେ ବ୍ୟକ୍ତି ଆଇନମତେ କ୍ରୟ ପ୍ରାପ୍ତ ହୋଇ ସମ୍ବାଦପତ୍ର ଅଥବା ଅନ୍ୟ ଭାବେ ଛାପା କରି ପ୍ରକୃତ ପ୍ରକାଶ କରିବ ତାହାର ଅନୁମତି ବିନା ସେହି ସମ୍ବାଦ ଅଥବା ତହିଁର ମର୍ମ କିମ୍ବା ତହିଁର ସମାଲୋଚନା ପ୍ରଥମ ଛପା ସମୟରେ ଘ ୬୦ ଘଣ୍ଟା ମଧ୍ୟରେ କେହି ଅନ୍ୟ ସମ୍ବାଦପତ୍ରରେ ଛପା କଲେ ୫ ୧୦୦୦ ଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ ହେବ । ମାତ୍ର ସେହି ସମ୍ବାଦ ପ୍ରାପ୍ତ ହେବାର ଘ ୬୦ ଘଣ୍ଟା ଅନ୍ତରୁ ତାହାକୁ କେହି ଛପା ବା ପ୍ରକାଶ କରିବାର ନିଷେଧ ନାହିଁ । ପ୍ରାୟ ୧୬ ବର୍ଷ ହେଲା ଏପରି ଆଇନର ପ୍ରସ୍ତାବ ସମୟ ସମୟରେ ହୋଇଅଛି । ବିଲାତରେ ଲିପି ସ୍ୱତ୍ୱ ବିଷୟକ ସମ୍ପୂର୍ଣ୍ଣ ଆଇନ ହେବା ପୂର୍ବେ ଭାରତରେ କିଛି କରିବା ଦେଖିବେ ସେ ତଥା ପଡ଼ି ରହିଥିଲା । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି କି ଏପରି ଆଇନ ହେଲେ ସାଧାରଣ ତାର ସମ୍ବାଦ ଯୋଗାଇବା ବ୍ୟବସାୟ ପ୍ରସାରିତ ନ ହୋଇ ବରଂ ଖର୍ବ ହେବ ଏବଂ ତଦ୍ୱାରା ସାଧାରଣ ହିତର ବ୍ୟାଘାତ ହେବ । ଏଥିପାଇଁ ଗବର୍ଣ୍ଣମେଣ୍ଟ ଶୀଘ୍ର ଏହି ଆଇନ ଜାରି କରିବାର ସ୍ଥିର କରିଅଛନ୍ତି । ଏବଂ ଏଥି ମଧ୍ୟରେ ଆଇନର ପାଣ୍ଡୁଲିପି ବିଶେଷ କମିଟି ହସ୍ତରେ ଉପଯୁକ୍ତ ନିମନ୍ତେ ଅର୍ପିତ ହୋଇଅଛି । ସମ୍ଭବତଃ ଅଳ୍ପ ଦିନେ ଶିମଳା-ଠାରେ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ଏହା ବଧିବଦ୍ଧ ହେବ । ବମ୍ବେଇ ଓ କଲିକତାର ସଭାମାନେ ଅନ୍ତତଃ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାର କଲିକତା ଅଧିବେଶନ ପର୍ଯ୍ୟନ୍ତ ଏହି ଆଇନର ବିଷୟ ସ୍ଥଗିତ ରଖିବା କାରଣ ଅନୁରୋଧ କରିଥିଲେ । ମାତ୍ର ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହୋଇ ନାହାନ୍ତି । ଗବର୍ଣ୍ଣମେଣ୍ଟ କେବଳ ଏହି ଯୁକ୍ତି ମୂଳ କରୁଅଛନ୍ତି କି ଯେଉଁ ବ୍ୟକ୍ତି ଅନେକ ଟଙ୍କା ବ୍ୟୟ କରି ସମ୍ବାଦପତ୍ର ନିମନ୍ତେ ତାର ସମ୍ବାଦ ଆଣାଇବ ସେ ତହିଁର ସମ୍ପୂର୍ଣ୍ଣ ଫଳ ଭୋଗ କରି ନ ପାରିଲେ ଟଙ୍କା ଖରଚ କରିବାକୁ ତାହାର ପ୍ରବୃତ୍ତି ହେବ ନାହିଁ ସୁତରାଂ ସେ ବ୍ୟବସାୟର ଉନ୍ନତି ହେବ ନାହିଁ । ଏ ଯୁକ୍ତି ଅନ୍ୟାୟ ନୁହେ ମାତ୍ର ଏକପାକ୍ଷିକ । ଅନ୍ୟ ପାଶ ଦେଖିଲେ ଏହାଦ୍ୱାରା ସାଧାରଣ ଅନିଷ୍ଟା-ପେକ୍ଷା ଇଷ୍ଟର ଆଶା ଅଳ୍ପ । କେତେକ ଏପରି ଗୁରୁତର ଏବଂ ତାର ସମ୍ବାଦ ବିଦେଶରୁ ଆସେ ଯେ ତାହା ତତ୍କ୍ଷଣାତ୍ ସମସ୍ତଙ୍କର ଜାଣିବା ଉଚିତ ଓ ନ ଜାଣିଲେ ସତ୍ତା ବା ଅନିଷ୍ଟ ଘଟିବ । ସେ ସ୍ଥଳେ ତାହାକୁ କ ୨ ଜଣ ବ୍ୟକ୍ତି ବିଶେଷର ସ୍ୱତ୍ୱ କରି ରଖିବା ନ୍ୟାୟସଙ୍ଗତ ନୁହେ । ପ୍ରକୃତ ଆଇନ ଯେଉଁ ଭାବରେ ଗଠିତ ହୋଇଅଛି ତାହା ଅତ୍ୟନ୍ତ ଅନିଷ୍ଟକର । ଯେଉଁ ସମ୍ବାଦର ସତ୍ୱରକ୍ଷା ନିମନ୍ତେ ଆଇନ ହେଉଅଛି ତହିଁର ଅଭ୍ୟାସ ବା ତହିଁର ସମାଲୋଚନା ମଧ୍ୟ କେହି ପ୍ରକାଶ କରି ପାରିବ ନାହିଁ । ମନେ କର କେତେବେଳେ ଗୋଟିଏ ମିଥ୍ୟା ବା ଅନିଷ୍ଟ-ଜନକ ତାର ସମ୍ବାଦ ସମ୍ବାଦପତ୍ର ବିଶେଷରେ ପ୍ରକାଶ ହେଲା ଏବଂ କେହି ତାହା ନିଶ୍ଚୟ ସେପରି ଥିବାର ଜାଣି ପାରିଲା । ସେ ବ୍ୟକ୍ତି କୌଣସି ସମ୍ବାଦପତ୍ର ଯୋଗେ ତହିଁର ଅସାରତା ପ୍ରକାଶ କରି ପାରିବ ନାହିଁ । କାରଣ ତାହା କଲେ ତାହାକୁ ସେହି ସମ୍ବାଦର ସମାଲୋଚନା କରା ଅଛି କି ବୋଲାଯିବ ? ସୁତରାଂ ସେ ଦଣ୍ଡନୀୟ ହେବ । ଅତଏବ ସ୍ପଷ୍ଟ ଦେଖା ଯାଉଅଛି ଯେ ଏପରି ଆଇନ ଜାରି ହେବା ଭଲ ନୁହେ ଅନ୍ତତଃ ଯେବେ ସହି ରଖା ଯାଇ ଗବର୍ଣ୍ଣମେଣ୍ଟ-ଙ୍କର ଏବେ ସହି ଦେବେ ଏପରି ଆଇନ ହେବା ଉଚିତ ଯେ ଅନ୍ତତଃ ସେହି ଦିନ ସେ ସମ୍ବାଦ ପାଇବା ବ୍ୟକ୍ତି ଛଡ଼ା ଆଉ କେହି ତାହା ଅବିକଳ ପ୍ରକାଶ କରି ପାରିବ ନାହିଁ । ମାତ୍ର ପର ଦିନକୁ ତାହା ସାଧାରଣ ସମ୍ପତ୍ତି ହୋଇ ପଡ଼ିବ ଆଉ ତହିଁର ଅଭ୍ୟାସ ବା ସମାଲୋଚନା ପ୍ରତି କୌଣସି ପ୍ରକାର ଅଟକ ରହିବ ନାହିଁ ।

---

## ସାପ୍ତାହିକ ସମ୍ବାଦ

କଲିକତା-ଗେଜେଟ ।

କାଲେକ୍ଟର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ମାଧବ ଲାଲ ସିଂହ ସପ୍ତାହ ଛୁଟି ପାଇ ସଦର ମହକୁମାକୁ ସ୍ଥାନାନ୍ତରିତ ହେଲେ ।

ମହାରଣୀ ବିକ୍ଟୋରିଆ ଉଦ୍ଭିଦ୍ଦ୍ୟାନର ଗାର୍ଡେନ୍ସର ମି଼ ଏସ୍, ଏଚ୍, ଅଗଷ୍ଟ ଠାରୁ ଏକମାସର ଅବସର ଛୁଟି ପାଇଲେ ।

ସନ ୧୮୯୫ ମସିହାର ସର୍ଭେ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ଯଥା ।

୧ମ ପରୀକ୍ଷାରେ ।

| ଛାତ୍ରର ନାମ | ସ୍କୁଲର ନାମ | ମାସିକ ବୃତ୍ତି |
|---|---|---|
| ଦାମୋଦର ଆଚାର୍ଯ୍ୟ | ଓଡ଼ିଶା ସର୍ଭେ ସମିତି | ଟ ୨ ( |
| ଗୋପାଳ ମହାପାତ୍ର | ଜଗନ୍ନାଥ ସମିତି ପୁରୀ | ଟ ୨ ( |

୨ୟ ପରୀକ୍ଷାରେ ।

| | | |
|---|---|---|
| ଜଗନ୍ନାଥ ଦାସ | ଓଡ଼ିଶା ସର୍ଭେ ସମିତି କଟକ | ଟ ୩ ( |
| ଗଦାଧର ମହାପାତ୍ର | ପୁରୀ ଜଗନ୍ନାଥ ସମିତି | ଟ ୩ ( |
| ଗଙ୍ଗାଧର ମିଶ୍ର | ବାଲେଶ୍ୱର ସର୍ଭେ ସମିତି | ଟ ୩ ( |

ଓଡ଼ିଶାର ନିମ୍ନଲିଖିତ ପଣ୍ଡିତମାନେ ବର୍ଷକ ନିମନ୍ତେ ବୃତ୍ତି ଲାଭ କରିଅଛନ୍ତି ।

ମାସିକ ବୃତ୍ତି ।

| | |
|---|---|
| ପଣ୍ଡିତ କାଶୀନାଥ ଦାସ | କଟକ ପଦ୍ମାବତୀ ଟ |
| ,, ଅନନ୍ତ ଦେବାଭୂଷଣ ଭାଗୀରଥୀ ଟୋଲ | |
| ବେହେରାମପୁର | ଟ ୭ ( |
| ,, ବୈକୁଣ୍ଠନାଥ ମିଶ୍ର ପୁରୀ ସଂସ୍କୃତ ସ୍କୁଲ | ଟ ୭ ( |
| ,, ରାମଚନ୍ଦ୍ର ଶାସ୍ତ୍ରୀ ନିମ୍ନ ଷଡ଼ଙ୍ଗ | ଟ ୭ ( |
| ,, ମୁରଲିଧର ମିଶ୍ର ଦଣ୍ଡମୁକୁନ୍ଦ | ଟ ୧୦ ( |
| ,, ଉଦ୍ଧବଦାସ ଆଚାର୍ଯ୍ୟ ଶ୍ରୀରାମଚନ୍ଦ୍ର ଟୋଲ | ଟ ୧୦ ( |
| ,, ନୃସିଂହ ଆଚାର୍ଯ୍ୟ ପଟ୍ଟନାୟକ ଟୋଲ | ଟ ୧୦ ( |
| ,, ଗଦାଧର ତ୍ରିପାଠୀ ପୁରୀ ଭଦ୍ରକଦେବ ଟୋଲ | ଟ ୧୦ ( |
| ,, ବୈଦ୍ୟନାଥ ମହାପାତ୍ର ପୁରୀ | ଟ ୧୨ ( |

---

ଏସପ୍ତାହରେ ଏ ନଗରରେ ସାମାନ୍ୟବୃଷ୍ଟି ହୋଇଅଛି । ମେଘଗର୍ଜନ ଏବଂ ଗ୍ରାମରେ ଜଳଜନ୍ତୁମାନ ବହୁତ ଅଧିକ ଥିବାରୁ ଦଶଙ୍କର ସବୁ ସୁବିଧା ହୋଇଅଛି ମାତ୍ର ସ୍ୱଚ୍ଛରେ ଅଧିକ ଜଳର ପ୍ରୟୋଜନ । ଜଳମାନ ଶୁଖିଲା ଏବଂ ଶୀଘ୍ର ଜଳାଭାବ ଘଟିବ ।

ଏ ନଗରରୁ ଓଲାଉଠା ବହୁତ ହୋଇ ନାହିଁ । ଏ ସପ୍ତାହରେ ୩/୪ ମୃତ୍ୟୁର ସମ୍ବାଦ ପାଇଅଛୁଁ । ଭୁବନ ପ୍ରବେଶ କରାଇ ଦେଉଅଛୁ ।

Split by PDF Splitter

Digitized by srujanika@gmail.com

[illegible]

## ଯାଜପୁର-ସମ୍ବାଦ ।

[illegible]

## ପ୍ରେରିତ ପତ୍ର ।

[illegible]

To

The Editor of the Utkal Dipika,

Sir,

The cricket match between the white Rose and the Red Rose played on Sunday last at the Hostel maidan resulted in the defeat of the Red-Rose. The former made 66 runs to which Srimant contributed 28, while the latter made only 34. Mr. C. C. Hatt, the Captain and Mr. P. J. Draper were the bowlers in the match which lasted for three hours and a half from 8 A. m. to 11-30 A. m.

The above teams met on the same maidan that day evening to play the football match which also resulted in the defeat of the Red Rose. About 20 minutes after starting, the Red Rose forwards with a grand rush took the ball down the field, but failed to kick a goal. They made another similar onset which was repulsed. This put the white Rose on their mettle and not long after the White Rose forwards skilfully took the ball and after a short and sharp struggle before the goal of their opponents, succeeded in kicking a fair goal. Mr. C. C. Hatt and Mr. P. J. Draper and other observers, took their seats on chairs and benches on all sides of the arena which was decorated with flags &c. The beauty of the place was enhanced by the awe-inspiring appearance of the cloud-capped Barunai Hills standing majestically at a short distance from the field. It was grand to see the observed of all observers trying again and again to overcome the obstacles that stood on their way, being encouraged by the Captain to struggle hard till their attempts were crowned with success, and at the same time receiving acclamation from the lookers on.

Very truly yours
M. C. Misra
*Superintendent*
Government Hostel, Khurda

## ମୂଲ୍ୟପ୍ରାପ୍ତି ।

[illegible]

## ବିଜ୍ଞାପନ ।


### WANTED.

Wanted an experienced Sub-Overseer for the Keonjhar Raj Estate on a salary of Rs. 80 with Travelling allowance of Rs. 7/8 per mensem. Preference will be given to the passed Candidates of the Cuttack Survey School who can correspond in English. The candidates must submit their applications in English with copies of testimonials in their own hand-writings to the State Engineer Keonjhar Raj on or before the 5th of September 1899.

Keonjhar the 15th August. 1899.

*Sd. G. N. Bose.*
*State Engineer.*
Keonjhar Raj Keonjhar.

### NOTICE.

Wanted Students for the English Teachership Classes of the Cuttack Training School. Stipends will be awarded to intending candidates on their presenting themselves before the undersigned on or before the 4th proximo with


Digitized by srujanika@gmail.com

Split by PDF Splitter



certificates of requisite qualifications. Candidates for the third grade certificate should have passed the Entrance Examination and those for the Second grade certificate should have passed the F. A. Examination. Candidates will also be accepted who have failed in not more than one subject at either Examination, provided they have passed in English.

The Department has ruled that in the case of all appointments whether in schools under public or private management and in the appointment of Sub-Inspectors of Schools, preference will, in future, be given to the holders of teachership certificates.

Cuttack Training School } Madhusuden Rao
The 23rd August 1899 } Head Master, Cuttack T. School

# ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ଧର୍ମଶାଳ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ନିମ୍ନଲିଖିତ ସମସ୍ତ କାଞ୍ଜିହାଉସ (ପାଉଣ୍ଡ) ସନ ୧୮୯୯ ମସିହା ଡିସେମ୍ବର ମାସ ତା ୧ ରିଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକବର୍ଷ ୭ ମାସ ନିମନ୍ତେ ସନ ୧୮୯୯ ମସିହା ଡିସେମ୍ବର ମାସ ତା ୪ ରିଖ । ମୁ । ସନ ୧୩୦୭ ସାଲ ଅଗ୍ରହାୟଣ ମାସ ଦି ୨୧ ନ ସୋମବାର ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଉକ୍ତ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ନିଜେ ଉପର ଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଏବଂ ନିଲାମ ଗ୍ରହୀତା ନିଲାମ ତାରିଖଠାରୁ ଅର୍ଥାତ୍ ନିଲାମ ଡାକ ଶେଷ ହେଲା ଘଣ୍ଟେ ନିଲାମୀ ଟଙ୍କାର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ନ୍ୟୁନ ଟଙ୍କା ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ର ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାର୍ଟରର ଖଜଣା ସେହି କ୍ୱାର୍ଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ [illegible]ର ଯେ ଯନ୍ତ୍ର ହେବ ତାହା କ୍ଷତିକାରଙ୍କୁ [illegible]ଇବୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ଷ୍ଟାମ୍ପିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେଆରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ସେମାନେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମ ଅବା ସମ୍ପର୍କୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ଼ ଅଫିସରେ ହାଜିର ହୋଇ ବୁଝି ପାରିବେ । ଇତି ।

ଥାନା କଟକ ।

୧ । ଜେଲଙ୍ଗାପେଣ୍ଠ    ୨ । ବାଲଙ୍ଗା
୩ । ପାଥପୁର    ୪ । ଟାଙ୍ଗି

ଥାନା ବାଙ୍କି ।

୧ । ଚଳିଙ୍କା    ୨ । ଲୁଲଖାପୁର
୩ । ପଥୁରିଆପଡ଼ା    ୪ । ସୋଲପୁର ※
୫ । ଭୁଇଁପୁର ※    ※ (ନୂତନ)

ଥାନା ସାଲେପୁର ।

୧ । କୃଷ୍ଣନାଥପୁର    ୨ । ଗୌଡ଼ା
୩ । ଖନ୍ଦୋଲ    ୪ । ସାନ୍ତରାପୁର

ଥାନା ଜଗତସିଂହପୁର ।

୧ । ଝଙ୍କାରସାହି    ୨ । ଗୋବିନ୍ଦପୁର
୩ । କୁସର୍ଦ୍ଦା    ୪ । ଛଅଲି
୫ । ରଘୁନାଥପୁର

ଥାନା ଧର୍ମଶାଳ ।

୧ । ନୂଆ ନରସିଂହପୁର    ୨ । ଚଉନ୍ଦପୁର
୩ । ନନ୍ଦୀପାଟଣା

ପ୍ରକାଶ ଥାଉ କି ଜାହିର ଉକ୍ତମାନ କେବଳ ଚକ୍ରବର୍ତ୍ତୀ ଲକ୍ଷ୍ମୀ ଓ ସଙ୍ଗରପତ୍ର ଲୋକମାନେ ନିଲାମ ଡାକି ପାରିବେ ଓ ବିଚଲ୍ତରେ ଯଦ୍ୟପି ମାଲ [illegible] ବ୍ୟକ୍ତି ଥି ପ୍ରମାଣ [illegible] ହେଲେ ତାଙ୍କ ଉପାର୍ଜ୍ଜିତ [illegible] କରାହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଉଚ୍ଛେଦ ରଦ୍ଦ ଓ ସଙ୍ଗରପତ୍ର ଲୋକଙ୍କୁ ସାମା ଦଣ୍ଡ ଦିଆଯିବ ।

Sd. GOKULANAND CHOWDHURY
*Chairman*
*Sader Local Board Cuttack*

## ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

ବିଶେଷ-ସୁବିଧା ।

ସାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠି ସର୍ବଦା ବହୁତ ପରିମାଣରେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ନେଇ ପାରିବେ ଏବଂ ଭିନ୍ନ ପ୍ରକାର ବସ୍ତ୍ର ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାଲରୂପ ମନୋଯୋଗୀ ବସ୍ତ୍ରସଙ୍ଗେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାଲ ଫାଙ୍କେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ

ରଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି । ଆମ୍ଭର ବ୍ୟବହାର କେମନ୍ତ ଶାନ୍ତ ଏବଂ ଶୁଦ୍ଧ ତେମନ୍ତ କଲିକତା ଓଡ଼ିଶାଅନ୍ତର୍ଗତ ଦେଓଗଡ଼, ନୟାଗଡ଼, ଆଠମଲ୍ଲିକ, ସମ୍ବଲପୁର ଏବଂ ମାନ୍ଦ୍ରାଜ ନାନାଦେଶର ଇଜାନଗର, ମଣ୍ଡୁସାହୁଙ୍କ ଭଦ୍ରଲୋକ ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାଙ୍କ ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ଦେବୁ ଲଫାଫା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରନ୍ତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲ୍ଲା ଠଠେରୀ ବଜାର କାଶୀ ସିଟି

Digitized by srujanika@gmail.com

...ଷ୍ଟପୁରର
...ହଦେବଙ୍କ ଦ୍ୱାରା
୦ ।୵

ସଚିତ୍ର

## ଶ୍ରୀ ଚୈତନ୍ୟଚରିତାମୃତ ।

ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଳୋକ, ଭାଷା ଓ ପଦ୍ୟ ଦଅ ହୋଇଅଛି । ଏ ପୁସ୍ତକ ପୃ ୫୪୫ ଷ୍ଠାରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଅମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଅଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଅଛି ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ ଏଣୁକରି ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କପାଦରେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡିବେ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକରମୂଲ୍ୟ ଆଗାମୀଦୁର୍ଗାପୂଜା ପର୍ଯ୍ୟନ୍ତ ଟ ୪୲ ସ୍ଥଳେ ଟ ୨୲ କରାଗଲା ।

ନୃତ୍ୟକୃଷ୍ଣ ଶାରଳାଦାସଙ୍କ

## ମହାଭାରତ ।

### ସଚିତ୍ର, ସଭାପର୍ବ

୪୯୯ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ ଉତ୍ତମ ଚିତ୍ର ମାନ ଦିଆହୋଇଅଛି । ଏ ପୁସ୍ତକ ବୃହତ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ସୁଲଭ ମୂଲ୍ୟ ଟ ୨୲ ହୋଇଅଛି ।

| | | |
|---|---|---|
| ସଚିତ୍ର ବନପର୍ବ | ଶୁ. ୧.୬ | ଟ ୨। |
| ସଚିତ୍ର ବିରାଟପର୍ବ ମୂଲ୍ୟ | „ | ଟ ୧। |
Although the partition law provided a safeguard against the above and several other evil consequences of estates being held in common tenancy by several proprietors, most of such proprietors, though desirous to have their estates partitioned according to their shares did not venture to come forward with a prayer on account of the heavy charges they had to incur thereby. The maximum scale of charges prescribed by the Hon'ble Board of Revenue on the 10th June 1892 is much higher than what was in vogue before. On the other hand the number of share-holders of the joint undivided estates are continually increasing, owing to the operation of the law of succession and transfers of portions of their fractional interests by the different proprietors.

4. Much heavy as the scale of charges is for the proprietors in general, it is considerably more so for the poor propietors of this Division, and small as the number of partition cases were in the Division, smaller will it become in future. From the commencement of the settlement works in the Division all partition procee-dings have been stopped and no new applications for partitions are being accepted by the Collectors under a Government Resolution on the ground that at the time of the Settlement, partitions would be very easily effected.

5. But this Settlement operation has given a golden opportunity to the poor proprietors of the province to have their undivided estates partitioned at a very small expense and with much less trouble, if the partitions are made by the officers employed in the settlement works.

6. The scale of maximum charges now in force has been fixed by the Board of Revenue in consideration of the expenses and troubles undergone through all the stages of a partition proceeding. But if partitions are taken up by the Settlement officers along with the settlement proceedings, both the expenses and troubles will be greatly diminished, because the measurements, maps, rent rolls and all other papers required by the Collector making any partition have been, or are being made for the settlement, and may be used by the officers making the partition under section 61 of the Partition Act VIII (B. C.) of 1876 and partitioned proceeding need only be commenced from the stage of making general arrangements of the partitions *i e* from the procedure laid down by section 71 of the said Partition Act.

7. I beg also to submit here that from the excellent method in which surveys have been made and maps have been prepared of the Mouzas by the present settlement officers, no Amin will be required even after the general arrangement to go to the field for the purposes of dividing any Mouza between any two or more share-holders. All the different plots of land under different holders have been shown in the maps, and other papers will show the area of each plot and the rents payable for it. So Divisions of a Mouza may be made only with the help of these maps and papers.

8. As the partition of an estate may be thus made far more easily and with much less trouble by officers employed in the settlement works of the estates than before, and as almost all the expensive works required for a partition are being made for the purposes of the settlement, I submit that it will be a boon to Orissa if the settlement officers are given powers of a Collector to take cognizance of partition cases, and have the partitions made by their subordinates, and if a fresh reduced scale of charges be prescribed for Orissa, for partitions to be made by the settlement officers.

9. The maximum scale of charges that was in force up to the 10th June

Digitized by srujanika@gmail.com

Split by PDF Splitter



1892 was as follows :—

| | Per 100 acres. |
|---|---|
| | Rs. |
| Up to 200 acres | 36 |
| From 200 to 300 acres | 30 |
| From 300 to 500 | 18 |
| In excess of 500 | 10 |

The maximum scale of charges, including expenses of all kinds ( *i e* a amin's fees, cost of instruments and other contingencies, cost of supervision, &c. ) as prescribed on the above date is as follows :—

| | Per acre |
|---|---|
| | Rs. |
| First 100 acres | 1—0—0 |
| Second 100 | 0—14—0 |
| Third 100 | 0—12—0 |
| Fourth and fifth 100 acres | 0—10—0 |
| Sixth 100 acres | 0—8—0 |
| All subsequent 100 acres | 0—8—0 |

and a fee of Re. 1 per day to the Amin for every day he is engaged subsequently on local enquiries and reports.

10. As no Amin will be required to go to the field and as no instrument will be required for the purposes of the partition to be made by the officers of the settlement Department, I beg most respectfully to submit that a maximum fee of Rs. 5 per 100 acres will be sufficient to meet the fees of an Amin to be employed only in preparing the papers for each share-holder in respect of his separate estate formed after partition, the costs of minor contingencies and of supervision &c. In the case of any exceptional case, the settlement officers may charge any extra expense to be incurred for completion of the partition, as the Collector had powers to do under the previous and the present rules.

11. In conclusion I beg most humbly to pray that in consideration of the above circumstances you will be pleased to move the Government to vest the settlement officer of Orissa with the powers of a Collector under Act VIII B. C. of 1876 and to make Rs. 5 the maximum charge for every 100 acres for partition to be effected by them.

No. 226, dated Balasore the 22nd December 1895. From S. L. Maddox Esqr. Settlement officer, Balasore, To The Director of the Department of Land Records and Agriculture Bengal.

I have the honour to send herewith a petition which I have received from Babu Raj Narayan Das, a leading Zamindar of the district. He prays that an opportunity may be given while the Settlement papers are still in our hands, to allow the Zemindars to apply for batwaras of their estates.

2. There is no doubt that partition could be made cheaply and effectively by officers of this Department, but it is difficult to determine at what stage of our proceedings the work could be done without delaying the general progress. I would ask to be allowed to talk the matter over with you at your visit of inspection in January.

3. I have retained a copy of the petition.

No. 920 A.

From F. A. Slack Esquire C. S. Offg. Secretary to the Board of Revenue, L. P. To The Director of the Dept. of Land Records and Agriculture Bengal. Dated Calcutta, the 19th June 1896.

Sir,

I am directed to acknowledge the receipt of your letter No. 1441 S dated the 3rd of June 1896 and its enclosures, regarding the proposed transfer of the partition work to the Settlement Staff in each of the districts of the orissa Division.

2. In reply I am to say that the Board agree with you and the Commissioner that no action need be taken at present on the proposed transfer. The Settlement work proper will demand all the energy and attention of the staff. After completion of the work, if the number of partitions is sufficient in any District to require it, one of the ex-Settlement Deputy Collectors might as you propose be posted to that District to do this work.

MEMO No. 1393

Copy forwarded to Babu Raj Narayan Das Zamindar of Balasore.

Dated Cuttack }
The 16th July 1896. } Settlement officer.

[illegible]

Digitized by srujanika@gmail.com

Split by PDF Splitter



303

# ବିଜ୍ଞାପନ ।

ସର୍ବସାଧାରଣଙ୍କ ଅବଗତ ନିମିତ୍ତ ଜଣାଉଅଛୁଁ ଯେ ଗତ ସନ ୧୮୮୬ ମସିହାରେ ପ୍ରଥମସଂସ୍କରଣର ଯେ ଅଙ୍କପ୍ରବନ୍ଧ ନାମକ ପୁସ୍ତକ ପ୍ରାଇମେରୀ ବିଦ୍ୟାଳୟର ଉପଯୋଗୀ କରି ପ୍ରକାଶ କରିଥିଲୁଁ ଓ ତହିଁର ମୂଲ୍ୟ ଟ ୦ । ହୋଇଥିଲା ବର୍ତ୍ତମାନ ଶିକ୍ଷାବିଭାଗୀୟ କର୍ମ୍ମଚାରୀ ଇତ୍ୟାଦି ହେତୁରୁ କେତେକ ଅବଶ୍ୟକୀୟ ବିଷୟ ଯାହାକି ନିଃ ପ୍ରାଃ ବୃତ୍ତିପରୀକ୍ଷାର୍ଥୀ ବାଳକମାନଙ୍କର ଅତ୍ୟନ୍ତ ଉପଯୋଗୀ ତାହା ସନ୍ନିବେଶିତ କରିବାରୁ ପୁସ୍ତକର କଲେବର ଅନେକ ବୃଦ୍ଧି ହୋଇଅଛି କିନ୍ତୁ ମୂଲ୍ୟ ବୃଦ୍ଧି କରି ନାହୁଁ ଯେତେପ୍ରକାର ପୁସ୍ତକ ପ୍ରକାଶିତ ହୋଇଅଛି ଏପରି ସୁବୋଧ ଓ ସୁମୂଲ୍ୟ ପୁସ୍ତକ ଦୃଷ୍ଟିଗୋଚର ହେଉ ନାହିଁ ଏଥିରେ ବୃତ୍ତିବିଭାଗର ପ୍ରଯୋଜନ ନାହିଁ ହିସାବର ବିବିଧପ୍ରକାର ସୂତ୍ର ଓ ପ୍ରଶ୍ନମାନ ପଦ୍ୟରେ ପ୍ରଦତ୍ତ ହୋଇଅଛି, ଓ ଶ ୨୬ ନାଠାରୁ ଶ ୪୦ ନା ପର୍ଯ୍ୟନ୍ତ କାହାଣ ଗୁଣନ ଓ ୧୨ ଠାରୁ ୪୦ ପର୍ଯ୍ୟନ୍ତ ବର୍ଗୀୟ ଅଙ୍କ ଗୁଣନର ପ୍ରଣାଳୀ ପ୍ରଦତ୍ତ ହୋଇଅଛି ଆଉ ପୂର୍ବ ପ୍ରଦତ୍ତ ବିବିଧ ପ୍ରଶ୍ନରେ ଗୂଢ଼ପ୍ରଶ୍ନ ଅଧିକ ନ ୬୦ ମୂର ଦଥ ହୋଇଅଛି ଓ କାଣିକଲ ଓ ସମକଲ ଓ ବିଷମକଲ ପ୍ରଭୃତି ୧୪ ପ୍ରକାର କଳମାନଙ୍କର ସୂତ୍ର ପଦ୍ୟରେ ଓ ଉଦାହରଣମାନ ଓ କେତେକ ନୂତନ ବିଷୟମାନ ସନ୍ନିବେଶିତ ହୋଇଅଛି ଓ ବିଶେଷରେ ବାଳକମାନଙ୍କର ପ୍ରାଇମେରୀ ବୃତ୍ତିପରୀକ୍ଷାରେ ବହୁଦର୍ଶିତା ଜନ୍ମିବା ସକାଶେ ବିଗତ ସନ ୧୮୮୮ ମସିହାଠାରୁ ସନ ୧୮୯୮ ମସିହା ପର୍ଯ୍ୟନ୍ତ କେତେକବର୍ଷୀୟ ବୃତ୍ତିପରୀକ୍ଷାର ଉତ୍ତର ସମେତ ପ୍ରଶ୍ନମାନ ପ୍ରଦତ୍ତ ହୋଇଅଛି ଶିକ୍ଷକବୃନ୍ଦ ଏହି ଆଦର୍ଶ ବିଷୟମାନ ଭଲକରି ଶିକ୍ଷା କରାଇଦେଲେ ଅନାୟାସରେ ଗଣିତପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଯଦ୍ୟପି ଅଧିକାଂଶ ମୂଲ୍ୟବାନ ବଡ଼ ୨ ଗଣିତ ପୁସ୍ତକମାନ ଅଛି ତଥାପି ଭରସା କରାଯାଏ ମେ ନିମ୍ନଶ୍ରେଣୀ ବିଦ୍ୟାଳୟ ସକାଶେ ଏହାଠାରୁ ଭଲ ସୁମୂଲ୍ୟ ଓ ସୁବିଧାଜନକ ବହି ନାହିଁ ପାଠ୍ୟବର୍ଗ କାର୍ଯ୍ୟରେ ପରିଣତ କଲେ ଫଳ ...ନାୟାସରେ ବୁଝି ପାରିବେ, ଅଳ୍ପବୁଦ୍ଧି ବିଶିଷ୍ଟ ବାଳକମାନେ ଏହି ପୁସ୍ତକ ଖଣ୍ଡି ସମୁଦାୟ ପାଠକଲେ ପାଟୀଗଣିତ ପ୍ରଭୃତି ଉତ୍ତମର ...ପ ଶିଖି ପାରିବେ, ଏହିସବୁ ଭ୍ରାନ୍ତି ଦୂର କରିବା ସକାଶେ ଆମ୍ଭେ ଏଥିର ଆବିଷ୍କାର କଲୁଁ ଏହା ସାଧାରଣଙ୍କର ମନୋମତ ଓ ସମାଦୃତ ହେଲେ ଶ୍ରମଫଳ ଜ୍ଞାନ କରିବୁଁ ।

ଏହି ପୁସ୍ତକ ସମ୍ବନ୍ଧରେ ନିମ୍ନଲିଖିତ ପ୍ରଶଂସାପତ୍ରମାନ ପାଇଅଛୁଁ ।

କଟକ ଟ୍ରେନିଂସ୍କୁଲର ହେଡମାଷ୍ଟର ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓଙ୍କ ମନ୍ତବ୍ୟ ।

I have glanced t[illegible]ough the pages of the new edition, which is decidedly an improvement on its predecessor It is thoroughly suit[illegible] to the requirements of primary schools and it is as cheap as it is useful. It is on the whole eminently deserving of encouragement.

MADHUSUDAN RAO
Head Master, Training School,
CUTTACK
15-8-99

କଟକ ସ୍କୁଲ ସବ୍‌ଡିଭିଜନ ଡେପୁଟୀ ଇନସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ରଘୁନାଥ ଘୋଷଙ୍କ ମନ୍ତବ୍ୟ ।

This new Edition of Babu HANSANATH DAS' Ankaprabandha has been thoroughly over-hauled and rearranged and extended to native Mensuration. There are several new features in this Edition. Questions of Primary Scholarship Examination for the last eleven years together with exercises in Bazar accounts with answers have been subjoined in the form of an appendix. It is hoped that these improvements will render the book more useful to the students of our primary schools.

Raghunath Ghosh
Dy. Inspector of schools
3-5-99.

ଏତଦ୍ବାରା କ୍ରେତାମାନଙ୍କୁ ସତର୍କ କରାଇ ଦେଉଅଛୁଁ ଯେ, ଏହି ପୁସ୍ତକଟି କଣିବା ସମୟରେ ୧୯ ପୃଷ୍ଠାଠାରେ ଆମ୍ଭର ମୋହର ଓ ସ୍ୱାକ୍ଷର ଦେଖି କ୍ରୟ କରିବେ । ତାହା ନ ଥିଲେ ପୁସ୍ତକ ଅପହୃତବୋଲି ବିବେଚିତ ହେବ ।

ଏ ପୁସ୍ତକ କଟକ ଦରଘାବଜାରସ୍ଥିତ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଓ ବାଲୁବଜାର ସ୍ଥିତ ଶ୍ରୀ ମଧୁସୂଦନ ଦତ୍ତଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭ ନିକଟରେ ପ୍ରାପ୍ତବ୍ୟ ।

ଏହି ପୁସ୍ତକ ଯେଉଁ କ୍ରେତାମାନେ ଆମ୍ଭଠାରୁ ଟ ୫ ୧ ଙ୍କାରୁ ଊର୍ଦ୍ଧ୍ୱ ଟ ୫୦ ୧ ଙ୍କା ପର୍ଯ୍ୟନ୍ତ କ୍ରୟ କରିବେ ସେମାନଙ୍କୁ ଶତକରା ଙ୍କା ଲେଖାଏ ଓ ପୁସ୍ତକ ବିକ୍ରେତାମାନଙ୍କ ନିମନ୍ତେ ଶତକରା ଟ ୧୬ ଲେଖାଏ କମିଶନ ଦିଆଯିବ ।

କଟକ
୨୪ । ୮ । ୯୯

ଶ୍ରୀ ହଂସନାଥ ଦାସ
ଗ୍ରନ୍ଥକର୍ତ୍ତା କଟକ

ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

504

Digitized by srujanika@gmail.com

REGISTERED No. C. 81



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ତା ୯ ଦଶ ମାହେ ସେପ୍ଟେମ୍ବର ସନ ୧୮୯୯ ମସିହା । ମୁ । ଭ ୨୨ କ ଭାଦ୍ର ସନ ୧୩୦୭ ସାଲ ଶନିବାର ।

ଅଗ୍ରୀମ ଟ ୩୦
ପଶ୍ଚାଦେୟ ଟ ୬୯

...ଇନଫେକ୍ଟର ପରୀକ୍ଷାରେ କଟକରେ ... ଜଣ ପରୀକ୍ଷା ଦେଇଥିଲେ । ତହିଁ ମଧ୍ୟରୁ ... ପୁଲିସର ହେଡକନଷ୍ଟେବଲ ଶଶୀଭୂଷଣ ବାନାର୍ଜି, କଟକ ପୁଲିସର ହେଡକନଷ୍ଟେବଲ ଜନ୍ମକୃଷ୍ଣ ଦାସ ଓ ଭୁବନେଶ୍ୱର ସ୍କୁଲର ହେଡ଼ମାଷ୍ଟର ବାଳକୃଷ୍ଣ ମହାନ୍ତି ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସର୍ବସମେତ ୨୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ସ୍ଥଳେ ତନ୍ମଧ୍ୟରୁ ୩ ଜଣ ଓଡ଼ିଆରୁ ଉତ୍ତୀର୍ଣ୍ଣ ହେବା ସୁଖର ବିଷୟ ।

—୦꠶୦—

କଲିକତାର 'ହିତବାଦୀ' ସମ୍ବାଦ ପତ୍ରର ଅଧିକାରୀ ଏବଂ ସମ୍ପାଦକ ଶ୍ରୀ ପଣ୍ଡିତ କାଳୀପ୍ରସନ୍ନ କାବ୍ୟ ବିଶାରଦ 'ବସୁପ୍ରିୟା' ଏବଂ 'ଆନନ୍ଦବଜାର ପତ୍ରିକା' ନାମକ ଦୁଇ ସମ୍ବାଦ ପତ୍ରର ଅଧିକାରୀ ସମ୍ପାଦକ ଏବଂ ଛପାଖାନା ବାବୁ ମୋତିଲାଲ ଘୋଷ ପ୍ରଭୃତି ନ ୬ ଜଣଙ୍କ ନାମରେ ଦୁର୍ନାମ ରଟାଇବା ଅଭିଯୋଗରେ କଲିକତାର ପୁଲିସ ଅଦାଲତରେ ନାଲିସ କରିଅଛନ୍ତି ଏବଂ ଗତ ମାସ ତା ୧୩ ରିଖ ଧାର୍ଯ୍ୟ ହୋଇ ଆସାମିମାନଙ୍କ ଉପରେ ସମନ ବାହାରିଅଛି । ଏକ ସମ୍ବାଦ-ପତ୍ରର ସମ୍ପାଦକ ଅପର ସମ୍ପାଦକ ନାମରେ ଏପରି ନାଲିସ କରିବା ଦରଲ । ଏ ସେକ କଲିକତାରେ ଚହଳ ପଡ଼ିଯାଇଅଛି ।

———

ମଜୁଫର ସବଜଜ୍‌ଙ୍କ ଅଦାଲତରେ ଜଣେ ଦୈବଜ୍ଞ ଦୁଇ ଜଣ ସେଠ ମହାଜନଙ୍କର କୋଷ୍ଠୀ ଦେଖି ଦଶା 'ସାଧିବାର ପାରିଶ୍ରମିକ ପାଇବା' କାରଣ ସେମାନଙ୍କ ସଙ୍ଗେ ହୋଇଥିବା ଚୁକ୍ତି ଅନୁସାରେ ନାଲିସ କରିଥିଲେ । ବିଚାରପତି ସିଦ୍ଧାନ୍ତ କଲେ କି ଭବିଷ୍ୟତ ଗ୍ରହାଗ୍ରହ କହିବା ଦ୍ୱାରା ଲୋକଙ୍କର ଠକିବାର ସମ୍ଭାବନା ରହିଥିବା ସ୍ଥଳେ ତହିଁ ଉପରେ ନିର୍ଭର କରି ଯେଉଁ ଚୁକ୍ତି କରଯାଏ ତାହା ଚକ୍ରାନ୍ତମୂଳକ ସୁତରାଂ ତାହା ଆଇନସଙ୍ଗତ ଚୁକ୍ତି ନ ଥିବାରୁ ତଦନୁସାରେ ନାଲିସ ଚଳି ନ ପାରେ । ଏଣିକି ଜ୍ୟୋତିଷମାନେ କୋଷ୍ଠୀ ଦେଖିବା ଏବଂ ଫଳାଫଳ କହିବାର ମୂଲ୍ୟ ନଗଦ ନେବାରେ ତ୍ରୁଟି କରିବେ ନାହିଁ ।

———

ଭାରତର ଆଠ ବଡ଼ ସମସ୍ତ ରେଲଓ୍ୱେରେ ସନ ୧୮୯୮ ସାଲରେ ୪୯୬୬ ଇଉରୋପୀୟ ୬୯୩୬ ଫିରିଙ୍ଗି ଏବଂ ୨,୧୬,୭୦୦ ଦେଶୀୟ ଲୋକ ଚାକିରି କରୁଥିଲେ । ଏଥିରୁ ଦେଖାଯାଏ ଯେ ଦେଶୀୟ କର୍ମଚାରୀଙ୍କ ସଂଖ୍ୟା ଶତକଡ଼ା ପ୍ରାୟ ନ ୯୬ ଜଣ ଅଟେ । ମାତ୍ର ବଡ଼ ୨ ଚାକିରି ପ୍ରାୟ ସମସ୍ତ ଇଉରୋପୀୟଙ୍କର ଏକ ଚାଟିଆ ବୋଲିବାକୁ ହେବ ଏବଂ ପରିଦର୍ଶନ କାର୍ଯ୍ୟରେ ସେହିମାନେ ଏକା ନିଯୁକ୍ତ ହୋଇଅଛନ୍ତି । ଯେଉଁ ଜାତୀୟ ଲୋକ ମୋଟରେ କେତେ ବେତନ ପାଉଅଛନ୍ତି ତାହା ପ୍ରକାଶ ହୋଇଥିଲେ ହାରାହାରି ଅର୍ଥର କଥା ଜଣା ପଡ଼ନ୍ତା ! ଦେଶୀୟ ଲୋକମାନେ କେବଳ କଳ ଚଳାଇବା, ଷ୍ଟେସନ ମାଷ୍ଟର, କରାଣିଗିରି ଇତ୍ୟାଦି ସାମାନ୍ୟ ବେତନର କାର୍ଯ୍ୟରେ ଅଧିକାଂଶ ନିଯୁକ୍ତ ଅଛନ୍ତି ।

———

ଗତ ବୁଧବାର ସନ୍ଧ୍ୟାସମୟରେ କାୟସ୍ଥ ସଭାର ୩ୟ ଅଧିବେଶନ ହୋଇଥିଲା । ସଭାରେ ଉପସ୍ଥିତ କାୟସ୍ଥ ସଂଖ୍ୟା ଗତ ଥର ଅପେକ୍ଷା ଅଧିକ ହୋଇଥିଲା । ସଭାର ପାଣ୍ଠି ଓ କାର୍ଯ୍ୟ- ନିତ ଚାନ୍ଦା ଉସୁଲ ଓ ଭବିଷ୍ୟତରେ ଚାନ୍ଦାର ପରିମାଣ ବୃଦ୍ଧି ହେବା ବିବେଚନାରେ ବର୍ତ୍ତମାନ ତିନିଗୋଟି ଛାତ୍ରଙ୍କୁ ଶିକ୍ଷାର୍ଥ ଗ୍ରହଣ କରିବାର ସଭାରେ ସ୍ଥିର ହେଲା । ଶିକ୍ଷା ଉନ୍ନତିର ମୂଳ । ସଭା ଶିକ୍ଷା ବିଷୟରେ ପ୍ରଥମେ ମନୋଯୋଗ ପ୍ରଦାନ କରି ଉତ୍ତମ କାର୍ଯ୍ୟ କରିଅଛନ୍ତି । ସଭାର ବର୍ତ୍ତମାନ ମାସିକ ଚାନ୍ଦା ଟ ୪୦ କା ପର୍ଯ୍ୟନ୍ତ ହୋଇ ଅଛି ଏବଂ ଶୀଘ୍ର ବୃଦ୍ଧି ହେବାର ଆଶା ଅଛି । ତାହାହେଲେ ଛାତ୍ରସଂଖ୍ୟା ମଧ୍ୟ ବୃଦ୍ଧି ହୋଇପାରିବ

———

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁରଙ୍କର ଆଗାମୀ ଭ୍ରମଣର ଅନୁଷ୍ଠାନ ପତ୍ର ବାହାରିଅଛି । ମହାମାନ୍ୟ ମହୋଦୟ ଆସନ୍ତା ଅକ୍ଟୋବର

Digitized by srujanika@gmail.com

Split by PDF Splitter

Split by PDF Splitter



ମାସ ତା ୨୩ ଖରେ ସିମଲଠାରୁ ଯାତ୍ରା କରି ଦିଲ୍ଲି ଏବଂ ଜୟପୁରରେ ଦ [illegible] ନ ଲେଖାଏଁ ରହି ନବେମ୍ବର ମାସ ତା ୧ ଖରେ ଉଦୟପୁର ଠାରେ ପ୍ରବେଶ ହୋଇ ଯୋଧପୁର, ଅଜମିର, ବିକାନିର, ବୁନ୍ଦି, ଭୋପାଲ, ଭୋଲପୁର ପରିଦର୍ଶନ ପୂର୍ବକ ତା ୧ ଇଣ ଡିସେମ୍ବରରେ ମଥୁରା ବୃନ୍ଦାବନରେ ପ୍ରବେଶ ହେବେ । ତହିଁ ଉତ୍ତାରୁ ଭରତପୁର, ଅଗ୍ରା, କାନପୁର, ଲକ୍ଷ୍ନୌ ଏବଂ ବନାରସ ଭ୍ରମଣପୂର୍ବକ ସେହି ଡିସେମ୍ବର ମାସ ତା ୨୧ ଖରେ କଲିକତାରେ ଉପସ୍ଥିତ ହେବେ । ଯେବେ ଏଥି ମଧ୍ୟରେ ମଧ୍ୟ ଭାରତରେ ଦୁର୍ଭିକ୍ଷର ଆଶଙ୍କା ଅଦ୍ଭୁତ ନ ହେବ ତେବେ ମହାମାନ୍ୟ ମହୋଦୟଙ୍କର ପରିଭ୍ରମଣ ରାଜପୁତାନା ଏବଂ ଉତ୍ତରପଶ୍ଚିମ ପ୍ରଦେଶମାନଙ୍କରେ ଆବଦ୍ଧ ରହିବ ।

---

ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ କି ସମ୍ବଲପୁର ସମଲାଇ ମନ୍ଦିର ନିକଟରେ ପ୍ରାୟ ବର୍ଷେ ହେଲା ଗୋଟିଏ ଅନାଥଗୋଶାଳା ସ୍ଥାପିତ ହୋଇଅଛି ଏବଂ ବର୍ତ୍ତମାନ ତହିଁରେ ୭୬ ଗୋଟି ଗୋରୁ ଅଛନ୍ତି । ଗୋଶାଳାର ଅଫିସର ଏବଂ ରକ୍ଷକମାନଙ୍କର ବେତନରେ ଟ ୬୦୯ ଙ୍କା ଏବଂ ଗୋରୁଙ୍କର ଖାଦ୍ୟ ଓ ଚିକିତ୍ସାରେ ଟ ୯୦୯ଙ୍କା, ଏପରି ମାସିକ ଟ ୧୧୦୯ ଙ୍କା ଖରଚ ପଡ଼ୁଅଛି ଏବଂ ସେହି ବ୍ୟୟ ମହାଜନମାନେ ଖାଉଦ ବିକି ଉପରେ ଟଙ୍କାପ୍ରତି ଦୁଇପଇସା ଏବଂ ଗୃହଲ ବିକ୍ରେତାମାନେ ପ୍ରତିବସ୍ତାରେ ଅଧପଇସା ଦରେ ଅଦାୟ କରି ଯୋଗାଉଅଛନ୍ତି । ଗୋଶାଳା-ନିର୍ମାଣର ବ୍ୟୟ ନିମନ୍ତେ ପ୍ରଥମେ ଟ ୧୬୦୦୯ ଙ୍କା ଚନ୍ଦା ଉଠିଥିଲା । ଏ କାର୍ଯ୍ୟଟି ସମ୍ବଲପୁରର ମହାଜନ ସମ୍ପ୍ରଦାୟର ବଡ଼ ପ୍ରଶଂସାର ବିଷୟ ଅଟେ । ଗୋଶାଳାର ଗୋରୁମାନଙ୍କମଧ୍ୟରୁ ଯେଉଁମାନେ ସବଳ ଓ କାର୍ଯ୍ୟକ୍ଷମ ହେବେ ବା ହୋଇଅଛନ୍ତି ସେମାନଙ୍କଦ୍ୱାରା କି କାର୍ଯ୍ୟ ହେବାର ଅନୁଷ୍ଠାତାମାନେ ସ୍ଥିର କରୁଅଛନ୍ତି ତାହା ଜାଣିବାକୁ ଆମ୍ଭେମାନେ ଆଶା କରୁଁ ।

---

ଗଞ୍ଜାମ ଜିଲ୍ଲାର ନାନା ସ୍ଥାନ ସଙ୍ଗେ ସମୁଦ୍ରକୂଳ ଏବଂ ଇଷ୍ଟକୋଷ୍ଟ ରେଲୱେ ଯୋଗ କରିବା କାରଣ କେତେ ଗୁଡ଼ିଏ ସଡ଼କ ନିର୍ମାଣ କରିବାର ପ୍ରସ୍ତାବ ଗଞ୍ଜାମର ଏଜଣ୍ଟ ସାହେବ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ ଠାରେ କରିଥିଲେ । ମହାମାନ୍ୟ ଗବର୍ଣ୍ଣର ବାହାଦୁର ସେ ସମସ୍ତ ଅନୁମୋଦନ କରି ଏଜଣ୍ଟ ସାହେବଙ୍କୁ ଆଦେଶ [illegible] କି ସେ ଡିଷ୍ଟ୍ରିକ୍ଟବୋର୍ଡ ପାଣ୍ଠିରୁ ଅନୁ[illegible]ଭିକ ବାଟ ନିମନ୍ତେ ବଜେଟରେ ମଞ୍ଜୁର ହୋଇଥିବା ଟଙ୍କା ମଧ୍ୟରୁ ଯାହାମତେ ଅଧିକ ଟଙ୍କା ପ୍ରସ୍ତାବିତ ସଡ଼କମାନଙ୍କ ସକାଶେ ଖର୍ଚ୍ଚିବେ । ଏବଂ ତହିଁଉ ପରେ ବର୍ଷମଧ୍ୟରେ ଆଉ ଯେତେ ଟଙ୍କାର ସଡ଼କ କାର୍ଯ୍ୟ ହୋଇ ପାରିବାର ଜଣାଯିବ ତହିଁ ନିମନ୍ତେ ବିଶେଷ ସାହାଯ୍ୟ ନିମନ୍ତେ ଆବେଦନ କରିବେ । ଏଥିରୁ ଜଣା ଯାଏ ଯେ ସେହି ସବୁ ଅତ୍ୟାବଶ୍ୟକୀୟ ସଡ଼କ ନିର୍ମାଣ ବିଷୟରେ ଗବର୍ଣ୍ଣମେଣ୍ଟ ଉତ୍ସୁକ ହୋଇଅଛନ୍ତି ଏବଂ ସେ ସବୁ ଶୀଘ୍ର ନିର୍ମାଣ ହେଲେ ଦେଶର ଉନ୍ନତି ହେବ ସନ୍ଦେହ ନାହିଁ ।

---

ଗତ ବୁଧବାର ସ୍ୱାମୀ ଧୀଶ୍ୱରାନନ୍ଦ ସରସ୍ୱତୀଙ୍କ ମୋକଦ୍ଦମା ଶେଷ ହେଲା । ମୋକଦ୍ଦମାର ବିଚାର ସମୟରେ ପ୍ରକାଶ ହେଲା ଯେ ମଥୁରା ବା ବୃନ୍ଦାବନର ଗୋରକ୍ଷିଣୀ ସଭା ସହିତ ତାଙ୍କର କୌଣସି ସମ୍ବନ୍ଧ ନାହିଁ । ତାଙ୍କର ପ୍ରକୃତ ନାମ ସରୱେନ୍ଦ୍ର ଗୋସ୍ୱାମୀ ଏବଂ ବାବସ୍ଥାନ ନଦିବଟାର ଚକ୍ରବର୍ତ୍ତୀ ଖଣ୍ଡବନ୍ଧ । ସେ ବୋମ୍ବାଇ ଅନ୍ତର୍ଗତ ଯୁନାଗଡ଼ବାସୀ ବୋଲି ଏଠାରେ ଯେଉଁ ପରିଚୟ ଦେଇଥିଲେ ତାହା ଅଳୀକ ଅଟେ । ସେ ଏଠାରେ ଯେଉଁ ବିଜ୍ଞାପନ ପ୍ରଚାର କରିଥିଲେ ତହିଁରେ ସର, ଜୀ, ମାଧବ ରାଓ, ପଣ୍ଡିତ ବିଶ୍ୱନାଥ, ପଣ୍ଡିତ ଅଯୋଧ୍ୟା ନାଥ ଓ ମାନ୍ଦ୍ରାଜ ହାଇକୋର୍ଟର ଜଜ ସୁବ୍ରହ୍ମଣ୍ୟ ଅୟର ପ୍ରଭୃତି ଗୋରକ୍ଷିଣୀ ସଭାର ମେମ୍ବର ବୋଲି ଲେଖା ଥିଲା କିନ୍ତୁ ସେମାନଙ୍କ ସହିତ ଆସାମିର ବା ଗୋରକ୍ଷିଣୀ ସଭାର କୌଣସି ସମ୍ପର୍କ ନ ଥିବାର ପ୍ରକାଶ ହେଲା । ସେ ଏଠାରେ ଭଦ୍ରଲୋକମାନଙ୍କୁ ପ୍ରତାରଣା କରି ଅର୍ଥ ନେଇଥିବାର ସାବ୍ୟସ୍ତ ହେବାରୁ ଦେଢ଼ବର୍ଷ କଏଦ ରହିବାର ଦଣ୍ଡ ପାଇଲେ । ଏଥିଉତ୍ତାରୁ ଲୋକେ ଅପରିଚିତ ବ୍ୟକ୍ତିଙ୍କ କଥାରେ ଭୁଲି କୌଣସି ହିତକର କାର୍ଯ୍ୟ ନିମନ୍ତେ ଅର୍ଥଦାନ କରିବାକୁ ସାବଧାନ ହେବେ ।

---

ସମ୍ବଲପୁର ହିତୈଷିଣୀରୁ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବାମଣ୍ଡାଧୀଶ୍ୱର ଶ୍ରୀ ରାଜା ସୁଚଳଦେବ ସି, ଆଇ, ଇ, ମଧ୍ୟପ୍ରଦେଶର ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନ କମିଟିର ଜଣେ ମେମ୍ବର ହେବା କାରଣ [illegible] ଥିଲେ କମିଶନରଙ୍କର ଅନୁରୋଧ ମତେ ସ[illegible]ରୁ ସେ ପଦରେ ନିଯୁକ୍ତ ହୋଇ[illegible] ପ୍ରଦେଶ ମଧ୍ୟରେ କେବଳ ସମ୍ବ[illegible] ସରକାରୀ କଚେରିମାନଙ୍କରେ ଓଡ଼ିଆ ଭାଷା [illegible] ହୁଅ ଥିଲା । କେତେକ ବର୍ଷରୁ ତାହା ଉଠା[illegible] ଯାଇଥିବା ସ୍ଥଳେ ଏପର୍ଯ୍ୟନ୍ତ ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନ ନିମନ୍ତେ ଗୋଟିଏ କମିଟି ରହିଅଛି ଏବଂ ସେ ଭାଷା ଶିକ୍ଷାର ବିଦ୍ୟାଳୟମାନ ଅଛି ଏହା ଅବଶ୍ୟ ମନ ମଧ୍ୟରେ ଭଲ ବୋଲିବାକୁ ହେବ । ମାତ୍ର ଓଡ଼ିଆ ଯେବେ ସରକାରୀ ଭାଷା ନ ହେଲା ତେବେ ସରକାରୀ ଟଙ୍କାରେ ସେ ଭାଷାର ଶିକ୍ଷା କପର ଦେଉଅଛନ୍ତି ଏହା ବୁଝିବା ସହଜ ନୁହେ[illegible] ଯାହା ହେଉ ରାଜା ସୁଚଳଦେବଙ୍କ ପରି ସୁପଣ୍ଡିତ[illegible] ପୁସ୍ତକ ନିର୍ବାଚନ କମିଟିର [illegible] ନିଯୁକ୍ତ କରି ମଧ୍ୟପ୍ରଦେଶର [illegible] ଶନର ବାହାଦୁର ଓଡ଼ିଆଙ୍କ [illegible] ସହାନୁଭୂତି ପ୍ରକାଶ କରିଅଛନ୍ତି [illegible] ଅଟେ ।

---

ଭାଦ୍ର ମାସ ପ୍ରାୟ ଶେଷ ହେଲା ମାତ୍ର ବୃଷ୍ଟିର ଅଭାବ ଘୁଞ୍ଚିଲା ନାହିଁ । ଏ ସପ୍ତାହରେ ଏ [illegible]ଲରେ ଆଦୌ ଜଳବିନ୍ଦୁ ପଡ଼ି ନାହିଁ । ମୋଟ ଉପରେ କେଉଁଠାରେ କେଉଁଦିନ ଅଳ୍ପ ବୃଷ୍ଟି ହେବା ଯୋଗୁଁ ଜମାରେ ଧାନଗଛ ବଞ୍ଚିଅଛି । କିନ୍ତୁ ପୁଷ୍ଟ ହେବାକୁ ନାହିଁ ଏବଂ ଆଉ ଦ ୧୦।୧୫ ଦିନ ଏହି ଅବସ୍ଥା ରହିଲେ ସବୁ ନଷ୍ଟ ହୋଇଯିବ । ଜ୍ୟେଷ୍ଠମାସ ଆରମ୍ଭରୁ ଭାଦ୍ର ଶେଷ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ବୃଷ୍ଟିର ପରିମାଣ କଟକରେ ୪୦୮ ବାଲେଶ୍ୱରରେ ୩୮ ଏବଂ ପୁରୀରେ ୩୧ ଇଞ୍ଚ ହେଉଥିବା ସ୍ଥଳେ ଏ ବର୍ଷ ସେହି ସମୟ ମଧ୍ୟରେ ଯଥାକ୍ରମେ ୩୧, ୪୫ ଏବଂ ୨୦ ଇଞ୍ଚ ହୋଇଅଛି ଏବଂ ଥରେ ସୁଦ୍ଧା ପୂର୍ଣ୍ଣ ପରିମାଣ ନ ହେବାରୁ ସେ ଜଳ ଧାନରେ ଲାଗି ପାରୁ ନାହିଁ । ଏହା ବ୍ୟତୀତ ମଧ୍ୟ ଅଶ୍ୱିନରେ ଭଲ ବୃଷ୍ଟି ନ ହେଲେ କଷ୍ଟର ସୀମା ରହିବ ନାହିଁ । ବଙ୍ଗ ପ୍ରଦେଶ ମଧ୍ୟରେ ଓଡ଼ିଶାର ଅବସ୍ଥା ମନ୍ଦ ମାତ୍ର ଅନ୍ୟାନ୍ୟ ପ୍ରଦେଶର ଅବସ୍ଥା ଅଧିକ ଶୋଚନୀୟ । ସରକାରୀ ରିପୋର୍ଟରୁ ପ୍ରକାଶ ଯେ ବମ୍ବେ, ବେରାର, ମଧ୍ୟପ୍ରଦେଶ, ଗୁଜୁରାଟ, ରାଜପୁତାନା ଏବଂ ମଧ୍ୟଭାରତ ଏ ସବୁ ପ୍ରଦେଶରେ କୃଷି

Digitized by srujanika@gmail.com

Split by PDF Splitter



ଠାରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ହାରାହାରି ଯେ ପରିମାଣ ବୃଷ୍ଟି ହୁଅଇ ଏ ବର୍ଷ ତହିଁର ଅର୍ଦ୍ଧେ ହୁଆ ହୋଇ ନାହିଁ। ଏବଂ ଦୁର୍ଭିକ୍ଷର ଲକ୍ଷଣମାନ ଅତନ୍ତ ପ୍ରକାଶ ହେଲଣି। ଏଥିକୁ ଈଶ୍ୱର ଯାହା ବସ୍ତୁର କରିବେ।

---

ଉତ ଇଣ୍ଡିଆସ୍ଥ ଖ୍ରୀଷ୍ଟିୟାନମଣ୍ଡଳୀ କଲିକତାରେ ସ୍କଟିସ୍ଚର୍ଚ୍ଚ କଲେଜ ସ୍ଥାପିତ ହୋଇଅଛି। ସେହି କଲେଜରୁ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିମାନେ ଖ୍ରୀଷ୍ଟ ଓ ଉପନିବେଶମାନଙ୍କ ଉଚ୍ଚଶ୍ରେଣୀର ଇଞ୍ଜିନିୟର ପଦରେ ନିଯୁକ୍ତ ହୋଇ ଆସନ୍ତି। ସେହି କଲେଜର ଗତ ବାର୍ଷିକ ପ୍ରଦର୍ଶନୀରେ ଫିଲଡ଼ ମାରସଲ ସର ଜୋନାଲ ଓ ଷ୍ଟୁଅର୍ଟ ଏକ ଦୀର୍ଘ ବକ୍ତୃତା କରିଥିଲେ। ତହିଁରେ ଭିସମ୍ବନ୍ଧରେ ଛାତ୍ରମାନଙ୍କୁ ଏହିପରି ଉପଦେଶ ଦେଇଥିଲେ କି ଭାରତବାସୀମାନଙ୍କ ମଧ୍ୟରେ ଅନେକ ଚତୁର ଲୋକ ଅଛନ୍ତି କି ଯାହାଙ୍କଠାରୁ ତୁମ୍ଭେ ଅନେକ ବିଷୟ ଶିକ୍ଷିପାରିବ। ଯେପରି ସ୍ୱଦେଶୀୟ ସଙ୍ଗରେ ସେହିପରି ଭାରତବାସୀଙ୍କ ସଙ୍ଗରେ ବ୍ୟବହାର କଲେ ତୁମ୍ଭମାନଙ୍କର ବିରକ୍ତ ହେବାର କୌଣସି କାରଣ ଘଟିବ ନାହିଁ। ସେମାନେ ଭଲଲୋକ ଏବଂ ସେମାନଙ୍କ ସହିତ ସଦ୍‌ବ୍ୟବହାର କଲେ ସେମାନେ ତୁମ୍ଭମାନଙ୍କର ଭକ୍ତଜନପରି ହୋଇଯିବେ। ସେମାନଙ୍କ ଅଶ୍ୱର ବ୍ୟବହାର ଏବଂ ଭାଷା ଉତ୍ତମରୂପେ ଶିକ୍ଷା କରି ସେମାନଙ୍କ ସଙ୍ଗେ ସମ୍ପୂର୍ଣ୍ଣରୂପେ କଥାବାର୍ତ୍ତା କର ଏବଂ ସେମାନଙ୍କର ଧର୍ମସମ୍ବନ୍ଧ ଏବଂ ଅନ୍ୟାନ୍ୟ ଚିନ୍ତା ଓ କୁସଂସ୍କାର ବୁଝିଲେ ଦେଖିବ ଯେ ସେମାନେ ଚିରକାଳ ତୁମ୍ଭମାନଙ୍କର ବନ୍ଧୁ ହୋଇ ରହିବେ। ହିନ୍ଦୁ ଓ ମୁସଲମାନ କାହାର ଧର୍ମବିଶ୍ୱାସପ୍ରତି ବାଧାଜନକ କିଛି କରିବ ନାହିଁ। ମୁଁ ପାଠିଏ ବର୍ଷ ଭାରତରେ ରହି ଏହାସବୁ ବୁଝିଅଛି। ସାଧୁ ସର ଫେଲେଲଡ ଷ୍ଟୁଅର୍ଟ! ଏହାଙ୍କର ସଦୁପଦେଶଗୁଡ଼ିକ ସ୍ୱର୍ଣ୍ଣଅକ୍ଷରରେ ଲେଖାହେବା ଉଚିତ। ଭାରତରେ ରାଜକାର୍ଯ୍ୟ ବା ବାଣିଜ୍ୟାଦି ଉପଲକ୍ଷରେ ରହିଥିବା ଇଂରାଜମାନେ ଯେବେ ଭାରତବାସିଙ୍କ ସହିତ ଏହି ଉପଦେଶାନୁସାରେ କାର୍ଯ୍ୟ କରିବେ ତେବେ କେତେ ମଙ୍ଗଳ ହେବ ତାହା ବର୍ଣ୍ଣନା କରାଯାଇ ନ ପାରେ।

---

ଏ ଜିଲ୍ଲା ଅନ୍ତର୍ଗତ ମହାଙ୍ଗା ଠାରେ ନିକଟରେ ଜଣେ ଅଘୋରୀ ବାବାଜୀ ପ୍ରବେଶ ହୋଇ କରଣି କଟାଇଲେ। ରୋଗୀ ଆରୋଗ୍ୟ କରିବା ପକ୍ଷେ ତାଙ୍କର କରଣୀ—ପାଞ୍ଚଗଣ୍ଡା ଅବା ଦଶଗଣ୍ଡା ଲଙ୍କାମରିଚ ବାଟି ଖାଇବା ଉଦରରେ ପ୍ରତିଦିନ ଗୋଟାଏ ଲେଖାଏଁ ଓଉ (ଉଲଟା) ମାଛ ଭାଜି ଭୋଗଣୀ ଓ ତେନ୍ତୁଳ ଅଠ ଦଶ ଦିନ ପର୍ଯ୍ୟନ୍ତ ପଥ୍ୟ କରିବାର ରୋଗୀଙ୍କ ପ୍ରତି ହୁକୁମ ଦେଲେ। ସକଳପ୍ରକାର ରୋଗ ଓ ସକଳ ଅବସ୍ଥାର ରୋଗୀ ପ୍ରତି ଏକ ହୁକୁମ—କେବଳ ଲଙ୍କାମରିଚ ଓଉ ଇତ୍ୟାଦିର ପରିମାଣରେ ଊଣା ଅଧିକ। କେହି କେହି ବାବାଜୀଙ୍କ ଅନୁଗତ ଲୋକ ଅବା କେହି କେହି ଲଙ୍କାରୁ ପାର ପାଇବା ଅଭିପ୍ରାୟରେ ରୋଗ ଉପଶମ ହେବା ପ୍ରକାଶ କରିବାରୁ ବାବାଜୀଙ୍କ ନାମ ବାଜିଗଲା ଓ ପ୍ରତିଦିନ ଅନେକ ଦୂରରୁ ମଧ୍ୟ ଅନେକ ଲୋକ ବାବାଜୀଙ୍କଠାରୁ ଦଉ ଭରିଲେ ଯାହା ଲଙ୍କାମରିଚ ହେଲା ଓ ଜଳପାନ ଆଦିର ଦୋକାନ ବସିଗଲା। ସେହି ଗ୍ରାମର ଅର୍ତ୍ତ ମହାନ୍ତି ନାମକ ଜଣେ ବୟୋଧିକ ବ୍ୟକ୍ତିର ଦୃଷ୍ଟିଶକ୍ତି ଊଣା ହୋଇଥିବାରୁ ବାବାଜୀ ତାଙ୍କୁ ପ୍ରଥମେ ହୁକୁମ ଦେଇଥିଲେ କି ସୂର୍ଯ୍ୟମୁଖୀ ଲଙ୍କାମରିଚ ଦଶଗଣ୍ଡା ବାଟି ଦୁଇ ଚକ୍ଷୁରେ ଲଗାଇ ଅବଶିଷ୍ଟ ସେବନ କରିବାକୁ ହେବ। ସେ ତଦ୍ରୂପ କରିବାର ମୁହୂର୍ତ୍ତକରେ ଆଖି ଓ ପେଟ ଦୁହେଁ ପୋଡ଼ିବାରୁ ସେ ବଡ଼ ବ୍ୟସ୍ତ ଓ ଛଟପଟ ହେଲା। ଅନେକ ଥଣ୍ଡା ଉପଚାର କରିବାରୁ ୨।୩ ଦିନେ ଲଙ୍କା ମରିଚ ଜ୍ୱାଳାରୁ ପାର ପାଇଲା। ଆଉ ଜଣେ ଲଙ୍କାମରିଚ ଖାଇ ରକ୍ତାତିସାରରେ ପୀଡ଼ିତ ହେଲା। ଏ ଦୁହିଁଙ୍କୁ ବାବାଜୀ ଓଉ, କାଞ୍ଜିପାଣି ତେନ୍ତୁଳ ବତାଇ ନ ଥିଲେ ବୋଧହୁଏ ଏହାଙ୍କ ବେଦନାରୁ ବାବାଜୀଙ୍କର ଚେତନା ହେଲା। ଲଙ୍କାମରିଚର ଅପଗୁଣ କଟି ଯିବା ପାଇଁ 'କାଞ୍ଜି ପାଣି ତେନ୍ତୁଳ ଓଉକୁ ଯୋଗ କଲେ।' ବାବାଜୀଙ୍କର କରଣି ଯାହାହେଉ ବୁଦ୍ଧି କୌଶଳ ବେଶ ଏଣେ ଏବେ ଲଙ୍କାମରିଚକୁ ଡେଣେ ଏବେ ଅମିଳ ଏଥିରେ କାହାର ମନରେ ଦ୍ୱିଧା ହେଲେ "ମନଗୁଣେ ଫଳ" ଏହି ଛଳନାଟି ବାବାଜୀ ଅଗତ କରନ୍ତି। ବାବାଜୀଙ୍କ ଶର ସାତବାଟି ଥରେ ପିଇ ବାଳକ ଅଛନ୍ତି। ବାବାଜୀ ଏକ ସ୍ଥାନରେ କତିପୟ ଦିନ ରହି କରଣୀ କହାଇ ଯାହା ତାହା କରେ ମାଛ ଓ ମଂସାଦ ଭାପୂର୍ଯ୍ୟ ଭୋଜନ କରି ଅନ୍ୟସ୍ଥାନକୁ ଚାଲି ଯାନ୍ତି। କାରଣ ଏକସ୍ଥାନରେ ଅନେକ ଦିନ ରହିଲେ ଠକ ବୃତ୍ତି ଧରା ପଡ଼ନ୍ତ ଅନେକ ରୋଗୀ ଆରୋଗ୍ୟ ନ ହେବାର ଦେଖାଗଲେ ଆଉ ତାଙ୍କର ମହତ ନ ରହିବ। ଏପରି ଅବସ୍ଥା ଅନେକ କରଣୀ ବାବାଙ୍କ ଘଟିଅଛି ତଥାପି ଲୋକେ ଏପରି ମୂର୍ଖ ଓ ଅଜ୍ଞ ଯେ କରଣୀର କଥା ଶୁଣିଲା ମାତ୍ରେ ସେଠାକୁ ଦଉଡ଼ନ୍ତି। ଏପରି କୁସଂସ୍କାର ଓ ଅଜ୍ଞତା କେବେ ଏ ଦେଶରୁ ଦୂରୀଭୂତ ହେବ।

---

କଲିକତା ମ୍ୟୁନିସିପାଲିଟୀର ଦୁର୍ଘଟନା।

ଗତ ମାସ ତା ୧ ରଖରେ କଲିକତା ମ୍ୟୁନିସିପାଲ ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା। ସେ ଦିନର ଅନ୍ୟାନ୍ୟ କାର୍ଯ୍ୟ ଶେଷ ହେଲା ଉତ୍ତାରୁ ସଭାପତି ମହାଶୟ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ପତ୍ର ପାଠ କଲେ। ଏଥି ପୂର୍ବେ କେତେକ ମ୍ୟୁନିସିପାଲ କମିଶନରଙ୍କ ତରଫରେ କଲିକତା ରୋପିତ ହୋଇଥିବା ସମ୍ବନ୍ଧରେ ମ୍ୟୁନିସିପାଲ ସଭା ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ ଗବର୍ଣ୍ଣମେଣ୍ଟଙ୍କର ଉପରଲିଖିତ ପତ୍ର ତହିଁର ଉତ୍ତର ଅଟେ। ଗବର୍ଣ୍ଣମେଣ୍ଟଙ୍କର ଉତ୍ତରର ମର୍ମ ଏହି କି ବଙ୍ଗଳାର ଭୂତପୂର୍ବ ଲେପ୍ଟେନେଣ୍ଟ ଗବର୍ଣ୍ଣର ସର ମାକେଞ୍ଜି ବାହାଦୁର ଆପଣାର ମନ୍ତବ୍ୟ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସନ ୧୮୯୮ ସାଲ ଅପ୍ରେଲମାସ ତା ୪ ରଖର ଅଧିବେଶନରେ ସ୍ପଷ୍ଟରୂପେ ପ୍ରକାଶ କରିଥିଲେ। ସୁତରାଂ ସେ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ମ୍ୟୁନିସିପାଲ ସଭା ସଙ୍ଗେ ଆଉ କିଛି ଉତ୍ତର ପ୍ରତ୍ୟୁତ୍ତର ଲେଖାଲେଖି କରିବେ ନାହିଁ ଏହା ଶୁଣି ଜଣେ କମିଶନର ବାବୁ କାଳୀନାଥ ମିତ୍ର ତାହାଙ୍କୁ ମିଶାଇ ନ ୨୮ଣ କମିଶନରଙ୍କ ସ୍ୱାକ୍ଷରିତ ଏକ ଇସ୍ତଫା ଅର୍ଥାତ୍ କମିଶନରୀପଦ ପରିତ୍ୟାଗ ପତ୍ର ସଭାପତିଙ୍କୁ ଅର୍ପଣ କରି କହିଲେ କି ସେ ସ୍ଥଳେ କଲଙ୍କ ଘଟିତ ମୂଳ କାଗଜପତ୍ର ଗବର୍ଣ୍ଣମେଣ୍ଟ ପ୍ରକାଶ କରିବାକୁ ନାରାଜ କଲେ ସେ ସ୍ଥଳେ ସେ ବିଷୟରେ ଆଉ ତର୍କ ବିତର୍କର ପ୍ରୟୋଜନ ନାହିଁ ଏବଂ ପଦତ୍ୟାଗ ବିନା ଗତ୍ୟନ୍ତର ନ ଦେଖି ସେମାନେ ଦୁଃଖର ସହିତ ତାହା କରିବାକୁ ବାଧ୍ୟ ହୋଇଅଛନ୍ତି। ଏହା କହି କାଳୀବାବୁ ସଭାପତି ମହାଶୟଙ୍କୁ ତାହାଙ୍କର ସୌଜନ୍ୟତା ନିମନ୍ତେ ଧନ୍ୟବାଦ ଦେଲେ ଏବଂ ସଭାପତି ତହିଁର ଉତ୍ତର କୃତଜ୍ଞତା ସ୍ୱୀକାର କରି ଏବଂ ସେମାନଙ୍କର ମନ ଫେରାଇବାର ଚେଷ୍ଟା ବିଫଳ ଜାଣି କହି ସେମାନଙ୍କୁ ବିଦାୟ ଦେଲେ। ଏହିରୂପେ କଲିକତାର ନ ୨୮ ଣ କମିଶନରଙ୍କ

Digitized by srujanika@gmail.com

ମଧ୍ୟରୁ କେ ୬୮ ଜଣ ଉତ୍ତୀର୍ଣ୍ଣ ହୋଇ ଥିଲେ ଏବଂ ବାକି କେ ୨୨ ଜଣ ଫେଲ ହୋଇଗଲେ । ଯେଉଁମାନେ ପଦ ତ୍ୟାଗ କଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଅତ୍ୟନ୍ତ ଯୋଗ୍ୟ ଲୋକ ଥିଲେ । ସେମାନଙ୍କର ପଦତ୍ୟାଗ କରିବା ଅନାବଶ୍ୟକ ହୋଇଅଛି ବୋଲି ଅମ୍ଭେମାନେ କହିପାରୁ ନାହୁଁ । ମାତ୍ର ଏହା ବଡ଼ ଦୁଃଖର ବିଷୟ ଅଟେ ।

---

### ଏ ନଗରର ମୁସଲମାନ ସଭା ।

ଏ ନଗରର ଇସଲାମ ଆସୋସିଏସନ ନାମକ ମୁସଲମାନ ସଭାର ଗତ ମାସ ତା ୫ ରିଖର ଅଧିବେଶନରେ ନିମ୍ନଲିଖିତ ବିଷୟମାନ ଅବଧାରିତ ହେଲା । ଯଥା;

୧ । ଗତ ମାସ ୨୨ ତାରିଖର ଉତ୍କଳଦୀପିକାର ମନ୍ତବ୍ୟ ମତେ କଟକ ରେଭେନ୍ସା କଲେଜର ହେଡ଼ ମୌଲବୀ ଜଣେ ଇଂରାଜୀ ଜାଣିବା ବ୍ୟକ୍ତି ନିଯୁକ୍ତ କରିବା କାରଣ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ନିକଟକୁ ଆବେଦନ ପତ୍ର ପଠାଯିବ ।

୨ । ଏ ସଭାର ପ୍ରତିନିଧି ସ୍ୱରୂପ ମୌଲବୀ ଅବଦୁଲ ସମଦ ସଭାପତି, ବାଙ୍ଗାଳାର 'ମହମ୍ମଦ ସମ୍ପାଦକ ଏବଂ ମୁନସୀ ଗୋଲାମ ମହମ୍ମଦ ସଭ୍ୟ କଲିକତାର ମୁସଲମାନ ଶିକ୍ଷା ସମିତିର ଅଧିବେଶନରେ ଉପସ୍ଥିତ ହେବେ ।

୩ । ମକ୍କା ଯାତ୍ରିମାନଙ୍କୁ ଜାହାଜର ମାଲିକମାନେ ଖାଦ୍ୟ ଏବଂ ଜଳ ଯୋଗାଇବାକୁ ବାଧ୍ୟ ଥିବା ସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟଙ୍କର ଆଦେଶ ଏଠାର ମୁସଲମାନମାନଙ୍କୁ ଜଣାଇ ଦିଆଗଲା ଏବଂ (୪) ମାନ୍ୟବର ବଲ୍ଲଭର ହୋସେନ ଅହମ୍ମଦ ଖାନ ବାହାଦୁରଙ୍କୁ ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ପଦରେ ନିଯୁକ୍ତ କରିବାରୁ ଗବର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦିଆଗଲା ।

୫ । ଏଠା ଜୁମା ମସଜିଦର ଗୋଟିଏ ବାଟେ ଘରରେ ବା ୧୫ ନ ମଧ୍ୟରେ ଗୋଟିଏ ମଦରସା ସ୍ଥାପିତ ହେବ ଏବଂ ଦରିଦ୍ର ମୁସଲମାନ ଛାତ୍ରମାନେ ବିନା ବେତନରେ ପଢ଼ି ପାରିବେ ଓ ବିନା ମୂଲ୍ୟରେ ପୁସ୍ତକ ପାଇବେ ।

୬ । ଉକ୍ତ ମସଜିଦର ଆଉ ଏକ କକ୍ଷସ୍ଥ ବାଟେ ଘରେ ଗୋଟିଏ ପୁସ୍ତକାଗାର ସ୍ଥାପିତ ହେବ । ପୁସ୍ତକାଦି କ୍ରୟ ନିମନ୍ତେ ମୌଲବୀ ମହମ୍ମଦ ଅବଦୁଲ ସମଦ କେତେକ ଟଙ୍କା ଏବଂ ମୁନସି ଗୋଲାମ ମହମ୍ମଦ ୫ ୧୦ ଟଙ୍କା ମୂଲ୍ୟର ଘାଣ୍ଠି ଓ ଉର୍ଦ୍ଦୁ ପୁସ୍ତକମାନ ଦାନ କରିଅଛନ୍ତି ।

ଇସଲାମ ସଭା ସ୍ଥାପନପୂର୍ବକ ଦୃଢ଼ଯତ୍ନ ନିମନ୍ତେ ତତ୍ପର ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟେ । ଏ ସମ୍ବନ୍ଧରେ ଅମ୍ଭେମାନେ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ଇସଲାମ ସଭାର ଅବୋ ଅସ୍ତିତ୍ୱ ନାହିଁ ଓ ଅନେକ ଦିନରୁ ଲୋପ ହୋଇଅଛି ଏପରି ଶୁଣିବା ପାଇଥିଲୁଁ ମାତ୍ର ଯେ ସ୍ଥଳେ ସଭା କାର୍ଯ୍ୟ କରୁଅଛି ସେ ସ୍ଥଳେ ନାହିଁ ବୋଲି କପରି ବିଶ୍ୱାସ କରିବୁଁ ? ସଭା ଦୀର୍ଘକାଳ ନୀରବ ରହି ବର୍ତ୍ତମାନ କଥା କହିଲା ବୋଲି ଉତ୍ତମ ଦୋଷରେ ଅଗ୍ରାହ୍ୟ କରିବାକୁ ହେବ ? ଏଥିରୁ କେବଳ ଏତିକି ଜଣା ଯାଉଅଛି ଯେ ଏଠାର ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଷମ ଦଳାଦଳି ଘଟିଅଛି ଏବଂ ଏଠାର ମୁସଲମାନମାନଙ୍କର ସଂଖ୍ୟା ଅତ୍ୟନ୍ତ ଅଳ୍ପ ଥିବା ଦୃଷ୍ଟିରେ ଏପରି ଗୃହବିଚ୍ଛେଦ ଅତ୍ୟନ୍ତ ପରିତାପର ବିଷୟ ଅଟେ କାରଣ ତାହା ସାଧାରଣ ହିତର ଅନୁକୂଳ ନୁହେ । ଗୃହବିଚ୍ଛେଦ ଅମ୍ଭମାନଙ୍କର ଅଧୋଗତିର ପ୍ରଧାନ କାରଣ ଅଟେ । ଅମ୍ଭେମାନେ ଏକାନ୍ତ ଆଶା କରୁଁ ମୁସଲମାନମାନେ ପରସ୍ପର ମନ ମାଳିନ୍ୟ ପରିତ୍ୟାଗ କରି ଏକ ମେଳରେ ସାଧାରଣ ହିତ କାର୍ଯ୍ୟରେ ପ୍ରବୃତ୍ତ ହେବେ । କଥିତ ହୁଅଇ ଏ ନଗରରେ ଆଉ ଗୋଟିଏ ମୁସଲମାନ ସଭା ଅଛି ଏବଂ ତାହା ପ୍ରକୃତ ସଭା ମାତ୍ର ସେ ସଭାର କାର୍ଯ୍ୟ କିଛି ଜଣା ପଡ଼ୁନାହିଁ । ଯେ ସଭା ଭଲକାର୍ଯ୍ୟ କରିବ ସେ ସାଧାରଣଙ୍କର ଶ୍ରଦ୍ଧା ଓ ସହାନୁଭୂତି ଆକର୍ଷଣ କରିବ ଏଥିରେ ସନ୍ଦେହ ନାହିଁ । କେବଳ ବିବାଦରେ କିଛି ଫଳ ହେବ ନାହିଁ ।

---

## ସାପ୍ତାହିକ ସମାଚାର ।

### କଲିକତା ଗେଜେଟ ।

ସମ୍ବଲପୁରର ଡେ । ମାଜିଷ୍ଟ୍ରେଟ ଓ ଡେ । କଲେକ୍ଟର ମିଃ [illegible] ଜଲପାଇଗୁଡ଼ି କମିସନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ କାର୍ଯ୍ୟରେ ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

ବର୍ତ୍ତମାନର ଛୁଟି ଓ ସେକ୍ରେଟେରୀ ମିଃ ଡ଼ି, ଏଲ, [illegible] ସମ୍ବଲପୁରର ଅସ୍ଥାୟୀ ସେଟଲମେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଡେ । ମାଜିଷ୍ଟ୍ରେଟ ଓ ଡେ । କଲେକ୍ଟର ବାବୁ ଗୋପାଳ ବଲ୍ଲଭ ଦାସ ଏକ ମାସ ଓ ବାବୁ [illegible] ଏକ ମାସ ଛୁଟି ଭୋଗ କରୁଅଛନ୍ତି ।

ଡେ । ମାଜିଷ୍ଟ୍ରେଟ ବାବୁ ବ୍ରଜକିଶୋର ଦାସ ୫ମ ଶ୍ରେଣୀରେ ବାହାଲ ହେଲେ ।

ଜଙ୍ଗଲ ବିଭାଗର ଅବସ୍ଥା କନସର ଭୋଗ ମିଃ ଘ, ବ, ଗ୍ରେଷ୍ଟ ଅସ୍ଥାୟୀ ଜଙ୍ଗଲ ବିଭାଗରୁ ଡିପୁଟିମାନଙ୍କ ପଦରେ ହୋଇଅଛନ୍ତି ଓ ମିଃ ଏଲ, ନ, ଏ, ଡାଲା ଡିପୁଟିମାନଙ୍କ ଅସ୍ଥାୟୀ ଜଙ୍ଗଲ ବିଭାଗରୁ ପଦରେ ହୋଇଅଛନ୍ତି ।

ପୁରୀର ଡେ । ମାଜିଷ୍ଟ୍ରେଟ ବାବୁ କୈଳାସ ଚନ୍ଦ୍ର ଦାସ ଶୋଡିତ ବ କାର୍ଯ୍ୟଦକ୍ଷ ଅଛନ୍ତି ଆ ୨୫୦ ଙ୍କ ଅନୁଗ୍ରହେ ମୋକଦ୍ଦମାର ବିଚାରରେ ନିଷ୍ପତ୍ତି କରିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

କଟକର ସବ୍‌ ଡେପୁଟୀ କଲେକ୍ଟର ବାବୁ ମୁରାରି ମିଶ୍ର କେନ୍ଦ୍ରାପଡ଼ା ସବଡ଼ିଭିଜନରେ ସଂସ୍ଥାପିତ ହୋଇଅଛନ୍ତି ।

ବାଲେଶ୍ୱର ସ୍କୁଲ ସମୂହର ଡେପୁଟୀ ଇନସ୍ପେକ୍ଟର ବାବୁ ଜଗନ୍ନାଥ ଦାସ ୪ର୍ଥ ଶ୍ରେଣୀକୁ ଉନ୍ନତ ହୋଇଅଛନ୍ତି ।

ବାଲେଶ୍ୱର ଜିଲ୍ଲା ସ୍କୁଲର ଏସିଷ୍ଟାଣ୍ଟ ଓ କଟକ ରେଭେନ୍ସା କଲେଜର ହେଡ଼ ବାଲୀକ ହେଡ଼ମାଷ୍ଟର ବାବୁ ... ୬ଷ୍ଠ ଶ୍ରେଣୀରୁ ଉନ୍ନତ ହୋଇଅଛନ୍ତି ।

କଟକ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର ବାବୁ ହରିଶ୍ଚନ୍ଦ୍ର ଦାସ ... ହେବାରୁ ତାଙ୍କ ପଦରେ ବାବୁ ... ମହାନ୍ତି ... ନିଯୁକ୍ତ ହୋଇଅଛନ୍ତି ।

ପୁରୀ ମାଜିଷ୍ଟ୍ରେଟ ପୁରୀ ଜିଲ୍ଲା ବୋର୍ଡର ଚେୟାରମାନ ପଦରେ ପୁନଃ ନିଯୁକ୍ତ ହୋଇଅଛନ୍ତି ।

---

ଏ ନଗରରେ ଏ ସପ୍ତାହରେ ଅଧିକ ବର୍ଷା ନାହିଁ ଅଥଚ ଶୀତ ଏବଂ ଏବଂ ଶୀତ ... ଦେଖା ଯାଉଅଛି । ଜ୍ୱର ଓ ... ହେଉଅଛି ।

ଆଗାମୀ ସୋମବାର ଏଠା କଲେକ୍ଟର ... ଏକ ... ... ... ହେବ । ଏଥିର ... ... ପଡ଼ିଅଛି ।

ଏଠା ଜେଲ୍ କଲେକ୍ଟରଙ୍କ ... ... ... ... ... କରିଲେ । ... ... ... ... ... ... ... ... ... ... ପ୍ରକାଶ କରିଅଛନ୍ତି ।

... ... ... ... ... ... ... ... ... ... ... ... ... ... ୧୯ ... ... ... ୧୧ ... ... । ... ... ... ... ... ... ... ... ... ... ... ଅଛି ।

... ... ଏବଂ ... ... ... ... ... ଅଛି ।

... ... ... ... ... ... ... ୧୦୦୦ ... ... ... ... ... ... ... ୨୦ ଜଣ ଏବଂ ... ... ... ... ୩୧ ଜଣ ... ... କରନ୍ତୁ ।

Digitized by srujanika@gmail.com

Split by PDF Splitter



...ଣିତ ହୋଇଥିବା ଧାନ୍ୟ ଓ ବଞ୍ଚନ ...ଗାଇଶ୍ୱ ସ୍ଥାନରେ ଅନୁବାଦ କରିବା ...ଅପଚିନ ସ୍ଥାନର ଦୂର ପାଇଁସାଧ୍ୟାରୁଛି ...ରୁ ଅଧିକ ଲୋକ ଉପ୍ତୁ ବଢ଼ିବାର ଉଣ୍ଟାପନ ...କରୁଅଛନ୍ତି । ଏ ଅନୁବାଦନର ସ୍ଥିତ ହେଲେ ଧାହା ଠିକ କରିବା କାରଣ ଜ ୪ ଣ ମେମ୍ବର ନିଯୁକ୍ତ ହେବେ ।

ଷ୍ଟାପ୍ଲାରସ ସାହେବଙ୍କ ମେମଙ୍କ ପେନ ପଲାଶ୍ୱନକରିଥିବ ଅପରାଧରେ ସାଡ଼ିସାହେବ କଲମ୍ବୋଠାରେ ଧୃତ ହୋଇ, ମାନ୍ଦ୍ରାଜକୁ ଅଣାଇ ହୋଇଅଛନ୍ତି । ସେ ବର୍ତ୍ତମାନ ଟ ୨୦୦୦ଙ୍କା ଜାମିନରେ ଅଛନ୍ତି ମୋକଦ୍ଦମା ଚଳୁଅଛି । ସ୍ୱାମୀ ଭିଦାରେଣି ଠାରେ ଘଣ୍ଟାରେ କାନ୍ଦିଷ୍ଟକୀଭ କାର୍ଯ୍ୟ କରୁଥିଲେ ଏବଂ ଷ୍ଟାପ୍ଲାର ସାହେବ ସେହି ଗଣିକ ଉତ୍ତିଳସ୍ୱର ଅଟନ୍ତି ।

ଚୀନସ୍ରାଜ୍ୟରେ ଷଣ୍ଢିଏ ଜମି ସେଇ ରୁଷିଆ ସହିତ-ଇଂଲଣ୍ଡର ବିବାଦ ଉପସ୍ଥିତ ହୋଇଅଛି । ମାମଲା ଅପୋ-ଷରେ କିମ୍ବା ବଢ଼ିବାର ବନ୍ଦୋବସ୍ତ ହେଉଅଛି ଏବଂ ଘୋପୋସରେ ମୀମାଂସିତ ହୋଇଗିବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି ।

ଦକ୍ଷିଣଅଫ୍ରିକା ଟ୍ରାନ୍ସଭାଲ ବଡ଼ଂରେ ଯୁଦ୍ଧ ହେବାର ଭୟ ହେଲା । କସରରୁ ଓ ଭାରତରୁ ସୁବନ୍ଦୁଲକୁ ସୈନ୍ୟ ପଠାଇବାର ବନ୍ଦୋବସ୍ତ ହେଉଅଛି । ଏଥିର ସ୍ୱର ଚନ୍ଦ୍ର କେବଳ ସୋପ ସିଧାଲ୍ଲି ଟିବେ ।

ଗୋଷ୍ଟଏ କାବାଇବା ପ୍ରଭ ବଳାତ୍କାର କରିବା ଅପରାଧରେ ସମ୍ବଲପୁରର ରାଜା ଏବଂ ତାଙ୍କର ଜଣ ୫ ଜଣ ଗୁମାସ୍ତାଙ୍କ ନାମରେ ମୋକଦ୍ଦମା ଉପସ୍ଥିତ ହୋଇ ବସ୍ଥର ଲାଗିଅଛି । ସ୍ତ୍ରୀ ଅଧିକଷ ଟଙ୍କାର ଜାମିନରେ ମୁକ୍ତ ଅଛନ୍ତି ମାତ୍ର ଗୁମାସ୍ତାମାନେ ହାଜତରେ ରହୁଅଛନ୍ତି ।

ଗତ ଅଗଷ୍ଟମାସ ତା ୨୨ ଦିନରେ କଟକଠାରେ ଗଙ୍ଗାନଦୀରେ ସ୍ୱର୍ଗ ନୂଆର ଅଛି ବନ ଉପରକୁ ଚିଂ ଟ ଉଠରେ ପାଣି ଉଛିନ ପଡ଼ିବାର ଅଗଣ୍ଡି ଲୋକମାନଙ୍କ ଜଣାଇ ଦେଇଥିବା ହେତୁରୁ ବସ୍ତୁର ଲୋକେ ସେ ରାତ୍ରି-ଶରେ ନୂଆର ଦେଖିବା କାରଣ ଗଙ୍ଗାନଦୀ କୂଳରେ ଭୁଣ୍ଡ ହୋଇଥିଲେ ମାତ୍ର ନୂଆର ଅଦେଖା ହେଲା । ତହିଁ ପର-ଦିନ ମଧ୍ୟ ଅନେକ ଲୋକେ ଗଙ୍ଗା କୂଳରେ ଉପସ୍ଥିତ ହୋଇ ଥିଲେ ମାତ୍ର ପୂର୍ବଦିନଠାରୁ ବଢ଼ି ଅଧିକ ଦେଖାଗଲା ନାହିଁ ।

ଫିରୋଜପୁର ଜଜରେ ପୋର୍ଟ କମିଶନର ନୂଆର ଅଫିସରେ ଟ ୨୦୦୦୦ଙ୍କା ଘର ଭଲକନ କାଢ଼ିଥିଲେ । ତାହା ସବୁ ପ୍ରକାଶିତ ହେଲା ।

ସ୍ୱର୍ଗ ପଣ୍ଡିତ ଈଶ୍ୱରଚନ୍ଦ୍ର ଘୋଷଙ୍କ ପୌତ୍ର ମହା-ଶୟ କଲାତରେ ପ୍ରଧାନ ଉପଲାର ହୋଇଥିବା ଶୁଣାଯାଇଛି ଜଣାଗଲା । ତାଙ୍କର ଉତ୍ତମ ବ୍ରତକାର୍ଯ୍ୟତା ହେତୁ ଏବଂ କାମ୍ଟିଜ କଲେଜରେ ପଢ଼ି ଏମ ଏ ଉପାଧି ପାଇବା କାରଣ ଅସ୍ମାନଙ୍କର ବିଲାତି ସ୍ଟେଟ ସେକ୍ରେଟରି ମହୋଦୟ ତାଙ୍କୁ ଏକବର୍ଷ ନିମିତ୍ତ ୨୦୦ ପାଉଣ୍ଡର ଗୋଟିଏ ବଖଶିସ ବୃତ୍ତି ପ୍ରଦାନ କରିଅଛନ୍ତି ।

ଚୀନ ରାଜ୍ୟରେ ଅନେକ ବିଦେଶୀ ବାଣିଜ୍ୟ ଇଚ୍ଛା ହୋଇ ଥିବା ହେତୁ ସେଠାକ ବରମାନ ପରିବର୍ତ୍ତନ କରିବା କାରଣ ମାର୍କିନ ଗବର୍ଣ୍ଣମେଣ୍ଟ କଣର ସାହେବଙ୍କୁ ସ୍ଥିର ଦେଇଅଛନ୍ତି ଏ ମହାଶୟ ଗୋଟିଏ ପୁସ୍ତ ଯାହାର ପେନ ବନ୍ଦରମାନ ପରିବର୍ତ୍ତିତ ହେବେ ।—ଏଥିରେ ଆଉଟିଏ ଗୁଡ଼ ରହସ୍ୟ ନାହିଁ ?

ଗତବର୍ଷ ଅର୍ଥାତ୍ ୧୮୯୮।୯୯ ମସିହାରେ ମାନ୍ଦ୍ରାଜ ବସ୍ତୁ-ବସ୍ତ୍ରାଳୟର ଅୟ ଟ ୨୦୩୭୨୫ ଏବଂ ବ୍ୟୟ ଟ ୨୯୮୦୮୦ଙ୍କା ଥିଲା । ସୁତରାଂ ଟ ୨୨୦୦୦ଙ୍କାରୁ ଅଧିକ ଲାଭ ହୋଇଅଛି । ବର୍ତ୍ତମାନ ବର୍ଷ ଅନ୍ତରେ ଟ ୫୯୨୭୩ ଙ୍କା ତହବିଲରେ ନଗଦ ଜମା ଥିଲା ଏବଂ କମ୍ପାନି କାଗଜରେ ଏ ପର୍ଯ୍ୟନ୍ତ ମୋଟ ଟ ୨୯୦୦୦ଙ୍କା ସଞ୍ଚିତ ହୋଇଅଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ମାନ୍ୟବରେଷୁ

ମହାଶୟ !

ଖୋର୍ଦ୍ଧାଥାନା ଅନ୍ତର୍ଗତ ବସାଲଖଣ୍ଡ ପ୍ରଗନା, କେତେକ ମୌଜାର କୃଷିକାର୍ଯ୍ୟ ଅଜପର୍ଯ୍ୟନ୍ତ ଏକପ୍ରକାର ସୁବିଧାରେ ଚଳିଆସୁଅଛି । କିନ୍ତୁ ଅସୁର୍ଯ୍ୟର ବିଷୟ ଏହିଯେ ସେହି ମୌଜାର ସଂଲଗ୍ନ ଲକ୍ଷ୍ମଣପୁର, ଭଗଲପୁର ଓ ଢାଲପଦା ଓ ମହାଭୂପୁର ଓ ରୂପଖଣ୍ଡ ଓଗେର କେତେକ ମୌଜାରେ ଜଳ ବୁଣାଠାରୁ ଅଜପର୍ଯ୍ୟନ୍ତ ବନ୍ଦ-ପାତ ହେଉ ନାହିଁ । ଯେବେ ବା ସମୟେ ୨ ସାମା-ନ୍ୟ ପ୍ରକାର ଧୂଳିମସ୍ତି ବୃଷ୍ଟି ହେଉଅଛି ସେଥିରେ କେତେକ ଗୃହୀ ଆପଣା ଧାନ କ୍ଷେତର ଏକ-ପାଖରେ କାର୍ଯ୍ୟ କରୁଅଛନ୍ତି ଅନ୍ୟପାଖରେ ଜଳ ପାତ ହେଉ ନାହିଁ । ଏହିପରି ଖଣ୍ଡବର୍ଷା ଅଜକୁ କେତେକ ଦିନ ହେଲା ହେଉଥିବାରୁ କୃଷିକୁଳ ନିତାନ୍ତ ବ୍ୟସ୍ତ ହୋଇ ଇନ୍ଦ୍ରଦେବଙ୍କୁ ଡାକି ଫେରୁଅଛନ୍ତି । ଗତବର୍ଷ ଏହି ଖୋର୍ଦ୍ଧା ଥାନା ଇଲାକାରେ ଯଦି ବା ଶୁଷ୍କ ଏକପ୍ରକାର ହୋଇ ଥିଲା ସେଥିରେ ଅନେକ ନୂତନ ହୋଇ ସର୍ବ-ନାଶ କରିଥିଲେ । ଅତ କାଳ ମହାଜନମାନେ ଧାନକ୍ଷେତରେ ପାଣି ଦେଖି ଧାନ ଦେଉଅଛନ୍ତି ଏଥିସକାଶେ ଲୋକେ ନିତାନ୍ତ ବ୍ୟସ୍ତ ହୋଇ ଘରଦ୍ୱାରଛାଡ଼ି ପଳାଇଯିବାକୁ ବସିଲେଣି । ଏପରି ଖଣ୍ଡବର୍ଷା ଅମ୍ଭେ କେବେ ଶୁଣୁ ନଥିଲୁଁ । ଏପରି ଖଣ୍ଡବର୍ଷାର କାରଣ ଈଶ୍ୱର ଭିନ୍ନ ଅନ୍ୟ କେହି କହିପାରିବେ କି ?

ତା ୯।୮।୯୯ } ବଶମ୍ବଦ ସାମନ୍ତ ଶ୍ରୀ ବୃନ୍ଦାବନ ମହାନ୍ତି । ମୁ । ଖୋର୍ଦ୍ଧା

ମହାଶୟ !

ଅତ୍ର ଭୁବନେଶ୍ୱରସ୍ଥ ନୂତନ ମଧ୍ୟଇଂରେଜୀ ବିଦ୍ୟାଳୟ ନିମିତ୍ତ ଚାନ୍ଦା ଲିଷ୍ଟିଭୁକ୍ତରେ ଚାନ୍ଦା ଅସୁଲ ହୋଇଅଛି । ପ୍ରାର୍ଥନା ଯେ ଅନ୍ୟାନ୍ୟ ଦେଶ ହିତୈଷୀ ପ୍ରବୀଣ ବ୍ୟକ୍ତିମାନେ ଏହି କିମ୍ବା ସ୍କୁଲପ୍ରତି ସହୃଦୟତା ପ୍ରକାଶ କରି ତାର କାର୍ଯ୍ୟତ କରିବା ହେବେ ।

| | | |
|---|---|---|
| ଶ୍ରୀ ରାଜା ବିକ୍ରମଦେବ ବର୍ମା ଢେଙ୍କାନାଳ ପଟ୍ଟନାୟକ | | ଟ ୨୦ ୯ |
| „ ଜଗନ୍ନାଥପ୍ରସାଦ ଦତ୍ତ ସେଟଲମେଣ୍ଟ ଅଫିସର | | ଟ ୧୬ ୯ |
| „ ରାଜା ହୁକୋଲ | | ଟ ୫ ୯ |
| „ ସାରେନ୍ଦ୍ରନାଥପୂର୍ଣ୍ଣ ରାୟ ଲକ୍ଷ୍ମଣନାଥ | | ଟ ୫ ୯ |
| „ ଶଶିଭୂଷଣ ରାୟ | କଟକ | ଟ ୫ ୯ |
| „ ଲମ୍ବୋଦର ବଡ଼ୁ | ଭୁବନେଶ୍ୱର | ଟ ୫ ୯ |
| „ ଭଗବାନମିଶ୍ର | „ | ଟ ୪ ୯ |

ଶ୍ରୀ ନୀଳକଣ୍ଠ ମିଶ୍ର, ଦାମୋଦର ଖୁଣ୍ଟିଆ, ନରେନ୍ଦ୍ର ହୁଆଳଦ୍ୱିଦ, ମଦନ ଚମ୍ପତି, ଭୀମସେନ ସାମନ୍ତରାୟ, ଭାଗବତଚରଣ ରାଉତରାୟ, କରୁଣା-କର ପାଲଟିକସ୍ତ ଏମାନେ ପ୍ରତ୍ୟେକେ ଟ ୩ ୯ଙ୍କା ଲେଖାଏଁ ।

ଶ୍ରୀ ବ୍ରଜକିଶୋର ସିଂହ, ଯଦୁମଣି ସାମନ୍ତସିଂହ, ସଦେବ ଏକାଲୁଙ୍କ, ବିଦ୍ୟାଧର ମହାପାତ୍ର, ସତ୍ୟ-ବାଦୀ ଦାସ, ଜଳ ରାଉତ, ଚନ୍ଦ୍ରାମଣି ମହାନ୍ତି, ଗଣପତି ଦାସ ଓଡ଼ଲ, ଉପେନ୍ଦ୍ର ବସୁ, ବଣ୍ଡା ମହାପାତ୍ର, ବାମଦେବ ଶ୍ରୀଚନ୍ଦନ ଏମାନେ ପ୍ରତ୍ୟେକେ ଟ ୨ ଙ୍କା ଲେଖାଏଁ ।

ଶ୍ରୀ ଗୋପୀ ସାହୁ, ଲୋକନାଥ ମିଶ୍ର, ରାମଚନ୍ଦ୍ର ସାହୁ, ପରମାନନ୍ଦ ସେନା, ନଟବର ସେନା ଏମାନେ ପ୍ରତ୍ୟେକେ ଟ ୧।୯ ଙ୍କା ଲେଖାଏଁ ।

ଶ୍ରୀ ରାଜା ବ୍ରଜକିଶୋର ଦେବ, ବାସୁ ଗଣ୍ଡ-ବଡ଼, ଦାନାମ୍ବର ମହାପାତ୍ର, ବନ୍ଧୁ ସାହୁ, କୁଞ୍ଜ-ବିହାରୀ ମହାପାତ୍ର, ଶ୍ରୀଧର ପଟ୍ଟନାୟକ, ନରସିଂହ ପ୍ରହରାଜ, ଦାଶିଣାଦ୍ୟର ଜଣେ ବଳରାମ ଦତ୍ତ ମହାନ୍ତି, ଅନନ୍ତ ମଳିଆ, ରଘୁପ୍ରଧାନ, ମାଳରଥ, ସିଦ୍ଧେଶ୍ୱର ରଥ, ବାଳକୃଷ୍ଣ ଦାସ, ନୃସିଂହ ପ୍ରହରାଜ, ଯଜ୍ଞେଶ୍ୱର ମଲିଆ, ଈଶ୍ୱରଚନ୍ଦ୍ର ସାମଲ, ଭାଗୀରଥୀ ବ୍ରହ୍ମା, ଅନନ୍ତ ମଳିଆ, ଅନନ୍ତ ମିଶ୍ର, ଜଇ ମହାପାତ୍ର, ଜଗବନ୍ଧୁ ପଧାନ, ମଧୁସୂ-ଦନ ମହାନ୍ତି, ମଧୁ ଶ୍ରୀଚନ୍ଦନ, ମଦନ ପଧାନ, ସତ୍ୟବାଦୀ ଦାସ ସରବରାକାର, ମାଗୁଣି ରାଉତ, ସନ ମହାପାତ୍ର, ନାଥ ମିଶ୍ର, ଅନନ୍ତଗୋପାଳ ସେନ, ରଘୁ ପୁଷ୍ଟି, କୃଷ୍ଣମୋହନ ଘୋଷ, ମଧୁ ନାୟକ, ପରମାନନ୍ଦ ପଧାନ, ମୁନସଫ ଯାଜପୁର, ଗୌରିଶ୍ୟାମ ପଣ୍ଡା ମୁକ୍ତାର, ମୋହନ ମୋହନ ମହାପାତ୍ର, କୃଷ୍ଣଚରଣ ସାହୁ, ବାସୁଦେବ ମହା-ସୁଆର, ନାରାୟଣ ଶତପଥୀ, ବିଦ୍ୟାଧର ରଥ ଏମାନେ ପ୍ରତ୍ୟେକେ ଟ ୧ ୯ ଙ୍କା ଲେଖାଏ ।

Digitized by srujanika@gmail.com

| | |
|---|---|
| ଆଠଅଣିଆ ଜ ୨୦ ଣ | ଟ ୧୦ ୧ |
| ଚାରିଅଣିଆ ଜ ୭ ଣ | ଟ ୧ ୮୵ |
| ମାସିକ ଗୁନା | ଟ ୭॥୬ |
| ଷୋଳଅଣାରୁ ନ୍ୟୂନ ମାସିକ ଗୁନା | ଟ ୨୨।୭ |
| ମୋଟ | ଟ ୨୫୭୮୵ |

ଅଗଷ୍ଟ ୨୧।୮।୯୯ ଭୁବନେଶ୍ୱର } ସ୍ୱାକ୍ଷର ଶ୍ରୀ ବ୍ରଜମୋହନ ଦାସ କାନନଗୋ ହେଡ଼କ୍ଲର୍କ ଖୋର୍ଦ୍ଧା ଡିଭିଜନ ଭୁବନେଶ୍ୱର

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଭଗବାନଚନ୍ଦ୍ର ଷଡ଼ଙ୍ଗୀ ପାଳ | ଟ ୩ ୧ |
| ବାବୁ ମୋହନଙ୍ଗ ସହଯୋବାଦ ବହାଳ | ଟ ୩ ୮ |
| " ଗୋପାଳଚରଣ ମହାନ୍ତି ସବ ଓଭରସିୟର ଗୋପପୁର ହେଡ଼କ୍ୱାଟର୍ସ | ଟ ୩ ୧ |
| ବାବୁ ମାଣିକଲାଲ ଓ ବାବୁ ଚନ୍ଦ୍ରମଣି | ଟ ୧ ( |
| " ଦାମୋଦର ପଟ୍ଟନାୟକ ବାବୁ | ଟ ୧ ୮ |
| " ଲକ୍ଷ୍ମଣ ପ୍ରଧାନ | ଟ ୧ ୧ |
| " ଯଦୁନାଥ ସାହୁ ଜମିଦାର ଜଗତସିଂହପୁର | |
| ।୨। ଡୋଲିଗ୍ରାମ ଚନ୍ଦ୍ରପୁର | ଟ ୩ ୧ |

## ବିଜ୍ଞାପନ ।

ସରକାରୀ ପାଉଣା ଟ ୫୦୦୧ ଙ୍କା ବାକି ନିମନ୍ତେ ନିମ୍ନଲିଖିତ ମହାଲମାନ ପୁରୀ କଲେକ୍ଟରୀ କଚେରୀରେ ସନ ୧୮୯୯ ସାଲ ସେପ୍ଟେମ୍ବର ମାସ ତା ୨୫ ଦିନରେ ନିଲାମ ହେବ ।

ତଉଜି ନମ୍ବର ନାମ ମହାଲ

ନଂ ୧୧୫ ନମ୍ବର । ମୌ । ଜନ୍ମୁଟିଗଣ । ପ୍ର । ଓଲଖାଲ

ମୋଫସଲଜମା ଟ ୪୮୯୵୯

ସଦରଜମା ଟ ୨୬୧।୵୪

ମୁନାଫା ଟ ୧୬୯।୵୫

ନଂ ୪୧୯ ନମ୍ବର । ମୌ । ଗୁନପୁର । ପ୍ର । ପଶ୍ଚିମଦୋବାଲ

ମୋଫସଲଜମା ଟ ୬୪୯।

ସଦରଜମା ଟ ୧୮୧।୵

ମୁନାଫା ଟ ୧୬୭୶୵

ନଂ ୧୬୯ ନମ୍ବର । ମୌ । ଗୁନପୁର । ପ୍ର । ପଶ୍ଚିମଦୋବାଲ

ମୋଫସଲଜମା ଟ ୯୮୫୶୵୭

ସଦରଜମା ଟ ୬୮୩।୵୨

ମୁନାଫା ଟ ୪୦୪।୵୪

ନଂ ୬୮୮ ନମ୍ବର । ମୌ । ଦୁର୍ଗାପୁର । ପ୍ର । ପଶ୍ଚିମଦୋବାଲ

ମୋଫସଲ ଜମା ଟ ୭୩୶୵୩

ସଦରଜମା ଟ ୪୫୶

ମୁନାଫା ଟ ୨୩॥୵୩

ପୁରୀ ୬।୯।୯୯ } ମାର୍କଣ୍ଡ ବୋଷ ଡେପୁଟି କଲେକ୍ଟର

INDIA GENERAL NAVIGATION & RAILWAY CO. LD.
AND
MESSRS. MACNEILL & CO.

## NOTICE.

The above Companies' Canal Steamers leave Cuttack for Chandbally (where passengers tranship to the Cuttack Steamers) every Sunday, Wednesday, and Friday at 9 A. M.

Cuttack 2—9—99. } H. J. BELL, *Joint Agent.*

## ବିଜ୍ଞାପନ ।

ଉପର ଲିଖିତ କମ୍ପାନୀମାନଙ୍କ କେନାଲ ବାଟେ ଜାହାଜ ପ୍ରତ୍ୟେକ ରବିବାର ବୁଧବାର ଓ ଶୁକ୍ରବାର ପ୍ରାତଃ ଘ ୯ ଟା ସମୟରେ ଯୋବରା ଘାଟଠାରୁ ଛାଡ଼ିବ ।

କଟକ ୨।୯।୯୯ } H. J. BELL, *Joint Agent*

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ନିମ୍ନଲିଖିତ ସମସ୍ତ ଫାଣ୍ଡି ହାଟ୍ସ (ପାଉଣ୍ଡ) ସନ ୧୮୯୯ ମସିହା ଡିସେମ୍ବର ମାସ ତା ୧ ଦିନଠାରୁ ସନ ୧୯୦୧ ମସିହା ମାର୍ଚ୍ଚ-ମାସ ତା ୩୧ ଦିନ ପର୍ଯ୍ୟନ୍ତ ଏକବର୍ଷ ଚାରିମାସ ନିମନ୍ତେ ସନ ୧୮୯୯ ମସିହା ଡିସେମ୍ବର ମାସ ତା ୧୩ ଦିନ । ମ । ସନ ୧୩୦୭ ସାଲ କାର୍ତ୍ତିକ ମାସ ତା ୩୦ ନ ବୁଧବାର ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏଥିଦ୍ୱାରା ସର୍ବ-ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ନିଜେ ଉପର ଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଏବଂ ନିଲାମ ଉଠିବା କ୍ଷଣମାତ୍ର ଅର୍ଥାତ୍ ନିଲାମ ଡାକ ଶେଷ ହେବା ମାତ୍ରେ ନିଲାମୀ ଜମାର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ବାକି ତ୍ରୈମାସିକ କିସ୍ତି ଅନୁ-ସାରେ ଦାଖଲ କରିବାକୁ ହେ[...] ର୍ଥାଂଶ ଟଙ୍କା ନିଲାମ ଶେଷ ହେବା[...] ନ ହେଲେ ପୁନ ନିଲାମ କରାଯିବ ଓ [...] ଫାଟକର ପାଉଣା ସେହି ଫାଟକର [...] ଡାକିଥିଲେ ଅଗାମୀ ହେବାକୁ ହେବ ନ ହେଲେ ତାହାଙ୍କର ଯେ କ୍ଷତି ହେବ ତାହା ପୂରଣ କରିବାକୁ ହେବ । ନିଲାମ ସ୍ଥିର ହେଲାରୁ ଇଜାରାଦାର ନିଜ ଖର୍ଚ୍ଚ କାଗଜରେ ବୋର୍ଡ଼ ଚେୟାରମେନଙ୍କୁ ନିରୂପିତ ସର୍ତ୍ତ ଅନୁସାରେ ଷ୍ଟାମ୍ପରେ କବୁଲିୟତ ଲେଖିଦେଇ ରେଜେଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ପର୍କୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ଼ ଅଫିସରେ ତାହାର ହାଲ ବୁଝି ପାରିବେ । ଇତି ।

ଥାନା ସଲେପୁର ।

ସାଲେପୁର

ଥାନା ତିର୍ତ୍ତୋଲ ।

ତଡ଼ିବଣ୍ଟୁର

ପ୍ରକାଶ ଥାଉ କି ଉକ୍ତ ହାଟମାନ ନେବାର ଠିକା ଓ ଘଣ୍ଟିକ ନେବାରେ ତାହା ପାଇବେ ଓ ତହିଁରେ ଯଦ୍ୟପି ଇଜାରା ଦାର ସେଥିର ଚାଲି ଆହାର ପ୍ରମାଣ ହେବ ତାହା ହେଲେ ତାଙ୍କର ଉପରେ ମାମଲା ହେବ ଓ ଇଜାରାର ସମସ୍ତ ମଧ୍ୟରେ ପାଉଣ୍ଡ ଇତ୍ୟାଦି ଓ ଘଣ୍ଟିକର ଲୋକଙ୍କୁ ଶାସ୍ତି ଦିଆଯିବ ।

GOKULANAND CHOWDHURY.
*Chairman*
*Sudder Local Board.*

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

### ବସ୍ତ୍ରଶ୍ରେଣୀ ।

ଶାଢ଼ୀ, ଧୋତି, ଉଢ଼ଣି ଆଦିର ସୁନ୍ଦର ବନାରସି କୋଠିରେ ମଧ୍ୟ ବନ୍ଦୋବସ୍ତ ଉପରେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ସେମନ୍ତ କିଣି ପାଇବେ ଏବଂ ଯେଉଁ ପ୍ରକାର ଫରମାସ ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣରେ ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ । ଫରମାସରେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ

Split by PDF Splitter

Digitized by srujanika@gmail.com

Split by PDF Splitter



ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ୍ଧ, ନୟାଗଡ଼, ଅଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଜାନଗର, ମଞ୍ଜୁଷାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ୍ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାପା ଉପରେ ଆମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଳ ଦାସ ମୁରଲୀଧର
ମହଲା ଖଣ୍ଡେଲୱାଲ ବନାରସ ସିଟି

## ନୂତନ ! ନୂତନ ! ନୂତନ !

## ସହଜ ଇଂରାଜୀଶିକ୍ଷା ।

An Easy guide to Translation from Oria to English

ଶ୍ରୀ ବିଶ୍ୱନାଥ ମିଶ୍ର ପ୍ରଣୀତ

ଓଡ଼ିଶା, ଗଞ୍ଜାମ, ସମ୍ବଲପୁର ପ୍ରଭୃତିର ଉଚ୍ଚ ଇଂରାଜୀ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କ ପଠନୋପଯୋଗୀ । ସାଧାରଣ ଲୋକେ ଅତି ସହଜରେ ଏଥିରୁ ଇଂରାଜୀ ଶିକ୍ଷା କରି ପାରିବେ । ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ପ୍ରିନ୍‌ସିପାଲ ପ୍ରଭୃତି ଭଲ ମତ ଦେଇଅଛନ୍ତି । ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ କଲେଜ ଗଳିରେ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ମିଳିବ ।

## NOTICE.

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

( ସର୍ବକାଳର ପରୀକ୍ଷିତ । )

## ଯାଦୁରି ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ପ୍ରତି ଡବା ଟ ୦।୵ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ଦଦ୍ରୁରେ ବ୍ୟବହାର କରନ୍ତୁ । ଜ୍ୱାଳା, ଯନ୍ତ୍ରଣା ସ୍ଥାନ ଏମନ୍ତ ମହୋପକାରୀ ପୁଣି ନିର୍ଦ୍ଦୋଷ ଔଷଧ ଏ ଯାଏ ଆଉ ଦ୍ୱିତୀୟ ବାହାରି ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସା ପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, ତାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାନଙ୍କୁ ଆପଣା୵ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଆବଶ୍ୟକ ଏହିରୂ ସ୍ପଷ୍ଟକରି ନିମ୍ନ ଠିକଣାକୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀରାମତାରକ ସେନ
ଦେବ ଉତ୍କଳପ୍ରେସ; ବାଲେଶ୍ୱର ।

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା,

## ନୂତନ ପୁସ୍ତକ ।

ଅଭିଜ୍ଞାନ ଶାକୁନ୍ତଳ ନାଟକ । ସୁବର୍ଣ୍ଣପୁରର ଯୁବରାଜ ଶ୍ରୀକାର ମିଶ୍ରୋଦୟ ଶିବଦେବଙ୍କ ଦ୍ୱାରା ରଚିତ ମୂଲ୍ୟ ପ୍ରତିଖଣ୍ଡ ଟ ୦।୵
ଡାକମାସୁଲ ଟ ୦।୨

ସଚିତ୍ର

## ଶ୍ରୀ ଚୈତନ୍ୟଚରିତାମୃତ ।

ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଳୋକ, ଭାଷା ଓ ପଦ୍ୟ ଦିଆ ହୋଇଅଛି । ଏ ପୁସ୍ତକ ପୃ ୬୪୫ ପୃଷ୍ଠାରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଆମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଆଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଆଉ ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ ଏଣୁକରି ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କଠାରେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡ଼ନ୍ତୁ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକର ମୂଲ୍ୟ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଟ ୪୲ ସ୍ଥଳେ ଟ ୨୲ ଙ୍କା କରାଗଲା ।

ପୂଜ୍ୟ ସାରଳାଦାସଙ୍କ

## ମହାଭାରତ ।

### ସଚିତ୍ର ସଭାପର୍ବ

୪୪୯ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ ଉତ୍ତମ ଚିତ୍ର ମାନ ଦିଆହୋଇଅଛି । ଏ ପୁସ୍ତକ ବୃହତ୍ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ସୁଲଭ ମୂଲ୍ୟ ଟ ୨୲ ହୋଇଅଛି ।

| | | |
|---|---|---|
| ସଚିତ୍ର ବନପର୍ବ | ୧ ୨ | ଟ ୨୲ |
| ସଚିତ୍ର ବିରାଟପର୍ବ ମୂଲ୍ୟ | „ | ଟ ୧୲ |
| ସଚିତ୍ର ଉଦ୍‌ଯୋଗ ପର୍ବ | „ | ଟ ୧୲ |
| ସଚିତ୍ର ଭୀଷ୍ମପର୍ବ | „ | ଟ ୧୲ |
| ସଚିତ୍ର ଦ୍ରୋଣପର୍ବ | „ | ଟ ୧୮ |
| କଳବାମନ ସ୍ତୁତି |  | ଟ ୦।୨ |
| ମାଘ ମହାତ୍ମ୍ୟ |  | ଟ ୦୲ |

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଚେଷ୍ଟା କଲେ ପାଇ ପାରିବେ ।

Digitized by srujanika@gmail.com

ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ଶୁଖୁଗଡ଼, ସଢ଼େଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଟୋପି, ଚୋଗା, ଚଂଖାପ, ବାପ୍ତା ଷଙ୍ଗୀ ଦୋପଟ୍ଟା ଜାଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଷାଲ ଏବଂ ନାନା ପ୍ରକାର ଚହିଁଲ ଶତତ ଅଙ୍ଗୁଷ୍ଠ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଣ୍ଡିର ହାଣ୍ଡିଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିଶ୍ଚୟରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁଧାଲ ଗୋପୀନାଥ
କୃଷ୍ଣଚନ୍ଦ୍ର ଫାଟକ ବନାରସ ସିଟି

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୧୨ ନଂ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଏଣେ ଉର୍ଦ୍ଦ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ କଲେରା ବାକସ ପୁସ୍ତକ ଜ୍ୟାଗ୍ଧାର ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୵୦, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୯ ୬୦, ୭୨ ୧୪ ଶିଶି ୨,୩ ୩, ୫ ୬ ୭, ୧୧ ।

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନେରିଆ) ଖଡ଼ିଜଲ ତୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୵, ପ୍ୟାକିଂ ଟ ୦ ୵, ଡାକମାଶୁଲ ଟ ୦ ।

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଅସ୍ମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ। ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଗଣ୍ଡମାଳା, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ସ୍ନାୟବିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାଶୁଲ ଟ ୦ ।୵ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଅଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଟିଣର ମୂଲ୍ୟ ଟ ୨।, ଭି, ପି, ଟ ୦୵ ପ୍ୟାକିଂ ଟ ୦ ୵ ଡାକମାଶୁଲ ଟ ୦ ।।

## ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାରୀତି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରର ତରଲ୍ୟ ଖଡ଼ିଜଳବତ୍ ସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାଶୁଲ ଟ ୦ ।।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକ ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମାଦି ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ୯ ୭ ଘଣ୍ଟାଠାରୁ ୯ ୮ ଘଣ୍ଟା ପର୍ଯ୍ୟନ୍ତ ଜନାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ଏହି ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ସର୍ବନିମ୍ନ ଟ ୦ ୧ ଠାରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଶତ। ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 8.

313 MPC

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଖ ୩୪ ଶ
ସ ୩୭ ଶ ସଂଖ୍ୟା

ତା ୧୬ ଦଶ ମାହେ ସେପ୍ଟମ୍ବର ସନ ୧୮୯୧ ମସିହା । ମୁ । ଭା ୨ ୫ ଅଙ୍କ ସନ ୧୩୦୬ ସାଲ ଶନିବାର ।

ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୦

ଏ ସପ୍ତାହର ୫ଉ ଏ ଜିଲ୍ଲାରେ ଅମୃତ ବୃଷ୍ଟି ହଉଅଛି ଏବଂ ଲୋକଙ୍କର ମନରୁ ଦୁର୍ଭିକ୍ଷର ଭାବନା ଦୂର ହଉଅଛି । ଏ ଲଗାଣ ବୃଷ୍ଟି ବହୁଦୂରବ୍ୟାପୀ ଅଟେ । ବମ୍ବେଇ ପ୍ରଦେଶରୁ ମଧ୍ୟ ସୁବୃଷ୍ଟିର ସମ୍ବାଦ ଆସିଅଛି ବଡ ଆନନ୍ଦର ବିଷୟ ଅଟେ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି । ପ୍ର । ଜୟପୁର । ଗାଁ । ଚିତୁଅରେ ଗୋଟାଏ କୁମ୍ଭୀର ଗେଙ୍ଗୁଟି ନଈରୁ ଉଠିଆସି ପୁଷ୍କରଣୀ ଓ ଘୋଡରେ ଲୁଚିରହି ଲୋକଙ୍କୁ ବଡ଼ କଷ୍ଟ କରୁଥିଲା । ସେଠା ଜମିଦାରଙ୍କ ପୁତ୍ର ବାବୁ କାଶୀନାଥ ପରିଡା ଏକ ଲୁହାକଣ୍ଟା ଗଢ଼ାଇ ଥୋପ ପକାଇବାରେ କୁମ୍ଭୀରଟି ତାହା ଗିଳି ପ୍ରାଣ ତ୍ୟାଗ କଲା । ତାହାର ଲମ୍ବ ଫୁ ୧୬ ଟ ଥିଲା । ସମସ୍ତ ଗ୍ରାମବାସୀ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଇଅଛନ୍ତି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଅନୁଗୁଳରେ ଯେଉଁ ମାଣରେ ଚାଉଳ ଇତ୍ୟାଦି ମାପ ହୋଇ ବିକ୍ରୟ ହୁଅଇ ତାହା ଟ ୪୬ ୯ ଙ୍କା ଓଜନର ଅଟେ । ମାତ୍ର କେହି ଟ ୪୦ ୯ ଙ୍କା ବା ଟ ୩୬ ୯ ଙ୍କା ଓଜନର ମାଣ ମଧ୍ୟ ବ୍ୟବହାର କରିବାର ଦେଖି ଏକସମାନ ମାଣ ଚଳାଇବାର କଟକଣା ନିମନ୍ତେ ଡେପୁଟୀ କମିଶନର ସାହେବଙ୍କୁ ଅନୁରୋଧ କରୁଅଛନ୍ତି । ଭରସା କରୁଁ ଏହା ସାହେବ ମହୋଦୟଙ୍କର ଦୃଷ୍ଟି ଆକର୍ଷଣ କରିବ ।

---

ବ୍ରହ୍ମରାଜ୍ୟରେ ଗୋରା ସିପାହୀମାନଙ୍କର ଏକ ରମଣୀପ୍ରତି ଅତ୍ୟାଚାର କରିବାସମ୍ବନ୍ଧରେ ଯେଉଁ ମୋକଦ୍ଦମା ଦାୟରା କୋର୍ଟରେ ଆସିଅଛି ଏବଂ ଯହିଁରେ ଆସାମିମାନଙ୍କର ପୃଥକ୍ ବିଚାର ହେଉଅଛି ତହିଁରେ ପ୍ରଥମ ଆସାମିର ବିଚାର ଗତ ସପ୍ତାହରେ ଶେଷ ହେଲା ଏବଂ ଜୁରିମାନଙ୍କ ବିବେଚନାରେ ସେ ଅପରାଧୀ ସାବ୍ୟସ୍ତ ନ ହେବାରୁ ଖଲାସ ପାଇଅଛି । ମହାମାନ୍ୟ ଗବର୍ଣ୍ଣରଜେନରଲ କାଗଜପତ୍ର ଦେଖିବା ନିମନ୍ତେ ତଲବ କରିଅଛନ୍ତି ।

—※—

କେତେକ ସମ୍ବାଦପତ୍ରରେ ପ୍ରଚାରିତ ହୋଇଅଛି ଯେ ଲକ୍ଷ୍ନୌଜିଲ୍ଲାର ବାନଠେସ୍ଥାନାର ଏକ ଠାକୁର ପତ୍ନୀ ସତୀତ୍ୱ ରକ୍ଷା ନିମନ୍ତେ ଜଣେ ପୁଲିସ ସବଇନସ୍ପେକ୍ଟର ଏବଂ ଜ ୩ ଣ କନଷ୍ଟେବଲଙ୍କୁ ତରବାରଦ୍ୱାରା ହାଣିପକାଇଥିଲା ଏବଂ କୋର୍ଟରେ ମାଜିଷ୍ଟ୍ରେଟ ତାହାକୁ ଖଲାସ ଦେଇ ଉପରାନ୍ତ ତାହାକୁ ସରକାରରୁ ପୁରସ୍କାର ଦିଆଇଲେ । ଏଥିରୁ ଲକ୍ଷ୍ନୌ ଅଡଭୋକେଟ ନାମକ ସ୍ଥାନୀୟ ସମ୍ବାଦପତ୍ର ପ୍ରକାଶ କରୁଅଛନ୍ତି କି ସେସମ୍ବାଦଟି ସମ୍ପୂର୍ଣ୍ଣ ମିଥ୍ୟା ଏବଂ ତହିଁର କିଛି ମାତ୍ର ମୂଳ ନାହିଁ । ସମ୍ଭବତଃ କେହି ଉପନ୍ୟାସ କାରର ମସ୍ତିଷ୍କରୁ ଏ କଥାଟି ବାହାରିଅଛି ।

---

ପଞ୍ଜାବନିବାସୀ ଡାକ୍ତର ମୋହନଲାଲ ଧିଙ୍ଗଡ଼ା ଇଂଲଣ୍ଡରେ ଚିକିତ୍ସାବିଦ୍ୟା ଶିକ୍ଷା କରି ବର୍ତ୍ତମାନ ଲଣ୍ଡନନଗରର ଯୋରଡଚ ବିଭାଗର ସ୍ୱାସ୍ଥ୍ୟରକ୍ଷକପଦରେ ନିଯୁକ୍ତ ହୋଇଅଛନ୍ତି । ହୁସେଗ୍ୟୁରପୁର ଜିଷ୍ଟାର ସିଭିଲସର୍ଜନ ଡାକ୍ତର ପି, ଏନ, ଦତ୍ତ ଏମ୍, ଡି, ପରୀକ୍ଷା ଦେବା କାରଣ ଏଡିନବରାକୁ ଯାଇଥିଲେ । ପ୍ଲେଗସମ୍ବନ୍ଧରେ ତାହାଙ୍କର ଲିଖିତ ପ୍ରବନ୍ଧ ସର୍ବୋତ୍କୃଷ୍ଟ ହେବାରୁ ପରୀକ୍ଷକମାନେ ତାହାଙ୍କୁ ସ୍ୱର୍ଣ୍ଣପଦକ ପୁରସ୍କାର ଦେଇଅଛନ୍ତି । ବିଲାତରେ ଭାରତବାସିଙ୍କର ଏତେ ସମ୍ମାନ ମାତ୍ର ସ୍ୱଦେଶରେ ଯଥୋଚିତ ସମ୍ମାନିତ ହେଉ ନାହାନ୍ତି ବଡ଼ ଦୁଃଖର କଥା !

---

ଖଲରଦା ମାଳସାହିର ଜଣେ ଲୋକ ପୀରବଜାର ଚଟୀଠାରେ ପହଞ୍ଚି ଦୋକାନୀମାନଙ୍କୁ କହିଲା "ମୁଁ ଚୌକୀଦାରୀ ଟିକସ ବନ୍ଦୋବସ୍ତ କରିବା ନିମନ୍ତେ ଆସିଅଛି, କଲେକ୍ଟର ସାହେବ ମୋତେ ପଠାଇଅଛନ୍ତି ।" ତାହା ସଙ୍ଗରେ କେତେଗୁଡିଏ ଫାରମ କାଗଜ ଓ ଗୋଟିଏ

Digitized by srujanika@gmail.com

ସେଲଟିଲ ଥିଲା । ସେ ତାହା ଉପରେ ଦଶଟଙ୍କା, ତାହା ଉପରେ ପନର ଟଙ୍କା ଟିକସ ବସାଇ ଦେଲା । କେତେକ ଜଣ ଦୋକାନୀ ଓଜର କରି ତାହାକୁ କିଛି ରିହାଇ ହେବା ବାଦ, ନିକଟସ୍ଥ ଜଣେ ଭଦ୍ରଲୋକ ତାହାକୁ ପ୍ରତାରକ ବୋଲି ଜାଣି ପୋଲିସକୁ ପଠାଇ ଦେଲେ । ସେ ଛମାସ କଏଦଦଣ୍ଡ ପାଇଅଛି ।

---

ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଗତ ଶନିବାର କଲିକତା ମ୍ୟୁନିସିପାଲିଟି ସମ୍ବନ୍ଧୀୟ ସଂଶୋଧିତ ପାଣ୍ଡୁଲିପିର ବିଚାର ଆରମ୍ଭ ହେଲା । ପାଣ୍ଡୁଲିପିର ଅନେକ ଧାରା ସଂଶୋଧନ ନିମନ୍ତେ ପ୍ରସ୍ତାବ ଉପସ୍ଥିତ ହୋଇ ଥିବାରୁ ସେ ସମସ୍ତର ନିଷ୍ପତ୍ତି ବହୁ ସମୟ ସାପେକ୍ଷ । ମାତ୍ର ପ୍ରଥମ ଦିନର କାର୍ଯ୍ୟ ଦେଖି ବୋଧ ହୁଅଇ ଏହି ସପ୍ତାହରେ ସେ ସବୁ ନିଷ୍ପତ୍ତି ହୋଇଥିବ । ଅନ୍ତତଃ ସେ ଦିନ ଯେତେ ସଂଶୋଧନର ପ୍ରସ୍ତାବ ଆଗତ ହୋଇଥିଲା ଗୋଟିଏ ସୁଦ୍ଧା ଅନୁମୋଦନ ହେଲା ନାହିଁ ଆଇନଟି ସରକାରଙ୍କର ଇଚ୍ଛାମତେ ପାସ ହେବ ଏବଂ ଅସ୍ୱଶାସନାଧିକାର ସମ୍ବନ୍ଧରେ ଲୋକଙ୍କର ଆଶା ଫିଟିବ ।

---

ଅଶଙ୍କିତ ଦୁର୍ଭିକ୍ଷ ସମ୍ବନ୍ଧରେ ଯେ ସମସ୍ତ ରାଜକର୍ମଚାରୀମାନଙ୍କର ବିଶେଷ ଜାଣିବାର ସୁବିଧା ଅଛି ସେମାନଙ୍କର ମତ ଏହିକି ଗତ ଦୁର୍ଭିକ୍ଷ ଯେ ପରିମାଣରେ ଭାରତ-ବ୍ୟାପି ହୋଇଥିଲା ଏଥର ସେମନ୍ତ ହେବ ନାହିଁ । ଅଳ୍ପଦିନ ତଳେ ସୁବୃଷ୍ଟି ହେବାରୁ ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶର ବିପଦ-ଖଣ୍ଡନ ହୋଇଅଛି ଏବଂ କେବଳ ଗୁଜରାଟ, ରାଜପୁତାନା ଏବଂ ଦକ୍ଷିଣ ପଞ୍ଜାବ ବର୍ତ୍ତମାନ ଭାବନାର ବିଷୟ ଅଟେ । ଯଦ୍ୟପି ଆସନ୍ତା ୩।୪ ସପ୍ତାହରେ ପ୍ରଚୁର ବୃଷ୍ଟି ଏବଂ ସୁଫଳ ହେବ ତେବେ ଦୁର୍ଭିକ୍ଷ ସାହାଯ୍ୟର ବ୍ୟୟ ଅର୍ଦ୍ଧକୋଟିରୁ ଅଧିକ ଟଙ୍କା ହେବ ନାହିଁ । ତାହା ନ ହେଲେ ନାନାବାଟରେ ସରକାର ବ୍ୟୟ ପ୍ରାୟ ଦୁଇକୋଟି ଟଙ୍କା ପଡିଯିବ ।

---

ଗଭର୍ଣ୍ଣମେଣ୍ଟଙ୍କର କୃଷିତତ୍ତ୍ୱବିଭାଗର ଗତବର୍ଷର ରିପୋର୍ଟରୁ ପ୍ରକାଶ ଯେ ବଙ୍ଗ, ମାନ୍ଦ୍ରାଜ, ବମ୍ବେଇ, ମଧ୍ୟପ୍ରଦେଶ, ରାଜପୁତାନା ଏବଂ ବ୍ରହ୍ମ ଏହିସମସ୍ତ ପ୍ରଦେଶରେ ସୁବର୍ଣ୍ଣର ଖଣି ଅଛି । କେବଳ ପଞ୍ଜାବ ଉତ୍ତରପଶ୍ଚିମ ପ୍ରଦେଶମାନ ବାକି ରହିଲା ଅର୍ଥାତ୍ ଭାରତର ଅଧିକାଂଶ ସ୍ଥାନରେ ସୁନାର ଖଣି ଅଛି ମାତ୍ର ମାନ୍ଦ୍ରାଜ ଅନ୍ତର୍ଗତ ମହୀଶୂରଛଡା ଆଉ କେଉଁସ୍ଥାନରେ ସୁବର୍ଣ୍ଣ ଖୋଳି ବାହାର କରିବାର କାର୍ଯ୍ୟ ହେଉ ନାହିଁ । ମହୀଶୂରର ଯେଉଁଠାରେ ସୁବର୍ଣ୍ଣ ଖୋଳା ହେଉଅଛି ସେଠାର ଭୂମି ପରିମାଣ ୫୦ ବର୍ଗମାଇଲ । ଗତବର୍ଷ ଏହି ସ୍ଥାନରୁ ଦୁଇକୋଟି ବାଇଶଲକ୍ଷ ଟଙ୍କାର ସୁନା ଉତ୍ପନ୍ନ ହୋଇଥିଲା ଏବଂ ଏହି ସୁନା ବାହାର କରିବା କାର୍ଯ୍ୟରେ ଜ ୫୪୦ ଣ ଇଉରୋପୀୟ କର୍ମଚାରୀ ଏବଂ ପ୍ରାୟ ଷାଠିଏହଜାର କୁଲିନିଯୁକ୍ତ ଥିଲେ । ଅନ୍ୟ ପ୍ରଦେଶର ଖଣିମାନଙ୍କରେ ଅଦ୍ୟାପି କେହି କାର୍ଯ୍ୟ କରିବାର ସୁଲଭ ଉପାୟ ବାହାର କରି ପାରି ନାହାନ୍ତି ।

---

ଭୟସୂଚକ ଭବିଷ୍ୟତ ବାର୍ତ୍ତା ପ୍ରଚାର କରିବା ଦୋଷରେ ଦିଲ୍ଲୀର ପୁଲିସ ୬୫ ଜଣ ଲୋକଙ୍କୁ ଗିରଫଦାର କରିଅଛନ୍ତି । ସେମାନେ ସମସ୍ତେ ବୈଶ୍ୟ ସମ୍ପ୍ରଦାୟର ଲୋକ ଅଟନ୍ତି । ଏକଜଣ ପ୍ରକାଶ କରିଥିଲା କି ନିକଟରେ ଗୋଟିଏ ଭୟାନକ ତୋଫାନ ହେବ ଯେ ସମସ୍ତ ସହରଟି ତହିଁରେ ଧ୍ୱଂସ ହୋଇଯିବ ଅନ୍ୟ କହିଥିଲା କି ଦଶ ଦିନମଧ୍ୟରେ ଓଲାଉଠାମାଡ଼ ସମସ୍ତ ଲୋକଙ୍କୁ ଗ୍ରାସ କରିବ । ତୃତୀୟ ବ୍ୟକ୍ତିର କଥା ଏହି କି ଲୋକଙ୍କଠାରୁ ଚନ୍ଦା ଆଦାୟ କରିବାକୁ ସେ ଗୁରୁଙ୍କଠାରୁ ଆଦେଶ ପାଇଅଛନ୍ତି ଏବଂ ଯେ ତାହା ନ ଦେବ ସେ ନାଶ ହେବ ଅଥବା କୌଣସି ବିପଦରେ ପଡିବ । ମୂର୍ଖଲୋକମାନେ ଏପ୍ରକାର କଥାରେ ଅତି ସହଜରେ ବିଶ୍ୱାସ କରନ୍ତି ଏବଂ ତଦ୍ୱାରା ସାଧାରଣ ଅଶାନ୍ତି ଏବଂ ଅନିଷ୍ଟ ଜାତ ହୁଅଇ ଏହି କାରଣରୁ ପୁଲିସ ସେମାନଙ୍କୁ ଧରି ଚାଲାଣ ଦେଇଅଛନ୍ତି । ଭରସା କରୁଁ ମାଳିକା ଏବଂ ଅଲେଖପନ୍ଥ ପ୍ରଚାରକମାନେ ଏଣିକି ସାବଧାନ ହେବେ ।

---

ଗତ ଭାଦ୍ରମାସ ଏଠାରେ ଅତ୍ୟନ୍ତ ହୀନବୃଷ୍ଟି ହେବାରୁ କୃଷିକାର୍ଯ୍ୟର ବଡ଼ ଅସୁବିଧା ହୋଇଥିଲା । ଯେଉଁଆଡ଼େ ସରକାରୀ କେନାଲ ନାହିଁ ସେଠା କୃଷିମାନେ ଆକାଶକୁ ଚାହିଁ ବସି କଷ୍ଟରେ କ୍ଷେତ ଆବାଦ କଲେ ମାତ୍ର ଯେଉଁଆଡ଼େ କେନାଲ ଅଛି ଏବଂ କ୍ଷେତକୁ ଜଳ ନେବାର କବୁଲିୟତ୍ ହୋଇଅଛି ସେଠା କୃଷିଙ୍କର ଅବସ୍ଥା ସମ୍ବନ୍ଧେ ଭଲ ହେବାର ଜଣାଯାଉ ନାହିଁ । ଅନ୍ତତଃ କେନ୍ଦ୍ରାପଡ଼ା କେନାଲ ଏଲାକାର ଅନେକ କୃଷିଙ୍କଠାରୁ ଆମ୍ଭେମାନେ ଏହିପରି ସମ୍ବାଦ ଶୁଣିଅଛୁଁ କି ବାରମ୍ବାର ପ୍ରାର୍ଥନା କଲେ ସୁଦ୍ଧା କେନାଲକର୍ମଚାରୀମାନେ ପ୍ରୟୋଜନବେଳେ ଶାଖାନାଳରେ ଜଳ ଛାଡିବାରେ ତତ୍ପର ହୁଅନ୍ତି ନାହିଁ ଏବଂ ବିଲକୁ ଜଳମାଡିବାସମୟରେ ଯେଉଁ ମାଟିନଳା ବା ସୁଟ ବହିଅଛୁ ତହିଁର ମୁହଁ ପୂର୍ବଠାରୁ ଅନେକ ଖୋଲା ହେବାରୁ ବହୁ ବିଳମ୍ବରେ ଜଳ ମାଡୁଅଛି ଏବଂ କେତେକ ନାଳର ପ୍ରାନ୍ତଭାଗର କ୍ଷେତରେ ଜଳ ପ୍ରବେଶ ନା ପୂର୍ଣ୍ଣହେବା ପୂର୍ବରୁ ଜଳଛାଡିବାର ବନ୍ଦ ହୋଇଯାଏ । ପ୍ରୟୋଜନମତେ ଜଳ ନ ପାଇବାରୁ ଜଣେ ପଟ୍ଟେଦାରକ ଶାଖାନାଳମାନଙ୍କରେ ଶୀଘ୍ର ପ୍ରଚୁର ଜଳ ଛାଡିବା ବିଷୟରେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାକାରଣ ପତ୍ର ଲେଖିଅଛନ୍ତି । ଆମ୍ଭେମାନେ ଆଶା କରୁଁ ବୃଷ୍ଟିର ଅଭାବ ବେଳେ ନାଳକର୍ମଚାରୀମାନେ ପ୍ରଚୁରଜଳ ଯୋଗାଇବାପ୍ରତି ମନୋଯୋଗୀ ହେବେ । ଇନ୍ଦ୍ରଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ତାହାଙ୍କର ଗର୍ବ ଚୂର୍ଣ୍ଣ କରିବା ସରକାରୀ ନାଳର ଉଦ୍ଦେଶ୍ୟ । ଅଭାବ ବେଳେ ନାଳଜଳ ସହଜରେ ନ ପାଇଲେ ବୋଲିବାକୁ ହେବ ଯେ କପାଳ ପଡିଲାବେଳେ ସମସ୍ତେ ପ୍ରତିକୂଳ ହୁଅନ୍ତି ।

---

ଗତ ସୋମବାର ଦିନ ଏଠା କଲେକ୍ଟରୀ କଚେରୀରେ ବଗଡ ଲାଟବନ୍ଦର ବାକି ରାଜସ୍ୱ ସକାଶେ ତେରଗୋଟି ଜମିଦାରୀ ନିଲାମ ହେଲା । ପାଞ୍ଚଶତ ମାହାଲକୁ ଉର୍ଦ୍ଧ୍ୱ ଲାଟରେ ଉଠିଥିଲା ଏଥିମଧ୍ୟରେ ଅନେକ ମାହାଲର ଟଙ୍କା ଦାଖଲ ହେବାରୁ ନିଲାମି ଦିନକୁ ଏକଶତ ମାହାଲ ବାକି ଥିଲା ମାତ୍ର ଶ୍ରୀଯୁକ୍ତ କଲେକ୍ଟର ସାହେବ ଅନୁଗ୍ରହପୂର୍ବକ ନିଲାମିସମୟପର୍ଯ୍ୟନ୍ତ ଟଙ୍କା ଗ୍ରହଣ କରିବାରୁ କେବଳ ଉପର୍ଯ୍ୟୁକ୍ତ ସଂଖ୍ୟକ ନିଲାମ ହେଲା । ବନ୍ଦୋବସ୍ତ ଆରମ୍ଭ ସମୟରୁ ଷ୍ଟେଟ-ନିଲାମରେ ଅତି ଅଳ୍ପମୂଲ୍ୟ ହେଉଥିଲା ଏଥର ଶ୍ରୀଯୁକ୍ତ ଦେଉ ସାହେବ କଲେକ୍ଟର ଗୋଟିଏ ନୂତନ ପ୍ରଥା ଅବଲମ୍ବନ କଲେ । ପ୍ରଥମ ନିଲାମି ମାହାଲର ମୂଲ୍ୟ ଅଳ୍ପ ହେଲାରୁ ସେ ଉଚିତ ମୂଲ୍ୟଦୃଷ୍ଟି ରଖି ସରକାରୀ ଡାକ ଧାର୍ଯ୍ୟ କରି ତହିଁରୁ କେହି କମ ନ ଡାକିବାର ଓ ପ୍ରତ୍ୟେକସ୍ଥଳେ ଯେପରିମାଣରେ ପ୍ରତିଡାକ ବୃଦ୍ଧି ହେବ ତାହା ନିର୍ଦ୍ଦିଷ୍ଟ କରିଦେବାରୁ ପୂର୍ବ ନିଲାମମାନଙ୍କ ପ୍ରତି ମୂଲ୍ୟ ବେଶି ହେଲା ଓ ଉଚିତ ଡାକ ଛଡିଲା । ଏଥିପୂର୍ବେ ପ୍ରତିନିଲାମରେ ଅଧିକ ମାହାଲ ସ୍ୱଳ୍ପ ପାଞ୍ଚପଟରେ ଯାଇଥିଲା । ଏଥର ପ୍ରଥମ ନିଲାମୀ ରାଉତପୁର ଜମିଦାରୀ ୫୫ଟଙ୍କାରେ

Split by PDF Splitter



୩ ଗା ମାହାଲ ୬ ଠାରୁ ୯ ଘଣ୍ଟାରେ ୫ ମାହାଲ ୧୦ ଠାରୁ ୧୬ ଘଣ୍ଟାମଧ୍ୟରେ ଏବଂ ୪ ମାହାଲ ୨୨ ଠାରୁ ୨୫ ଘଣ୍ଟାରେ ନିଲାମ ହୋଇଗଲା । ଶେଷୋକ୍ତ ମହାଲମଧ୍ୟରୁ ତେଇଶ ଗୋଟିକର ସଦରଜମା ୮୨୯୯।୶ ଏବଂ ଅନ୍ୟ ସମସ୍ତର ସଦରଜମା ଟ ୫୦୯ ଙ୍କାରୁ ଊଣା ଅଟେ । ଯାହା ହେଉ ନୂତନବନ୍ଦୋବସ୍ତ ଉପରୁ ଏଥର ମୂଲ୍ୟ ଅବଶ୍ୟ ଭଲ ହୋଇଅଛି ।

ନିଲାମ ଆରମ୍ଭ ସମୟରେ କଲେକ୍ଟର ସାହେବ ସର୍ବସାଧାରଣଙ୍କୁ ବୁଝାଇ ଦେଇଥିଲେ କି ଭବିଷ୍ୟତରେ ନିଲାମ ତାରଖପର୍ଯ୍ୟନ୍ତ ଅଧିକ ବାକି ରାଜସ୍ୱ ଟଙ୍କା ନିଆଯିବ ନାହିଁ । ଇର୍ଟବନ୍ଧ ଦିନ ଯେତେ ମହାଲର ରାଜସ୍ୱ ବାକି ରହିଯିବ ସେ ସବୁ ନିଲାମ ହେବ ଅନୁଗ୍ରହପୂର୍ବକ ପଛେ ଟଙ୍କା ନେବାର ରୀତି ଏହିଥର ଶେଷ ହେଲା । ଜମିଦାରମାନେ ସାବଧାନ ।

---

କଲିକତାର ଭୂମି ପରିମାଣ ୨୫୦ ବାଷ୍ଠୀ ଏବଂ ଲୋକସଂଖ୍ୟା ପ୍ରାୟ ୫ ଲକ୍ଷ । ସନ ୧୮୯୮ ସାଲରେ ସର୍ବସୁଦ୍ଧା ୨୩୦୪ ଶ ପୁଲିସକର୍ମଚାରୀ ଏହି ସହର ନିମନ୍ତେ ନିଯୁକ୍ତ ଥିଲେ ଏବଂ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କର ଅଦାଲତଦ୍ୱାରା ଦଣ୍ଡିତ ଏବଂ ୫୦ ଶ ମାଜୁଲ ହୋଇଥିଲେ । ପୁଲିସ ଉଚିତ ଓ ଅନୁଚିତ ମୋକଦ୍ଦମାର ସମଷ୍ଟି ସନ ୧୮୯୭ ସାଲରେ ୬୬୨୬୭ ଏବଂ ସନ ୧୮୯୮ ସାଲରେ ୭୮୩୬ ଥିଲା । ଶେଷବର୍ଷରେ ମୋକଦ୍ଦମା ଏତେ ବଢ଼ିବାର କାରଣ ଏହି କି ଏଥର ମିଉନିସିପାଲିଟି ଏଲକାର ଲାଇସେନସ୍ ନ ନେବାର ମୋକଦ୍ଦମା ୩୩୧୦୫ ଥିଲା ମାତ୍ର ତହିଁ ପୂର୍ବବର୍ଷ ଏପରି ମୋକଦ୍ଦମା ୧୬୬୧୭ ରୁ ଅଧିକ ନ ଥିଲା । ଏହି ବାଜେ ମାମଲାମାନ ଛାଡିଦେଲେ ପ୍ରକୃତ ପୁଲିସ ମୋକଦ୍ଦମା ପୂର୍ବବର୍ଷଠାରୁ ଊଣାପଡିବାର ଦେଖାଯିବ । ମିଉନିସିପାଲିଟୀର ପାଉଣା ଆଦାୟ ନିମନ୍ତେ ଫଉଜଦାରୀ ଅଦାଲତର ସାହାଯ୍ୟ ନେବା ମାନ୍ୟବର ଲେଫ୍ଟେନାଣ୍ଟଙ୍କ ବିବେଚନାରେ ଯୁକ୍ତିସଙ୍ଗତ ନୁହଇ । ମିଉ ସିପଲ ଆଇନର ନୂତନ ପାଣ୍ଡୁଲିପିରେ ଲାଇସେନସ୍ ଫିସ ଆଦାୟର ଭିନ୍ନ ବ୍ୟବସ୍ଥା ହୋଇଅଛି । ଭରସା କରୁଅଛୁ ଭବିଷ୍ୟତରେ ଏ ଶ୍ରେଣୀର ମାମଲା ବଢ଼ିବ ନାହିଁ ।

୧୮୯୭ ସାଲରେ ଟ ୩,୦୬,୧୬୩୯ ଙ୍କା ମୂଲ୍ୟର ଏବଂ ସନ ୧୮୯୮ ସାଲରେ ଟ ୨,୦ ୬୬,୪୬୦୯ ଙ୍କା ମୂଲ୍ୟର ସମ୍ପତ୍ତି ଚୋରିଯାଇ ପୁଲିସଦ୍ୱାରା ଯଥାକ୍ରମେ ଟ ୧,୭୨,୬୨୯୯ଙ୍କା ଏବଂ ଟ ୧,୮୨,୩୫୦୯ ଙ୍କାର ଦ୍ରବ୍ୟ ପୁନଃ ପ୍ରାପ୍ତି ହୋଇଥିଲା । ପ୍ରଥମବର୍ଷରେ ଶତକଡ଼ା ୫୬ ରୁ ଶେଷବର୍ଷରେ ଶତକଡ଼ା ଟ ୬୬୯ ଙ୍କା ପୁନଃ ପ୍ରାପ୍ତି ହେବା ଏବଂ ଗ୍ରେପ୍ତାର ସଂଖ୍ୟା ଊଣା ପଡିବ ଅବଶ୍ୟ ପୁଲିସର ସୁଖ୍ୟାତିର୍ କୋଲବାକୁ ହେବ । କଲିକତାରେ କେତେକ ଲୋକ ଜାଲିକମ୍ପାନୀ ନାମରେ ଲୋକଙ୍କୁ ଠକୁଥିଲେ । ପୁଲିସର ତୀକ୍ଷ୍ଣବୁଦ୍ଧିଦ୍ୱାରା ସେମାନଙ୍କର ସଂଖ୍ୟା ବହୁପରିମାଣରେ ଊଣା ପଡିଅଛି । ପୁଲିସବିଭାଗର କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିଥିବାରୁ ପୁଲିସ କମିଶନର ଶ୍ରୀଯୁକ୍ତ ଜେମସ୍ ସାହେବ ଡେପୁଟୀ କମିଶନର ପେଜଟ ସାହେବଙ୍କୁ ଲେଫ୍ଟେନାଣ୍ଟ ବାହାଦୂର ଧନ୍ୟବାଦ ଦେଇଅଛନ୍ତି ।

---

ବଙ୍ଗ ପ୍ରଦେଶର ରେଜଷ୍ଟ୍ରୀ ଭୁକ୍ତ କମ୍ପାନୀ ଅର୍ଥାତ୍ ଯୌଥ ବ୍ୟବସାୟ ସମିତିମାନଙ୍କର ବାର୍ଷିକ ତାଲିକା ବାହାରିଅଛି । ତହିଁରୁ ନିମ୍ନଲିଖିତ ବିଷୟମାନ ସଙ୍କଳିତ ହେଲା । ଯଥା—

| | କମ୍ପାନୀର ସଂଖ୍ୟା | ମୂଲଧନ ଯାହା ଆଦାୟ ହୋଇଅଛି |
|---|---|---|
| ସନ ୧୮୯୭।୯୮ ସାଲ ଶେଷରେ ରହିଥିବା | ୬୬୬ | ଟ ୧୪,୧୧,୨୦,୨୫୭ |
| ସନ ୧୮୯୮।୯୯ ସାଲରେ ରେଜଷ୍ଟ୍ରୀ ହେଲା | ୨୧ | ଟ — |
| ସେହି ବର୍ଷ ମୂଲଧନ ବୃଦ୍ଧି ହେଲା | ୧୪ | ଟ ୧,୨୫,୪୫,୭୮୬ |
| ସେହିବର୍ଷ ମୂଲଧନ ଊଣା ହେଲା | ୨ | ଟ ୧,୦୪,୦୦୦ |
| ସେହିବର୍ଷ ଉଠିଗଲା | ୨୦୦ | ଟ ୩୭,୨୮,୫୩୪ |
| ସେହି ବର୍ଷ ଶେଷରେ କାର୍ଯ୍ୟ କରୁଥିବା | ୪୮୭ | ଟ ୧୪,୯୮,୪୩,୫୦୮ |

ଏଥିରୁ ଦେଖାଯାଏ ଯେ କେବଳ ୧୪ କମ୍ପାନୀର କାର୍ଯ୍ୟ ବିସ୍ତାର ହେତୁ ମୂଲଧନ ବୃଦ୍ଧି ହୋଇଥିଲେହେଁ ମୋଟରେ ପୂର୍ବବର୍ଷଠାରୁ ୧୭୯ କମ୍ପାନୀ ଊଣା ପଡିଅଛି । ଏହା ଅବଶ୍ୟ ଦୁଃଖର ବିଷୟ ଅଟେ । ଯୌଥ କାରବାରର ଉନ୍ନତି ଉପରେ ଦେଶର ସୌଭାଗ୍ୟର ସମ୍ପର୍କ ମାତ୍ର ତହିଁପ୍ରତି ଲୋକଙ୍କର ମନ ଅଧିକପରିମାଣରେ ଆକର୍ଷିତ ହେବାର ଉଚିତ ଥାଉ ବରଂ ପୂର୍ବଠାରୁ କ୍ରମେ ଊଣା ପଡିଆସୁଅଛି । ଏତେ କମ୍ପାନୀ ଉଠିଯିବା କାରଣ ଅସ୍ୱଚ୍ଛର ବଣିଲେହେଁ ଆଶ୍ଚର୍ଯ୍ୟର ବିଷୟ ନୁହେ କାରଣ ଉଠିଯିବା କମ୍ପାନୀର ଅଧିକାଂଶ ବୀମା ଅଥବା ସାହାଯ୍ୟ ଭଣ୍ଡାର ଅଟେ ଯାହା ତ କେତେକ ଲୋକ ଅଗ୍ର ପଶ୍ଚାତ୍ ବିଚାର ନ କରି ଘର ଦେଖା ଦେଖି ମୋଫସଲର ନାନାସ୍ଥାନରେ ସ୍ଥାପନ କରିଥିଲେ ଏବଂ ଶେଷରେ ଚଳାଇ ନ ପାରି ଛାଡିଦେଲେ । ଆଶା କରୁଅଛୁ ଏଣିକି ଯେପରି କମ୍ପାନୀର ସଂଖ୍ୟା ବୃଦ୍ଧି ହେବ ତାହିଁ ଓ ଲୋକେ ସାବଧାନ ହୋଇ କାର୍ଯ୍ୟରେ ପ୍ରବେଶ କରିବେ । ବର୍ତ୍ତମାନ ଯେସବୁ କମ୍ପାନୀ ଅଛି ତହିଁର ଅଧିକାଂଶ ଏବଂ ପ୍ରାୟ ସମସ୍ତ ବଡ ବଡ କମ୍ପାନୀର ଅଧିକାରୀ ଏବଂ କାର୍ଯ୍ୟାଧ୍ୟକ୍ଷମାନେ ଇଂରାଜ ଅଟନ୍ତି । ଦେଶୀୟ ଲୋକଙ୍କର ପ୍ରତିଷ୍ଠିତ କମ୍ପାନୀର ସଂଖ୍ୟା ଓ ବ୍ୟବସାୟ ବୃଦ୍ଧି ନ ହେଲେ ଏ ଦେଶର ଦରିଦ୍ରତା ଦୂର ହେବ ନାହିଁ

---

## ନୂତନ ଶିକ୍ଷାପ୍ରଣାଳୀ ।

ଦେଶୀୟ ଭାଷାର ଶିକ୍ଷାଦାନ ସମ୍ବନ୍ଧରେ ବିଶେଷ କମିଟି ନିଯୁକ୍ତ ହୋଇ ଯେଉଁ ନୂତନ ପ୍ରସ୍ତାବ କରିଅଛନ୍ତି ଏବଂ ଯାହା ଗବର୍ଣ୍ଣମେଣ୍ଟ ବିଜ୍ଞାପନରେ ଦେଇ ସର୍ବସାଧାରଣଙ୍କର ଅଭିପ୍ରାୟ ଜାଣିବାକୁ ଇଚ୍ଛା କରୁଅଛନ୍ତି ତାହା ବିବେଚନା ନିମନ୍ତେ କଲିକତାର ସାହିତ୍ୟ ପରିଷଦର ଗୋଟିଏ ଅଧିବେଶନ ରାଜା ବିନୟ କୃଷ୍ଣଙ୍କର ପ୍ରାସାଦରେ ଅଲ୍ପଦିନ ହେଲା ହୋଇଥିଲା । ବାବୁ ଦ୍ୱିଜେନ୍ଦ୍ରନାଥ ଠାକୁର ସଭାପତିର ଆସନ ଗ୍ରହଣ କରିଥିଲେ ଅନ୍ୟାନ୍ୟ ସମ୍ଭ୍ରାନ୍ତ ଲୋକ ମଧ୍ୟରେ ବିଚାରପତି ଗୁରୁଦାସ ବାନର୍ଜି ବାବୁ ଶାରଦାଚରଣ ମିତ୍ର, ବାବୁ ସତ୍ୟେନ୍ଦ୍ର ଚନ୍ଦ୍ର ଶାସ୍ତ୍ରୀ ପ୍ରଭୃତି ଉପସ୍ଥିତ ଥିଲେ । ଅନେକ ତର୍କ ବିତର୍କ ଉତ୍ତାରୁ ସଭାରେ ଧାର୍ଯ୍ୟ ହେଲା ଯେ କି (୧) ବର୍ତ୍ତମାନ ଯେଉଁମାନେ ଗୁରୁମହାଶୟ କାର୍ଯ୍ୟ କରୁଅଛନ୍ତି ତାହାଙ୍କଠାରୁ ଅନେକ ଶ୍ରେଷ୍ଠ ଶ୍ରେଣୀର ଶିକ୍ଷକ ପ୍ରସ୍ତୁତ ନ ହେଲେ କିଣ୍ଡର ଗାର୍ଟନ୍ ପ୍ରଣାଳୀରେ ଶିକ୍ଷା ଦେବା ସମ୍ଭବ ନୁହେ କାରଣ ଶିକ୍ଷକର ଏକାନ୍ତ ନିପୁଣତା ଉପରେ ତାହା ନିର୍ଭର କରେ । (୨) ସେ ପ୍ରଣାଳୀ ଏକାବେଳେ ସମସ୍ତ ପ୍ରଦେଶରେ ପ୍ରଚଳିତ ନ କରି ପରୀକ୍ଷା ସ୍ୱରୂପ ଅଳ୍ପସ୍ଥାନରେ ପ୍ରବର୍ତ୍ତାଇବା ଯୁକ୍ତିସଙ୍ଗତ ଅଟେ (୩) ଶିକ୍ଷାର ବିଷୟମାନ ଏପରି ଶୃଙ୍ଖଳାବଦ୍ଧ ହେବାର ଉଚିତ କି ଯଦ୍ଦ୍ୱାରା ଏକ ଶ୍ରେଣୀର ବିଦ୍ୟାଳୟରୁ ଉଚ୍ଚତର ଶ୍ରେଣୀର ବିଦ୍ୟାଳୟକୁ ଉଠିବାର ସହଜ ହେବ (୪) ଛାତ୍ରବୃତ୍ତି ପରୀକ୍ଷାର ପାଠ୍ୟ ବିଷୟ ଯଥେଷ୍ଟ ନୁହେ ଏବଂ ତହିଁରେ ବ୍ୟାକରଣ ଅନ୍ତତଃ ପୃ ୫୦ ଖଣ୍ଡ ରହିବା ଆବଶ୍ୟକ । ଏଥିରୁ ପ୍ରକାଶ ଯେ ସଭା ନୂତନ ପ୍ରଣାଳୀର ବିରୋଧୀ ନୁହନ୍ତି କେବଳ ଉପଯୁକ୍ତ ଶିକ୍ଷକ ପ୍ରୟୋଜନୀୟ ସଂଖ୍ୟାରେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ କ୍ରମେ କ୍ରମେ ତାହା ପ୍ରଚଳିତ କରିବା ଏବଂ

Digitized by srujanika@gmail.com

ପାଠ୍ୟ ବିଷୟର ସାମାନ୍ୟ ପରିବର୍ତ୍ତନ କରିବାକୁ ମତ ଦେଇଅଛନ୍ତି । ଅବଶ୍ୟ ନୂତନ ନିୟମ ଜାରି ହେଲେ ତହିଁ ଅସୁବିଧାମାନ କ୍ରମେ୨ ଘୁଞ୍ଚାଇବାର ଯତ୍ନ ହେବ ଏବଂ ପାଠ୍ୟ ବିଷୟର ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ ହେବ । ନୂତନ ପ୍ରଣାଳୀ ଆଦୌ ଉପଯୋଗୀ ନୁହେ ଏମନ୍ତ ବୋଲାଯାଇ ନ ପାରେ । ପ୍ରକୃତରେ ଏହାର ଅନେକ ଗୁଣ ଅଛି ଏବଂ ମୋଫସ୍ସଲର ବିଦ୍ୟାଳୟମାନ ଏ ପ୍ରଣାଳୀରେ ପରିଚାଳିତ ହେଲେ ଅଧିକ ଉପକାର ହେବ ସନ୍ଦେହ ନାହିଁ ।

---

### ସ୍ୱାର୍ଥ–ତ୍ୟାଗ ।

ଗତ ପୂର୍ବସପ୍ତାହର ବଙ୍ଗବାସୀ ନାମକ ବଙ୍ଗଳା ସମ୍ବାଦପତ୍ରରେ ଶିର୍ଷୋକ୍ତ ବିଷୟରେ ଗୋଟିଏ ସୁନ୍ଦର ପୌରାଣିକ ଉପାଖ୍ୟାନ ପ୍ରକାଶିତ ହୋଇ ଅଛି । ପାଠକମାନଙ୍କର ମନୋରଞ୍ଜନ ନିମନ୍ତେ ତହିଁର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶ କଲୁଁ ଯଥା;—

ମିଥିଳାର ଜନକ ବଂଶରେ ପୂର୍ବକାଳେ ବିପଶ୍ଚିତ ନାମରେ ଏକ ରାଜା ଥିଲେ । ସେ ଅତ୍ୟନ୍ତ ଧାର୍ମିକ, ସୁଶୀଳ ସୁଶାସକ ଏବଂ ସୁପାଳକ ଥିଲେ । ସତ୍ୟ କ୍ଷମା ଧୈର୍ଯ୍ୟାଦିରେ ତାହାଙ୍କର ତୁଳନା ନ ଥିଲା ଏବଂ ଅତିଥି ସେବା, ନିତ୍ୟ-ନୈମିତ୍ତିକ ଶ୍ରାଦ୍ଧ, ଜଳଦାନ, ଅନ୍ନଦାନ ଓ ପରୋପକାରରେ ସର୍ବଦା ମୁକ୍ତହସ୍ତ ଥିଲେ । ଯଥାକାଳରେ ତାହାଙ୍କର ଦେହତ୍ୟାଗ ହୁଅନ୍ତେ ତାହାଙ୍କର ପୁଣ୍ୟମୂର୍ତ୍ତି ସ୍ୱର୍ଗୀୟ ବିମାନରେ ଆରୂଢ଼ ହୋଇ ଅଳ୍ପକାଳ ନିମନ୍ତେ ନରକରେ ଉପସ୍ଥିତ ହେଲା । କେଉଁ ଜ୍ଞାନକୃତ ପାପ ନିମନ୍ତେ ସେ ନରକକୁ ଆନୀତ ହେଲେ ଏହା ପ୍ରଶ୍ନ କରନ୍ତେ ଯମଦୂତମାନେ ଉତ୍ତର କଲେ ଯେ "ଆପଣଙ୍କର କୁଳରାଣୀଙ୍କ ଆପଣ ସମାନରୂପ ପ୍ରେମ ନ କରି ଏକଜଣ ଅପେକ୍ଷାକୃତ ସୁନ୍ଦରୀ ଥିବାରୁ ତାହାଙ୍କୁ ଅଧିକ ଦେଖିପାରୁଥିଲେ ଏହି ପାପହେତୁ ଧର୍ମ-ରାଜାଙ୍କର ଅତ୍ୟନ୍ତ ମୃଦୁବିଚାରରେ କ୍ଷଣକାଳ-ନିମନ୍ତେ ନରକକୁ ଆସିଅଛନ୍ତି । ଏଥର ସ୍ୱର୍ଗକୁ ଚାଲନ୍ତୁ ଅକ୍ଷୟ ସୁଖଭୋଗ କରିବେ।" ଏହା ଶୁଣି ରାଜା ଅନୁଲାପ କରି ସ୍ୱର୍ଗକୁ ଯିବାକୁ ଉଦ୍ୟତ ହୁଅନ୍ତେ ନରକବାସୀ ପାପିମାନେ କହିଲେ ମହାରାଜ "ଆଉ କିଛିକାଳ ଏ ମଠ ରହନ୍ତୁ । ଅମ୍ଭେମାନେ ନରକର ଅସହ୍ୟ ଯନ୍ତ୍ରଣା ଭୋଗ କରୁ ଅଛୁଁ । କିଛିମାତ୍ର ବିଶ୍ରାମ ନାହିଁ । ଆଜ ଆମ୍ଭମାନଙ୍କର କି ସୌଭାଗ୍ୟ ଯେ ଆପଣଙ୍କର ପବିତ୍ର ମୂର୍ତ୍ତି ଦର୍ଶନରେ ଅମ୍ଭମାନଙ୍କର କଷ୍ଟ ଲାଘବ ହେଉଅଛି ଏବଂ ଆପଣଙ୍କର ଶରୀରଶୌରଭ-ବାୟୁ ସ୍ପର୍ଶରେ ଅମ୍ଭମାନଙ୍କର ପାପ ଦେହକୁ ଶୀତଳ କରୁଅଛି । ଆପଣ ଆଉ କିଛିକ୍ଷଣ ଏହି ସୁଖ ଅମ୍ଭମାନଙ୍କୁ ପ୍ରଦାନ କରନ୍ତୁ । ତହୁଁ ରାଜା ଅତ୍ୟନ୍ତ ବ୍ୟସ୍ତ ହୋଇ ଯମଦୂତମାନଙ୍କୁ କହିଲେ "ଯେବେ ମୁଁ ନରକରେ ରହିଲେ ଅତ୍ୟନ୍ତ କଷ୍ଟରେ ଥିବା ଏତେଲୋକ କିଛିକମାଣ ସୁଖି ହେବେ ତେବେ ସ୍ୱର୍ଗରେ ଏକା ସୁଖଭୋଗ କରିବାଠାରୁ ନରକରେ ରହିବା ଶ୍ରେୟ ଅତଏବ ମୁଁ ସ୍ୱର୍ଗକୁ ଯିବି ନାହିଁ।" ଏତେଲୋକଙ୍କ ଦୁଃଖରେ ଛାଡ଼ିଗଲେ ମୋତେ ସ୍ୱର୍ଗ ଭଲଲାଗିବ ନାହିଁ ।" ଯମଦୂତମାନେ ନିରୁତ୍ତର ହୋଇ ରହିଲେ । ତେତେବେଳେ ଧର୍ମରାଜ ଓ ଇନ୍ଦ୍ର ରାଜାଙ୍କଠାରେ ଉପସ୍ଥିତ ହୋଇ ରାଜାଙ୍କୁ ବୁଝାଇଲେ ଯେ ଯେଉଁବ୍ୟକ୍ତି ପାପୀ ନରକ ତାହା ନିମନ୍ତେ । ଆପଣ ପୁଣ୍ୟବାନ୍ ସୁତରାଂ ଆପଣ ଏଠାରେ ରହି ନ ପାରନ୍ତି । ନିଜ୨ କର୍ମଫଳ ସମସ୍ତଙ୍କୁ ଭୋଗ କରିବାକୁ ହେବ । ଆପଣ ସ୍ୱର୍ଗକୁ ଚାଲନ୍ତୁ । ରାଜା ଏହା ଶୁଣି କହିଲେ "ପ୍ରଭୁ ଧର୍ମରାଜ ! ଯେବେ ମୋହର ପୁଣ୍ୟଫଳ କିଛି ସଞ୍ଚିତ ଥାଏ ତେବେ ତାହା ଏହି ନରକର ଜୀବମାନଙ୍କୁ ବାଣ୍ଟିଦିଆଯାଉ ଏବଂ ସେହି ଫଳରେ ସେମାନେ ନରକରୁ ଉଦ୍ଧାର ପାଆନ୍ତୁ । ସେଥି-ପାଇଁ ମୁଁ ନରକରେ ପଡ଼ି ରହିଲେ ଦୁଃଖିତ ହେବି ନାହିଁ । ଯାହାର ଏତେଦୂର ସ୍ୱାର୍ଥତ୍ୟାଗ ଯେ ପରଦୁଃଖ ଦୂରକରିବା ନିମନ୍ତେ ଆପଣାର ସର୍ବସ୍ୱ ଦାନ କରି ଆପେ ନରକଯନ୍ତ୍ରଣା ଭୋଗ-କରିବାକୁ ପ୍ରସ୍ତୁତ ସେ ଦୟା ଧର୍ମର ଅବତାର । ସେକି ନରକରେ ରହିବାର ଯୋଗ୍ୟ ! ଧର୍ମରାଜ ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ "ମହାରାଜ ! ଆପଣଙ୍କର ପୁଣ୍ୟବଳରେ ନରକର ଜୀବମାନେ ମୁକ୍ତ ହେଲେ ଏବଂ ଆପଣଙ୍କର ପୁଣ୍ୟଫଳ ପୂର୍ବାପେକ୍ଷା ଅଧିକ ହେଲା । ଅତଏବ ଆପଣ ଉତ୍କୃଷ୍ଟତର ସ୍ଥାନକୁ ଗମନ କରନ୍ତୁ ।" ସ୍ୱାର୍ଥ-ତ୍ୟାଗ ଏବଂ ପରୋପକାରର ଏପରି ଆଦର୍ଶ ସର୍ବଦା ହୃଦୟରେ ଚିନ୍ତା କରିବା ଉଚିତ । ପରର ହିତ ନିମନ୍ତେ ଯେ ଆପଣାର ସ୍ୱାର୍ଥ ତ୍ୟାଗ କରେ ସେହି ପ୍ରକୃତ ପରୋପକାରୀ ଅଟେ ।

---

## ସାପ୍ତାହିକ ସମାଚାର

ଏ ସପ୍ତାହରେ ବର୍ଷା ହେବାରୁ ଗ୍ରୀଷ୍ମଅଦୌ ନଷ୍ଟ ଯାଇ ନାହିଁ । କୁଇଲ ପ୍ରକୋପ କିଛି ଅଧିକ ହୋଇଅଛି ଏବେ ଓଳାଉଠା ଇତ୍ୟାଦି ଦୃଷ୍ଟ ହୋଇ ନାହିଁ ।

ଓଡ଼ିଶାର ନୂତନ କମିସନର ଶ୍ରୀଯୁକ୍ତ ମାଇକେଲ ସାହେବ ଏଠି ମହାଲବାର ଭଗବାନଙ୍କେ ଅପଣାର ନରେନ୍ଦ୍ରର ପ୍ରଥମ ବଡ଼କମାଣ୍ଡ ହୋଇ ସିଭିଲିଆନ ରୂପ ଦେଖିଥିଲେ ।

ଅତ ନଭେମ୍ବରରେ ପୁରୀଠା ସ୍କୁଲ ୧୯୦୨ ସାଲ ଆରମ୍ଭ ହେବ । ଅର୍ଥଠାରୁ ମେଫସଲରେ ଭବିଷ୍ୟତ ହିନ୍ଦୁ ନିମୁଲ ହେବ ବୋଲି ଶୁଣାଯାଏ । ମାତ୍ର ଏଥିର ସର କାର୍ଯ୍ୟ ନୁହେ କରୁ ବେଶି ନାହିଁ ।

ତରତୋଲ ମୌଜାରେ କାମ୍ପବେଲ ସାହେବ ଗତ ଅନ୍ଧକାରର ଗୋଟାଏ ଥାନାରୁ ୭୫୦ ଟଙ୍କା ଚୁରିକରି ନେଇ ବୁଲଗୋଷ୍ଠ ଅଧିକମ୍ପି ହେଲା ଏବଂ ତାହା ଧରିଲେ ଦେଇ ୧୫ ଟଙ୍କା ପାଇବା ଏକବ୍ୟକ୍ତି ଲେଖିଅଛନ୍ତି ।

ଅସନ୍ତା ନବମ୍ବର ମାସରେ ଯେଉଁ ଏଫ୍ଏ ପରୀକ୍ଷା ହେବ ତହିଁର ପରୀକ୍ଷକ ପଦରେ ଶ୍ରୀଯୁକ୍ତ ବାମପଦର ସାହେବ ଏବଂ ମାନ୍ଦ୍ରାଜର ଡାକ୍ତର ଅନନ୍ତରାଓ ମୁଖର୍ଜି ନିଯୁକ୍ତ ହୋଇଅଛନ୍ତି ।

ବାବୁ ପ୍ରଶାନ୍ତକୁମାର ଘୋଷଙ୍କ ଦରବାରୁ ସାଧ କମ୍ପାନୀ ଠାରେ ଦଶହଜାର ଟଙ୍କା ପଡ଼ିବାଦାରରେ ଦୁଇକଚେରିର ମହାରାଜ ଟ ୮୦୦୦୯ ଙ୍କା ଦାନ ଦେବାର ମଞ୍ଜୁର କରିଅଛନ୍ତି ।

ବ୍ରହ୍ମେଶ୍ବର ମନ୍ଦିରର ମାଲଗୁଜାରି ବା ଟ୍ରଷ୍ଟି ସ୍ୱରୂପ ରାମନାଥର ରାଜାଙ୍କ ନାମରେ ଧର୍ମଦର୍ଶୀର ଅଦାଲତରେ ଯେଉଁ ମୋକଦ୍ଦମା ଦାୟର ହୋଇଅଛି ତାହା ଗୋଟିଏ ଭାରି ମୋକଦ୍ଦମା ଅଟେ । ଏଥିରେ ୧୬ ଜଣ ବ୍ୟାରିଷ୍ଟର ନିଯୁକ୍ତ ହୋଇଅଛି ।

ଜାତୀୟ ମହାସଭାର ଆଗାମୀ ଅଧିବେଶନ ମାସର ଅଧିବେଶନ ଲକ୍ଷ୍ନୌ ସହରରେ ହେବ । ସେଥିର ଖର୍ଚ୍ଚ ନିମନ୍ତେ ସେଠାରେ ଏକ କମିଟି ସ୍ଥାପିତ ହୋଇଅଛି ଏବଂ ମାତ୍ର ଟ ୪୦୯ ଙ୍କା ଇତ୍ୟାଦିରେ ମା ୧୦ ଶ୍ରୀମନ୍ତ ଜମିଦାରମାନଙ୍କଠାରୁ ଚାନ୍ଦା ଆସିଅଛି । ଏହିତ ସଙ୍ଗେ ନିମନ୍ତେ ଯେତେ ସଂଗ୍ରହ ହେଉଅଛି ।

ଆଦ୍ରଚମ୍ବାଦ —କୋଡ଼ାକବ ରେଲୱେର ପ୍ରଥମ ଖଣ୍ଡ ମା ୧୪୦ ମାଇଲ ଅର୍ଥାତ୍ ମାର୍ଚ୍ଚ ତା ୧ ରିଖରେ ଖୋଲିବ । ନିଜାମଙ୍କ ରାଜ୍ୟରୁ ଏହି ଦେବଗିରି-ଜଲନା-ଜାଲନା ଏହି ପ୍ରଭୃତି ନିର୍ବାହ କରିବେ ଏବଂ ଏହା ସମ୍ପୂର୍ଣ୍ଣ ସରକାରଙ୍କ ତାହା ସମ୍ପନ୍ନ ହେବ ।

ଦକ୍ଷିଣ ପ୍ରଦେଶର ସାତ୍ତାରା ଓ ମାଲବାରମାନଙ୍କର ବର୍ଷା ଅଭାବ ସହିତ ପ୍ରଥମ ମୋକଦ୍ଦମା ଲକ୍ଷ୍ୟ ହୋଇଅଛି । ତହିଁରେ ଜଣେ ସାମନ୍ତ ମାଲଗୁଜାର ମାନଙ୍କୁ ମଣିଅଛନ୍ତି ପ୍ରମାଣ ଦେବାକୁ କ ୭ ଦିନ ଏବଂ ଅନ୍ୟ ଅଭିଯୋଗୀଙ୍କ ନ ୪ ଦିନ ରୁ ମା ୭ ଘ ପର୍ଯ୍ୟନ୍ତ ଦିଆଯାଇଅଛି ।

ଗତ ମାସ ତା ୩୧ ରିଖ ଦିନ ରଙ୍ଗୁନ ଠାରେ ହଠାତ୍ ୨ ହିଲ ରେଲଗାଡ଼ି ଧକ୍କା ଲାଗି ଜଣେ ଲୋକ ମୃତ୍ୟୁମୁଖରେ ପଡ଼ିଲେ ଓ ୭୨ ଜଣ ପୀଡ଼ାପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ ।

ପୁନାଠାରୁ ସମ୍ବାଦ ମିଳଇ ଯେ କେଲସ୍ଥାନଠାରେ ତ ୨୫ ଦିନଙ୍କ ପ୍ଲେଗରେ ଜଣେ ଲୋକ ପ୍ରତିଦିନ ମାତ୍ର ପଡ଼ୁଅଛି । କିନ୍ତୁ ଠିକ ଯେ ପ୍ଲେଗ ଧ୍ୟାନ ଦେଇ ତାହାର ମୃତ୍ୟୁସଂଖ୍ୟା ସେମାନେ ଲକ୍ଷିତ ଥିଲେ ଓ ସ୍ଥାନଙ୍କ ଅନେକ ମତେ ଯେ ସେମାନଙ୍କୁ ମାରିଦିଆଯାଇଅଛି । କିନ୍ତୁ ଏଥା ଅଦ୍ୟ ପ୍ରକାଶିତ ହୋଇ ନାହିଁ ।

ବରଦଟାର ଦର୍ଶନ ରାଜ୍ୟର ଅଧ୍ୟାପକ ମୁଖର୍ଜୀ ବଙ୍ଗଳା କଂଗ୍ରେସର ସଭାର ସଭାପତିରେ ନିଯୁକ୍ତ କରାଯିବାକୁ ଯେଠାରେ ଲେଫ୍ଟନାଣ୍ଟ ଲାଟ୍ ନୂଆ ସମ୍ବାଦ ଦେଇ ସ୍ୱୀକାର କରିଥିବାର ସମ୍ବାଦ ମିଳଇ ।

କୋଷାଗାର ଖଜାନା ଜାତିଅଛାନରେ ବ୍ରିଟିଶ ସମ୍ପତ୍ତିର ହୋଇଥିବା ଓ ତଦନ୍ତମାନେ ଦସ୍ତାବିଜମାନଙ୍କୁ ଦାଖଲ କରୁଥିବାର ସମ୍ବାଦ ମିଳଇ ।

କଲିକତାଠାରେ ଜଣେ ପ୍ଲେଗର ରୋଗୀରେ ଏକ ସ୍ତ୍ରୀ ପ୍ଲେଗର ଗୋଟିଏ ଘୋଡ଼ା ପ୍ରବେଶ କରିବାକୁ ଦିଆଯାଇ ଅପଣାର ଓଳିଆ ସ୍ୱହସ୍ତରେ କରୁ ଘୋଡ଼ା ସସ୍ୱ ଧରିବାକୁ ପଠାଇଥିଲା । ମାତ୍ର ପ୍ଲେଗ ଘୋଡ଼ା ଘରକୁ ଦେବାକୁ ଯେ ସ୍ୱପ୍ନ ଦାବି ନ କାଳକୁ ନେଦେବାକୁ ଦାବି କଲା । ସେ ଦସ୍ତାବେଜ ମା ୪ ଓ ଭାଷ୍ୟନ୍ତର ଅଦ୍ୟାପି ପାଇଥିବାର ସମ୍ବାଦ ମିଳଇ ।

Split by PDF Splitter

Digitized by srujanika@gmail.com

317 m

ଖାଗଡ଼ା ଜାବାଳକର ଶିକ୍ଷକ ମୌଲବୀ ମୁହାମଦ ଖାଁ ଜାବାଳକର ମାତାକୁ ବିବାହ କରିବାରୁ ତାହାଙ୍କୁ ଶିକ୍ଷକତା କାର୍ଯ୍ୟରୁ ବଙ୍ଗାଳ ଗବର୍ଣ୍ଣମେଣ୍ଟ ପଦଚ୍ୟୁତ କରିଅଛନ୍ତି। ମାତ୍ର ମଧ୍ୟ ଜାବାଳକର ମାହାଫିଜ କାର୍ଯ୍ୟରୁ ବହିଷ୍କୃତ ହୋଇ ଅଛନ୍ତି।

ଚୀନ, ଉଡାଣ, କୁଚେବୁଂ ଅନ୍ତର୍ଗତ ନଗରମାନ ଠାରେ ଜଳପ୍ଳାବନର ଅତ୍ୟାଚାର ଦେଖିବାକୁ ଯାଇଥିବାର ସମ୍ବାଦ ମିଳଇ ମାତ୍ର ଲୋକଙ୍କ ଦୁଃଖରେ ସନ୍ତୁଷ୍ଟ ନାହାନ୍ତି।

କଲିକତା ହାଇକୋର୍ଟ ଦୁର୍ଗୋତ୍ସବ ପର୍ବ ଉପଲକ୍ଷରେ ଚଳିତ ମାସ ତା ୮ ରିଖଠାରୁ ବନ୍ଦ ହୋଇଗଲା। ଅକ୍ଟୋବର ମାସ ତା ୧୯ ରିଖରେ ଫିଟିବ। ବଙ୍ଗୁଆପଡ ଖେଳ ଏବଂ ଫେରିଲ ସାହେବମାନେ ଏହି ସମୟରେ ଅବଶ୍ୟମ୍ଭାବୀ ଦଣ୍ଡବିଧାନ କ୍ରିୟାଦି କରିବେ।

କଲିକତାର ପଶୁ ପ୍ରଦର୍ଶନୀ କାର୍ଯ୍ୟ ପରିଦର୍ଶନ ନିମନ୍ତେ ମାସିକ ଟ ୩୦୦୲ ଙ୍କା ବେତନ ଏବଂ ଟ ୧୦୦ ଙ୍କା ଘୋଡ଼ାଖର୍ଚ୍ଚରେ ଜଣେ ଇଞ୍ଜିନିୟର ନିଯୁକ୍ତ ନିମନ୍ତେ ରହିବାର ପ୍ରସ୍ତାବ ହୋଇଅଛି।

ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ।

ମହାଶୟ!

ଆପଣଙ୍କର ଗତ ମାସ ତା ୯ ରିଖର ପତ୍ରିକାରେ ଆପଣ ଏ ନଗରର ମୁସଲମାନ ସଭା ସମ୍ବନ୍ଧେ ଯେଉଁ ଯୁକ୍ତି କରିଅଛନ୍ତି ତହିଁରୁ ଅମର ଅଶଙ୍କା ହେଉଅଛି ଯେ "ହିତସାଧନ" ର ଅର୍ଥ ଆପଣ "କାଗଜ କଲମଦ୍ୱାରା ନିର୍ବାହ" ବୋଲି ଅନୁମାନ କରିଅଛନ୍ତି ଓ କଲର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ କେସି ସାହେବ ଯେ କେଉଁ କାରଣ ବଶତଃ ଇସଲାମ ଏସୋସିଏସନକୁ ଅଗ୍ରାହ୍ୟ କରିଅଛନ୍ତି ତାହା ମଧ୍ୟ ଆପଣ ବୁଝି ନାହାନ୍ତି; ଅତଏବ ଆପଣଙ୍କ ଓ ସର୍ବସାଧାରଣଙ୍କ ଗୋଚରାର୍ଥେ ନିମ୍ନଲିଖିତ କେତେକ ବିଷୟ ଲେଖିବାକୁ ବାଧ୍ୟ ହେଲୁଁ।

ମହାମାନ୍ୟ ଶ୍ରୀଯୁକ୍ତ ଗ୍ଳେଡଷ୍ଟୋନ ବାହାଦୁର ଗତସନ ଡିସେମ୍ବର ମାସରେ ଏ ନଗରରୁ ସ୍ଥାନାନ୍ତର ଗମନ କରିବା ସମୟେ ନଗରର ମୁସଲମାନମାନଙ୍କ ପକ୍ଷରୁ ଖଣ୍ଡିଏ ଅଭିନନ୍ଦନପତ୍ର ଦେବାର ପ୍ରସ୍ତାବ ହେଲା। ତହିଁରେ ସମ୍ପ୍ରଦାୟର ଅଧିକାଂଶ ବାହିତ ପ୍ରାୟ ସମସ୍ତ ମାନ୍ୟଗଣ୍ୟ ଲୋକଙ୍କର ଏକା ପ୍ରକାର ମତ ଓ ମୌଲବୀ ଅବଦୁଲ ସମଦ ଓ ମୌଲବୀ ନାଜର ମହମ୍ମଦଙ୍କ ଭିନ୍ନ ପ୍ରକାର ମତ ହେଲା ଓ ଇସଲାମ ଏସୋସିଏସନର ଅସ୍ତିତ୍ୱ ଓ କାର୍ଯ୍ୟକଳାପ ସେଇ ମଧ୍ୟ ଅନେକ ବାକ୍‌ବିତଣ୍ଡା ଉପସ୍ଥିତ ହେଲା। ଅବଶେଷେ ଦୁଇ ଖଣ୍ଡ ଅଭିନନ୍ଦନ ପତ୍ର କଲେକ୍ଟର ଭୂତପୂର୍ବ ମେଜିଷ୍ଟର ଶ୍ରୀଯୁକ୍ତ ଗ୍ଲାଡସ ସାହେବଙ୍କ ସମ୍ମୁଖରେ ଅନୁମୋଦନାର୍ଥେ ଆଗତ ହେଲା। ସାହେବ ମହୋଦୟ ଅଧିକାଂଶ ବ୍ୟକ୍ତିଙ୍କ ମତାନୁମତ ଅଭିନନ୍ଦନ ପତ୍ରକୁ ଅନୁମୋଦନପୂର୍ବକ ଶେଷୋକ୍ତ ଦୁଇ ବ୍ୟକ୍ତିଙ୍କ ବିରଚିତ ଅଭିନନ୍ଦନ ପତ୍ରକୁ ଅଗ୍ରାହ୍ୟ କଲେ।

ଏ ସ୍ଥଳେ ଏହା ମଧ୍ୟ ଉଲ୍ଲେଖ କରିବାର ଆବଶ୍ୟକ ଯେ ତହିଁର କିଛି ପୂର୍ବରୁ କଦମରସୁଲ ଦାରୋଗା ଓ ମଉଲବୀ ଅବଦୁଲ ସମଦଙ୍କ ମଧ୍ୟରେ ଏକ ଫୌଜଦାରୀ ମୋକଦ୍ଦମା ହୋଇ ଯାଇଥିଲା। ସେ ମୋକଦ୍ଦମାରେ ଶେଷ ଫଳ ଏଠାରେ ପ୍ରକାଶ କରିବାର ପ୍ରୟୋଜନ ନାହିଁ। ସଂକ୍ଷେପ କଥା ଏହି ଯେ ଶେଷୋକ୍ତ ଅଭିନନ୍ଦନ ପତ୍ରରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଦାରୋଗାଙ୍କ ବିରୁଦ୍ଧରେ କେତେକ କଥା ମଧ୍ୟ ଥିଲା କିନ୍ତୁ ଉଲ୍ଲିଖିତରୂପେ ଅଭିନନ୍ଦନ ପତ୍ର ଅଗ୍ରାହ୍ୟ ହେବାରୁ ବିଫଳକାମ ହୋଇ ଶେଷୋକ୍ତ ଦୁଇ ବ୍ୟକ୍ତି ଆପଣାର ଅଭିସନ୍ଧି ପରିପୂରଣାର୍ଥେ ଇସଲାମ ଏସୋସିଏସନ ନାମରେ ସ୍ୱେଚ୍ଛାମତ କାର୍ଯ୍ୟମାନ ଦ୍ୱିଗୁଣ ଉତ୍ସାହ ସହିତ କରିବାକୁ ଆରମ୍ଭ କଲେ। ଅନ୍ୟପକ୍ଷରେ ସମ୍ପ୍ରଦାୟର ଅଧିକାଂଶ ଲୋକ ଓ ଭୂତପୂର୍ବ ଇସଲାମ ଏସୋସିଏସନର ପ୍ରାୟ ସମସ୍ତ ସଭ୍ୟ ମିଳି ଉକ୍ତ ସଭାର ପୂର୍ବ ନାମ ପରିବର୍ତ୍ତନ କରି ତାକୁ "କଲିକତାର ମୁସଲମାନ ଜାତୀୟ ସଭାର ଶାଖା ସଭା" ନାମରେ ଅଭିହିତ କଲେ।

ଏପରି ଅବସ୍ଥାରେ ସମ୍ପାଦକ ମହାଶୟ! ଆପଣଙ୍କୁ ପ୍ରାର୍ଥନା ଯେ ଇସଲାମ ଏସୋସିଏସନ ସ୍ୱଜାତୀୟ ହିତସାଧନ ନିମନ୍ତେ ପ୍ରକୃତ ପ୍ରସ୍ତାବରେ କି କାର୍ଯ୍ୟ କରିଅଛି ତାହା ଆମ୍ଭମାନଙ୍କୁ ବୁଝାଇ ଦେବା ହେବେ। ଯେବେ କଦମରସୁଲ କଥା କହନ୍ତି ତେବେ ଆମ୍ଭର ଏତିକି ବକ୍ତବ୍ୟ ଯେ ତତ୍ସମ୍ବନ୍ଧେ କୌଣସି ସଭାର କିଛି କରିବାର ଲେଶମାତ୍ର ଆବଶ୍ୟକ ନ ଥିଲା; କେବଳ ସମ୍ପ୍ରଦାୟର ଦୁଇ ଗୋଟିଏ ବ୍ୟକ୍ତି ଉପଯୁକ୍ତ ଅଦାଲତରେ ଆଇନମତେ ନାଲିଶ କରିବାର ଆବଶ୍ୟକତା ଥିଲା ଏବଂ ଫଳେ ତାହାହିଁ ହୋଇଅଛି। ଫୌଜଦାରୀ ମକଦ୍ଦମା ଉପସ୍ଥିତ ହେବା ପୂର୍ବରୁ ମଉଲବୀ ଅବଦୁଲ ସମଦ କଦମରସୁଲ ସମ୍ବନ୍ଧରେ ତତ୍ପର ହୋଇଥିଲେ ଅବଶ୍ୟ ସାଧାରଣଙ୍କ ପ୍ରଶଂସା ଭାଜନ ହୋଇ ଥାନ୍ତେ *। ସଭା ସ୍ଥଳରେ ଦୁଇଜଣ ବ୍ୟକ୍ତି କେତେକ ଅଜ୍ଞ ଲୋକଙ୍କୁ ନାମ ମାତ୍ର ପାଖରେ ବସାଇ ତାଙ୍କ ତର୍କ ବିତର୍କରେ ଅକାଟ୍ୟରୂପେ ପ୍ରସ୍ତାବ ସଙ୍ଗେ ସଙ୍ଗେ ନିର୍ଦ୍ଧାରଣ କରିବା ଯେ କେତେ ଅଯୌକ୍ତିକ ସାପେକ୍ଷ ଏହା ବୋଧହୁଏ କାହାରିକି ବୁଝାଇ ଦେବାକୁ ହେବ ନାହିଁ।

* ଧିଠା ଖାଇବ କା ବଡ ଗରିବ। ସାଧାରଣଙ୍କର ସଙ୍ଗରେ ଆମ୍ଭମାନଙ୍କର ସମ୍ପର୍କ।

ପକ୍ଷାନ୍ତରେ ଅନ୍ୟ ସଭା କି କାର୍ଯ୍ୟ କରିଅଛି ତହିଁର ପ୍ରମାଣ ସ୍ୱରୂପ ଆମ୍ଭେ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ଏକ ପତ୍ରର ପ୍ରତିଲିପି ଏଥି ସମ୍ବଳିତ ପ୍ରେରଣ କଲୁଁ। କାର୍ଯ୍ୟ କରି ଘୋଷଣା କରିବାର ଯେବେହେଁ ଏ ସଭାର ଉଦ୍ଦେଶ୍ୟ ନ ଥିଲା ତଥାପି ଆପଣଙ୍କ ଭ୍ରମ ଦୂରୀକରଣାର୍ଥେ ତାହା ପ୍ରକାଶ କରିବାକୁ ପଡିଲା।

ମୁସଲମାନ ସଭା ପ୍ରସଙ୍ଗରେ ଆପଣ ଆମ୍ଭମାନଙ୍କ ଗୃହବିବାଦ ସମ୍ବନ୍ଧେ ଯେଉଁ ଉପଦେଶ ଦେଇଅଛନ୍ତି ତାହା ଆମ୍ଭମାନଙ୍କ ଶିରୋଧାର୍ଯ୍ୟ କିନ୍ତୁ କଏ କେଉଁ ପଥ ଅବଲମ୍ବନ କରି ଚଳନ୍ତି ଅଛି ତାହା ନିଶ୍ଚୟରୂପେ ନ ବୁଝି ଅଥବା ବୁଝିବାର ଚେଷ୍ଟା ନ କରି କୌଣସି ଦଳକୁ ଅଯଥା ପ୍ରଶ୍ରୟ ଦେଲେ ଯେ ଅବଶେଷେ ଆପଣଙ୍କର ପତ୍ରିକା କଳଙ୍କର ଭାଗିନୀ ହେବ ଏଥିରେ ବୋଧ ହୁଏ ଦ୍ୱିରୁକ୍ତି ନାହିଁ।

ଏଡ଼ିଦ୍ୟାଏଡ କଲେଜର ପାରସ୍ୟ ଶିକ୍ଷକ ସମ୍ବନ୍ଧେ ଆପଣଙ୍କ ଗତ ଅଗଷ୍ଟ ମାସ ତା ୨୬ ରିଖର ପତ୍ରିକାରେ ଆପଣ ଯେଉଁ ପ୍ରସ୍ତାବ କରି ଅଛନ୍ତି ଓ ଯେଉଁ ପ୍ରସ୍ତାବକୁ ମନୋମତ ପାଇ ଅମର ଇସଲାମ ଏସୋସିଏସନ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ନିକଟକୁ ଆବେଦନପତ୍ର ପଠାଇବାର ନିର୍ଦ୍ଧାରଣ କରିଗଲେ ତାହା ଦେଖି ଆମ୍ଭେମାନେ ଯତ୍ପରୋନାସ୍ତି ବିସ୍ମିତ ହେଲୁଁ। ଯେଉଁ ସମୟରେ ମଉଲବୀ ଅବଦୁଲ ସମଦ ଓ କଦମରସୁଲ ଦାରୋଗାଙ୍କ ମଧ୍ୟରେ ଫୌଜଦାରୀ ମକଦ୍ଦମା ହେବାର ଆମ୍ଭେ ପୂର୍ବେ ଉଲ୍ଲେଖ କରିଅଛୁଁ ସେହି ସମୟରେ ମଉଲବି ଅବଦୁଲ ସମଦ ଅନ୍ୟ କେତେକ ବ୍ୟକ୍ତିଙ୍କ ମଧ୍ୟରେ କଲେଜର ପାରସ୍ୟ ଶିକ୍ଷକଙ୍କ ନାମରେ ମଧ୍ୟ ଫୌଜଦାରୀରେ ନାଲିଶ ଉପସ୍ଥିତ କରିଥିଲେ। ଉକ୍ତ ମକଦ୍ଦମା ଡିସମିସ ହେବା ସମୟରେ ଯେଉଁ କଥା ମଉଲବୀ ଅବଦୁଲ ସମଦଙ୍କ ମୁଖରୁ ଭୟ ପ୍ରଦର୍ଶନ ସ୍ୱରୂପ ବାହାରିଥିଲା ଅବିକଳ ତଦନୁରୂପ ପ୍ରସ୍ତାବ ଯେ ଆପଣଙ୍କ ପତ୍ରିକା ମୁଖରୁ ବାହାରିଲା ଏହା ଦେଖି ଆମ୍ଭେମାନେ ଅତ୍ୟନ୍ତ ବିସ୍ମିତ ହୋଇଅଛୁଁ। କଲେଜିଏଟ ସ୍କୁଲର ପାରସ୍ୟ ଶିକ୍ଷକ ମଉଲବି ମହମଦ ମହସିନ ଯେ ତୃତୀୟ ଶ୍ରେଣୀର ଜଣେ ଅନୁତ୍ତୀର୍ଣ୍ଣ ଛାତ୍ର ଏହା ବୋଧ ହୁଏ ଏଠାରେ କାହାରିକି ଅବିଦିତ ନାହିଁ। ଏଣୁକରି କାର୍ଯ୍ୟର ଅସୁବିଧା ଯେ କାହିଁକି ଘଟିବ ତାହା ଆମ୍ଭେମାନେ ବୁଝି ପାରୁ ନାହୁଁ ସେ ଯାହା ହେଉ କଲେଜିଏଟ ସ୍କୁଲର ବର୍ତ୍ତମାନ ହିନ୍ଦୁ ଦ୍ୱିତୀୟ ଶିକ୍ଷକଙ୍କ ସ୍ଥାନରେ ଜଣେ ମୁସଲମାନ ଶିକ୍ଷକ ନିଯୁକ୍ତ ହୋଇ ପାରିବା ଅପେକ୍ଷା

କଲେଜର ପାରସ୍ୟ ଶିକ୍ଷକଙ୍କ ସ୍ଥାନରେ ମନୋନୀତ ପୁଣ୍ୟ ଏକ ଶିକ୍ଷକ ନିଯୁକ୍ତ ହୋଇ ଅଛିବା ଅପଣଙ୍କ ବଦେବତାରେ କପର ସହଜ ଦଶିଛି ତାହା ଗାମୁମାନଙ୍କର ବୁଦ୍ଧିର ଅଗମ୍ୟ † । ଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କ ନିକଟରେ ଉକ୍ତ ବିଷୟ କଥା ସମାନ ବରଂ ଅମ୍ଭମାନଙ୍କ ଜାଣିବାରେ ବି: ଏ ଶ୍ରେଣୀରେ ପାରସ୍ୟ ଓ ଆରବ୍ୟ ଭାଷାର ସମ୍ପୂର୍ଣ୍ଣ ଶିକ୍ଷା ଦେବା ଭଳି ଇଂରାଜୀ ଭଲ ଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ବଙ୍ଗପ୍ରଦେଶର ଶିକ୍ଷକମାନଙ୍କରେ ଅଳ୍ପ ଅଛନ୍ତି ।

କଟକ } ବଶମ୍ବଦ
୧୦।୯।୯୯ } ସଯ୍ୟଦ ମହମ୍ମଦ ଅଲି

No. 1618 G dated the 27th June 1899

From W. F. C. Montriou Esquire
Deputy Collector in charge.

To Mahmud Ali Secretary of the
Mosleum Association, Cuttack.

Sir,

With reference to your memorial to His Honor the Lieutenant Governor of Bengal a copy of which has been forwarded to me, I have the honor to inform you as follows:—

Para 4 of the memorial.

A Musalman Sub-Inspector of schools has already been appointed and posted to the Kendrapara Sub-Division.

Paras 5 & 6 ditto.

The Government orders referring to the administration of the Mohsin Fund have already been communicated to you in this office No. 1216 G of the 16th May last.

Para 7 ditto.

A proposal has already been submitted by the Superintendent of Telegraphs through his Department for opening a compound Post and Telegraph office at Jamboo.


## ମୂଲ୍ୟପ୍ରାପ୍ତି ।

ମହଣ୍ଡି ହେଡ଼ାଷ୍ଟର ଓଳାସ
ଶେଖ ଜମାଲ ମହମ୍ମଦ — କଟକ — ଟ ୧
ପଣ୍ଡିତ ଶ୍ରୀ ରତିକେଶର ବିଦ୍ୟାଭୂଷଣ — ଟ ୨
ବାବୁ ହରି ଚରଣ ରାମାୟଣ ସବ୍ ଓଭରସିୟର — ବସ୍ତପଦ୍ମ — ଟ ୩
„ ରଘୁନାଥ ରାୟ ମେନେଜରଙ୍କ ବରେସ — ଢେଙ୍କାନାଳ — ଟ ୩
„ ଯୋଗୀନାଥ ଠାକୁର — ମାର୍ଶାଘାଇ — ଟ ୩
„ ପି: ଅଡାୱାର୍ଡ — କମ୍ପ — ଟ ୩
„ ରସିକଲାଲ ମଜୁମଦାର — କଳାହାଣ୍ଡି — ଭବାନୀପାଟଣା — ଟ ୩


† ଯେ ଦୃଷ୍ଟିବା ସ୍ଥେଳର ବୁଝିବା ସହଜ ନୁହେଁ ।

# ବିଜ୍ଞାପନ ।

## ନୂତନ ପୁସ୍ତକ ।

| | |
|---|---|
| ମହାଭାରତ ଆଦ୍ୟ ପର୍ବ | ଟ ୨୲ |
| „ ମଧ୍ୟ ପର୍ବ | ଟ ୨୲ |

## FOR SALE.

A splendid tusker aged 29 years height 9ft. 4½ inches. For further information apply to the undersigned.

Manager's office Talcher 1—9—99. } Lala Ram Narayan Rai
*Head Clerk*
For Manager.

ଏକ ଉତ୍ତମ ଦନ୍ତା ହସ୍ତୀ ବୟସ ବ ୨୯ ଓ ଉଚ୍ଚ ଫୁ ୯ ଇ ୪½ ଇ ବିକ୍ରୟ ହେବ । କୌଣସି ବିଶେଷ ହାଲ ଜାଣିବାର ଆବଶ୍ୟକ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲେଖିବାକୁ ହେବ ।

ତାଳଚେର ମେନେଜର ଅଫିସ ତା ୧।୯।୯୯ } Lala Ram Narayan Rai
*Head Clerk*,
For Manager.

ସରକାରୀ ଖଜଣା ଟ ୫୦୦୯ ବା ବାକୀ ନିମନ୍ତେ ତଳଲିଖିତ ମାହାଲମାନ ପୁରୀ କଲେକ୍ଟରୀ କଚେରୀରେ ସନ ୧୮୯୯ ସାଲ ସେପ୍ଟେମ୍ବର ମାସ ତା ୨୫ ରିଖରେ ନିଲାମ ହେବ ।

ତଉଜି ନମ୍ବର ନାମ ମାହାଲ

ନଂ ୧୧୫ ମ୍ବର । ମୌ । ଜନ୍ମଧରଣ । ସ୍ତ୍ରୀ । ଓଲଧାର
ମୋଫସଲଜମା ଟ ୪୩୮୮/୯
ସଦରଜମା ଟ ୨୬୯।୵୪
ମୁନାଫା ଟ ୧୬୨୯।୵୫

ନଂ ୪୧୯ ମ୍ବର । ମୌ । ଗୁଜପୁର । ସ୍ତ୍ରୀ । ପଶ୍ଚିମ ଡୋବାଇ
ମୋଫସଲଜମା ଟ ୩୪୯।
ସଦରଜମା ଟ ୧୮୧।୵
ମୁନାଫା ଟ ୧୬୭୩୶

ନଂ ୧୬୯ ମ୍ବର । ମୌ । ଗୁଜପୁର । ସ୍ତ୍ରୀ । ପଶ୍ଚିମ ଡୋବାଇ
ମୋଫସଲଜମା ଟ ୯୮୯୲/୬
ସଦରଜମା ଟ ୫୮୫।୵୨
ମୁନାଫା ଟ ୪୦୭।୵୪

ନଂ ୨୮୮ ମ୍ବର । ମୌ । ଦୁର୍ଗାପୁର । ସ୍ତ୍ରୀ । ପଶ୍ଚିମ ଡୋବାଇ
ମୋଫସଲ ଜମା ଟ ୬୩୫୲/୩
ସଦରଜମା ଟ ୪୦୫
ମୁନାଫା ଟ ୨୩୲/୩

ପୁରୀ } ଗାଲବର୍ଟ ବୋଷ
୬।୯।୯୯ } କଲେକ୍ଟର

INDIA GENERAL NAVIGATION & RAILWAY Co. LD.
AND
MESSRS. MACNEILL & Co.

## NOTICE.

The above Companies' Canal Steamers leave Cuttack for Chandbally (where passengers tranship to the Cuttack Steamers) every Sunday, Wednesday, and Friday at 9 A. M.

Cuttack 2—9—99. } H. J. BELL,
*Joint Agent.*

## ବିଜ୍ଞାପନ ।

ଉପରଲିଖିତ କୁମ୍ପାନୀମାନଙ୍କ କେନାଲ ବାଟେ ଜାହାଜ ପ୍ରତ୍ୟେକ ରବିବାର ବୁଧବାର ଓ ଶୁକ୍ରବାର ପ୍ରାତଃ ଘ ୯ ଟା ସମୟରେ ଯୋବରା ଘାଟଠାରୁ ଛାଡ଼ିବ ।

କଟକ ୨।୯।୯୯ } H. J. BELL,
*Joint Agent*

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ନିମ୍ନଲିଖିତ ସମସ୍ତ କାଞ୍ଜି ହାଉସ (ପାଉଣ୍ଡ) ସନ ୧୮୯୯ ମସିହା ଡିସେମ୍ବର ମାସ ତା ୧୯ ରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ବ ୧।୬ ମାସ ନିମନ୍ତେ ସନ ୧୮୯୯ ମସିହା ସେପ୍ଟେମ୍ବର ମାସ ତା ୧୬ ରିଖ । ମୁ । ସନ ୧୩୦୭ ସାଲ ଆଶ୍ୱିନ ମାସ ଦ ୨ ନ ଶନିବାର ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଭାବେ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି ସେମାନେ ନିଜେ ନିଜେ ଉପରଲିଖିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଅଥବା କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର କରାଯିବ ଏବଂ ନିଲାମ ଉଚ୍ଚଡାକ ହେଉଥିବାରୁ ଅର୍ଥାତ୍ ନିଲାମ ଡାକ ଶେଷ ହେଲା ଷଣି ନିଲାମୀ କରସମଗ୍ର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ବାକି କରସମଗ୍ର କରୁଥିବ କିସ୍ତି ଅନୁ-

Digitized by srujanika@gmail.com

ଖାରେ ଦାଖଲ କରବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା କିସ୍ତି ଶେଷ ହେବା ମାତ୍ର ଦାଖଲ ନ ହେଲେ ଯାନ କିସ୍ତି ଜବତ ହେବ ଓ ପ୍ରତ୍ୟେକ କ୍ୱାଟରର ଖଜଣା ସେହି କ୍ୱାଟରର ପ୍ରଥମ ତାରିଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ନାହିଁ ଯେ ଯେତ ହେବ ତାହା ନୂଚିକାରଙ୍କୁ ଦେ... ହେବ । କିସ୍ତି ସ୍ଥିର ହେଲାରୁ ...ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ଼ ...ରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱାଭିମତେ କବୁଲିୟତି ଲେଖିଦେଇ ରେଜଷ୍ଟାରୀ କରିଦେବେ । ଉପରୋକ୍ତ କିସ୍ତି ଆଦି ସମ୍ପର୍କୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ଼ ଅଫିସରେ ହାଜର ହୋଇ ବୁଝି ପାରିବେ । ଇତି ।

ଥାନା ଭଦ୍ରୋଲ ।

କଟକପୁର

ପ୍ରକାଶ ଥାଉ କି କାଞ୍ଜିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ଡାକ ପାରିବେ ଓ ତଦନ୍ତରେ ଯଦ୍ୟପି ନୀଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତାଙ୍କର ଡାକ ଜବତ ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ରକ୍ଷକ ଭଦ୍ର ଓ ସଙ୍ଗତିପନ୍ନ ଲୋକଙ୍କୁ ସାମୀ ରକ୍ଷୀ କରାଯିବ ।

GOKULANAND CHOWDHURY.
*Chairman*
*Sader Local Board*

---

ମୂଲ୍ୟ ସୁଲଭ ! ଦ୍ରବ୍ୟ ସୁନ୍ଦର !

## ବନାରସି

ବିଶେଷ-ସୁବିଧା ।

ଶାଢ଼ୀ, ଧୋତି, ଇତ୍ୟାଦି ଆମ୍ଭର କୋଠିରେ ସର୍ବଦା ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ଯାହାଙ୍କର ଯେମନ୍ତ ପସନ୍ଦ ସେ ତେମନ୍ତ ଜିନିଷ ପାଇବେ ଏବଂ ଭିନ୍ନ ଭିନ୍ନ ପ୍ରକାର ବସ୍ତ୍ର ଦେଲେ ଅବିଳମ୍ବେ ପ୍ରସ୍ତୁତ କରି ଦେବାର ବନ୍ଦୋବସ୍ତ ରହିଅଛି । ଅଳ୍ପ ବା ଅଧିକ ପରିମାଣର ଜିନିଷ ଯୋଗାଇବାକୁ ସମାନରୂପ ମନୋଯୋଗୀ । ବସ୍ତ୍ରସଙ୍ଗେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ପଠାଇବା ଆବଶ୍ୟକ । ଅଧିକ ପରିମାଣରେ ଯେଉଁମାନେ ଜିନିଷ ଖରିଦ କରିବେ ସେମାନେ ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ମାରଫତରେ ପଠାଇ ପାରୁଁ ଅଥବା ସ୍ୱୟଂ ଯିବାକୁ ପ୍ରସ୍ତୁତ ।

ରାଜା, ଜମିଦାର ଓ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ଆମ୍ଭର କାରବାର ବହୁକାଳରୁ ରହିଅଛି ଆମ୍ଭର ବ୍ୟବହାର କେମନ୍ତ ଖାଣ୍ଟି ଏବଂ ଜିନିଷ କେମନ୍ତ ଉତ୍କୃଷ୍ଟ ଓଡ଼ିଶାଅନ୍ତର୍ଗତ ବୌଦ, ନୟାଗଡ଼, ଆଠମଲ୍ଲିକ, ସରାଇକଲା ଏବଂ ମାନ୍ଦ୍ରାଜାନ୍ତର୍ଗତ ଇଜାନଗର, ମଞ୍ଜୁଷାପ୍ରଭୃତି ରାଜାମାନଙ୍କୁ ଉତ୍ତମରୂପେ ଜଣାଅଛି । ଯାହାର ଇଚ୍ଛା ହେବ ସେ ଅନୁସନ୍ଧାନଦ୍ୱାରା ଜାଣିପାରିବ ।

ଡାକଯୋଗେ ପତ୍ର ପଠାଇ ମାଲ ମଗାଇଲେ କେଉଁ ସ୍ଥାନକୁ କି ଉପାୟରେ ( ଅର୍ଥାତ ଡାକଯୋଗେ କି ରେଲଦ୍ୱାରା ) ପଠାଇବାକୁ ହେବ ଲେଖିବା ଉଚିତ । ଓଡ଼ିଶାସହିତ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ଅତଏବ ଓଡ଼ିଆରେ ପତ୍ର ଲେଖିଲେ ଚଳିବ କିନ୍ତୁ ଲଫାଫା ଉପରେ ଅମ୍ଭର ନାମ ଏବଂ ଠିକଣା ହିନ୍ଦି ଅଥବା ଇଂରାଜୀରେ ଲେଖିଲେ ନିର୍ବିଘ୍ନରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପ୍ରେରିତ ହୁଏ ପସନ୍ଦ ନ ହେଲେ ଫେରତ ନେଉଁ ।

ଶ୍ରୀ ଗୋପାଲ ଦାସ ମୁରଲୀଧର
ମହଲ୍ଲ ସିଦ୍ଧେଶ୍ୱରୀ ବନାରସ ସିଟି

---

## ନୂତନ ! ନୂତନ ! ନୂତନ !

## ସହଜ ଇଂରାଜୀଶିକ୍ଷା ।

An Easy guide to Translation from Cria to English

ଶ୍ରୀ ବିଶ୍ୱନାଥ ମିଶ୍ର ପ୍ରଣୀତ

ଓଡିଶା, ଗଞ୍ଜାମ, ସମ୍ବଲପୁର ପ୍ରଭୃତିର ଉଚ୍ଚ ଇଂରାଜୀ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କ ପଠନୋପଯୋଗୀ । ସାଧାରଣ ଲୋକେ ଅତି ସହଜରେ ଏଥିରୁ ଇଂରାଜୀ ଶିକ୍ଷା କରିପାରିବେ । ଶିକ୍ଷାବିଭାଗୀୟ ଇନ୍‌ସ୍ପେକ୍ଟର ପ୍ରିନ୍‌ସିପାଲ ପ୍ରଭୃତି ଭଲ ମତ ଦେଇଅଛନ୍ତି । ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଓ କଲେଜ ଗଳିରେ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ମିଳିବ ।

---

**NOTICE.**

Wanted an Uriya Proof Reader and Uriya compositors for the Newul Kisore Press, Lucknow. Applications with copies of testimonials and statement of terms should be made to proprietor, Newul Kishore Press Lucknow.

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

---

( ଦୀର୍ଘକାଳର ପରୀକ୍ଷିତ । )

## ଯାଦୁର ଅବ୍ୟର୍ଥ ମହୌଷଧ ।

( ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣା ମାତ୍ର )

ଯେ କେହି ଯେ କୌଣସି ପ୍ରକାର ଯାଦୁ ରୋଗରେ ଆକ୍ରାନ୍ତ ସେ ଥରେ ଏହି ଔଷଧ ନେଇ ସେହି ବିଦ୍ରୂରେ ବ୍ୟବହାର କରନ୍ତୁ । ଜ୍ୱାଳା, ଯନ୍ତ୍ରଣା ହୀନ ଏମନ୍ତ ମହୋପକାରୀ ପୁଣି ନିର୍ଦ୍ଦୋଷ ଔଷଧ ଏଯାଏ ଆଉ ଦ୍ୱିତୀୟ ବାହାର ନାହିଁ । ଏହି ଔଷଧର ଆଶ୍ଚର୍ଯ୍ୟ ରୋଗ ଉପଶମକାରୀ ଗୁଣର ଉପକାରିତା ଶତ ଶତ ବ୍ୟକ୍ତି ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଶଂସାପତ୍ର ଦେଇଅଛନ୍ତି । ସେ ସମସ୍ତ ପ୍ରଶଂସା ପତ୍ର ସ୍ୱତନ୍ତ୍ର ମୁଦ୍ରିତ ହୋଇ ରହିଅଛି, କାହାର ଆବଶ୍ୟକ ହେଲେ ଲେଖିବା ମାତ୍ରେ ପ୍ରେରିତ ହେବ

ଔଷଧ ଗ୍ରହଣାର୍ଥୀ ମାତ୍ରକେ ଆପଣା୨ ନାମ, ଧାମ, ଡାକଘର, ଜିଲ୍ଲା ଏବଂ କାହାର କେତେ ଡବା ଆବଶ୍ୟକ ଏସବୁ ସ୍ପଷ୍ଟକରି ନିମ୍ନ ଠିକଣାକୁ ପତ୍ର ଲେଖିବେ । ଏକାବେଳକେ ଯେଉଁମାନେ ଛଗୋଟା ଡବାରୁ ଊର୍ଦ୍ଧ୍ୱ ନେବେ ସେମାନଙ୍କ ସମ୍ବନ୍ଧରେ ବିଶେଷ ସୁବିଧା ଅଛି ।

ଶ୍ରୀରାମତାରକ ସେନ
ଦେଶଙ୍କ ଉତ୍କଳପ୍ରେସ; ବାଲେଶ୍ୱର ।

---

## ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା,

ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ରାୟଗଡ଼, ସରେଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୌପି, ଶେଗା, ବଂଶାପ, ବାସ୍ତା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହିଁଡ ଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛତା ସୁତା ରୁପାର ବାସନ, ହାତୀର ହାଉଦା ପ୍ରଭୃତି ବସ୍ତୁ ଅନୁସାରେ ତିଆର କରାଇ ଦେଉଁ । ବସ୍ତୁ ନେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ତେବେ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ରେଲ୍‌ୱେପେବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ମଇ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ । କେବଳ ଅନେକ ବିକାରୁ ଔଷଧ ଆମଦାନୀ ହୁଏ ଶଣି କର୍କ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ ବଲେସ୍ ବାକସ ପୁସ୍ତକ ବ୍ୟାମ୍ପାର ଉପାର ସଜ୍ଜ ୧୨, ୨୪, ୩୦, ୪୮ ଶିଶି ୨, ୩, ୫୪/, ଟ ଔଷଧ ଉପଯୋଗ ବାକସ ୧୨, ୨୪, ୩, ୪୯ ୦, ୬୨ ୧୪ ଶିଶ ୨.୩ ୩, ୩ ୬ ୬, ୧୧୫ ।

# ଆୟୁର୍ବେଦୀୟ ଔଷଧାଳୟ ।

## ପ୍ରମେହସୁଧା ଗନେରିଆର ଅବ୍ୟର୍ଥ ମହୌଷଧ ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନେରିଆ) ଖଣ୍ଡଜଳ ତୁଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ । ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ନିବୃତ୍ତ ହୁଏ ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ ।

## ଅମୃତାଦିକଷାୟ ବା ଦେଶୀ ସାଲସା ।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇଅଛି । ଏଥିରେ ଏପରି କେତେଗୁଡ଼ିଏ ଶାଖବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ । ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ ବାତରକ୍ତ, ଆମବାତ, ବିସ୍ଫୋଟକ, ଗଣ୍ଡମାଳ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ନିବୃତ୍ତ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ । ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ ।

ଏକଶିଶିର ମୂଲ୍ୟ ଟ ୧, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ ୷ ।

## ବୃହଦଶ୍ୱଗନ୍ଧାରସାୟନ ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ । ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ନିବୃତ୍ତି କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ ।

ଏକଶିଶିର ମୂଲ୍ୟ ଟ ୨୲, ଭି, ପି, ଟ ୦୶ ପ୍ୟାକିଂ ଟ ୦ ୶ ଡାକମାସୁଲ ଟ ୦ ୷ ।

## ସ୍ୱପ୍ନସୁଧା ।

ସ୍ୱପ୍ନଦୋଷ ଯେ ଗୋଟିଏ ଭୟ... ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ... ଏହା ଅବଗତ ଅଛନ୍ତି । ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ, ଖଣ୍ଡଜଳବତ୍ ପ୍ରସ୍ରାବ ପ୍ରଭୃତି ନିବୃତ୍ତ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୶, ପ୍ୟାକିଂ ଟ ୦ ୶, ଡାକମାସୁଲ ଟ ୦ । ।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସୁନା ରୂପା ଲୁହା ପ୍ରଭୃତିର ଭସ୍ମାଦି ଚିକିତ୍ସାର୍ଥ ସର୍ବଦା ପ୍ରସ୍ତୁତ ଥାଏ । ମଫସଲର ରୋଗିମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ । ଔଷଧପାଇଁ ଲେଖିଲେ ଭି ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟିକାଠାରୁ ଘ ୮ ଟିକା ପର୍ଯ୍ୟନ୍ତ କବିରାଜ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରା ହୁଏ ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ ।

କବିରାଜ ଶ୍ରୀ ଶାରଦାପ୍ରସାଦ ଦାସ ଗୁପ୍ତ
କବିରଞ୍ଜନ, ବାଲୁବଜାର କଟକ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ, ତଳଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୶
ଅର୍ଦ୍ଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଶର୍ତ୍ତ ଟ ୦ ୷ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶତକ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଉତ୍କଳ ପ୍ରିଣ୍ଟିଂ କମ୍ପାନି "ଲିମିଟେଡ୍"ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com